# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଡିସେମ୍ବର ୨୪/୨୦୨୨ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, December 24/2022 Page 20 ₹ 7.00 ★★★★

୪୯ଶ ଭାଗ ୩୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar VOLUME 49 ISSUE 31 ମୂଲ୍ୟ ₹୭/-


# ୧୬ ଯବାନ ମୃତ

## ଖାଇକୁ ଖସିଲା ସେନା ଟ୍ରକ୍



ନୂଆଦିଲ୍ଲୀ,୨୩।୧୨

ଭାରତୀୟ ସେନାର ଏକ ଟ୍ରକ୍ ଶୁକ୍ରବାର ସକାଳେ ଉତ୍ତର ସିକିମର ଜେମାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରକ୍‌ଟି ଏକ ଖାଇକୁ ଖସିପଡ଼ିବାରୁ ସେଥିରେ ଥିବା ୨୦ ଯବାନଙ୍କ ମଧ୍ୟରୁ ୧୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଜଣ ଜୁନିୟର କମିଶନ୍‌ଡ ଅଫିସର (ଜେସିଓ) ଥିଲେ। ଆହତ ଅନ୍ୟ ୪ ଯବାନଙ୍କୁ ଏୟାରଲିଫ୍ଟ କରି ହସ୍ପିଟାଲକୁ ଚିକିତ୍ସା ପାଇଁ ନିଆଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ସମେତ ଅନେକ ବିଶିଷ୍ଟ ବ୍ୟକ୍ତି ଦୁର୍ଘଟଣାରେ ପ୍ରାଣ ହରାଇଥିବା ଯବାନଙ୍କ ଉଦ୍ଦେଶ୍ୟରେ ଶୋକ ବ୍ୟକ୍ତ କରିଛନ୍ତି।

ସିକିମର ଚଟେନରୁ ଶୁକ୍ରବାର ସକାଳେ ଥଙ୍ଗୁ ଅଭିମୁଖେ ସେନାର ୩ଟି ଟ୍ରକ୍ ଯାତ୍ରା କରୁଥିଲା। ପୂର୍ବାହ୍ନ ୮ଟାରେ ତହିଁରୁ ଗୋଟିଏ ଟ୍ରକ୍ ଜେମା ୩ ଅଞ୍ଚଳର ଏକ ବୁଲାଣିରେ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଭାରତ-ଚାଇନା ସୀମାନ୍ତ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିବା ପରେ ଉକ୍ତ ଟ୍ରକ୍ ଶତାଧିକ ଫୁଟ୍ ତଳେ ଥିବା ଏକ ଖାଇରେ ପଡ଼ି ଭାଙ୍ଗିରୁଜି ଚୂରମାର ହୋଇଯାଇଛି। ଏହି ବିଷୟ ଜଣାପଡ଼ିବା ପରେ ତତ୍କାଳ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ୩ ଜେସିଓ ଏବଂ ୧୩ ଯବାନଙ୍କ ମୃତଦେହ ଠାବ ହୋଇଥିବାବେଳେ ଅନ୍ୟ ୪ ଆହତ ଯବାନଙ୍କୁ ଉଦ୍ଧାର କରାଯାଇଥିବା ସେନା ପକ୍ଷରୁ ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ଆହତ ଯବାନମାନଙ୍କୁ ପଶ୍ଚିମବଙ୍ଗର ଉତ୍ତର ଭାଗରେ ଥିବା ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଚିକିତ୍ସାଧୀନ ଯବାନଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ କିଛି ସୂଚନା ମିଳିପାରି ନାହିଁ। ୧୬ ମୃତଦେହକୁ ଗ୍ୟାଙ୍ଗଟକ୍‌ର ଏସ୍‌ଟିଏନ୍‌ଏମ୍ ହସ୍ପିଟାଲକୁ ବ୍ୟବଚ୍ଛେଦ ପାଇଁ ନିଆଯାଇଛି।

ଏନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟୁଇଟ୍ କରି ମୃତକଙ୍କ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଆହତ ଯବାନମାନଙ୍କ ତ୍ୱରିତ ଆରୋଗ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଟୁଇଟର ହ୍ୟାଣ୍ଡେଲରେ ମୋଦି ଲେଖିଛନ୍ତି, ବୀର ଯବାନମାନଙ୍କ ମୃତ୍ୟୁରେ ମର୍ମାହତ। ସେମାନଙ୍କ ପରିବାରକୁ ସମବେଦନା। ଆହତମାନେ ଶୀଘ୍ର ସୁସ୍ଥ ହେବେ ବୋଲି ଆଶା। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ମଧ୍ୟ ବୀର ଯବାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଶହୀଦମାନଙ୍କ ସେବା ଓ ପ୍ରତିଶ୍ରୁତିବଦ୍ଧତା ପ୍ରତି ଦେଶ ଋଣୀ ହୋଇ ରହିବ ବୋଲି ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି। ଆହତ ଯବାନମାନଙ୍କୁ ଯଥାସମ୍ଭବ ଡାକ୍ତରୀ ସୁବିଧା ପ୍ରଦାନ କରାଯାଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିବା ସହ ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ପ୍ରସ୍ତୁତ ରହିବାକୁ ସବୁ ହସ୍ପିଟାଲକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)



ବିଦେଶରେ କରୋନାର ନୂଆ ଭାରିଆଣ୍ଟ ବ୍ୟାପୁଛି। ଏବେ ଚାଇନାରେ ଭୟାବହ ପରିସ୍ଥିତି ସୃଷ୍ଟି କରିଥିବା ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ବିଏଫ୍.୭ ଭୂତାଣୁ ଭାରତରୁ ମଧ୍ୟ ମିଳିଛି। ତେବେ ଓଡ଼ିଶାରୁ ଏଥିରେ ଜଣେ ଆକ୍ରାନ୍ତ ହୋଇଥିବା ରିପୋର୍ଟ ପ୍ରକାଶ ପାଇବା ପରେ ରାଜ୍ୟ ସରକାର ତତ୍ପର ହୋଇଉଠିଛନ୍ତି। ଏହାର ମୁକାବିଲା ପାଇଁ ଶୁକ୍ରବାର ଲୋକସେବା ଭବନରେ ସମୀକ୍ଷା ବୈଠକ ବସିଥିଲା। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ସରକାର ଗାଇଡ୍‌ଲାଇନ ଜାରି କରିଛନ୍ତି। ମାସ୍କ ପିନ୍ଧିବା, ହାତ ଧୋଇବା, ଲକ୍ଷଣ ଦେଖାଗଲେ ଗୃହରେ ଅନ୍ୟମାନଙ୍କଠାରୁ ଅଲଗା ରହିବା ଏବଂ ସର୍ବସାଧାରଣ ସ୍ଥଳରେ ଛେପ ନ ପକାଇବା ପାଇଁ ସରକାର ପରାମର୍ଶ ଦେଇଛନ୍ତି। ଏଥିସହ ସବୁ ହସ୍ପିଟାଲକୁ ପ୍ରସ୍ତୁତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଟେଷ୍ଟିଂ ଜାରି ରଖିବା ସହ ରାଜ୍ୟରେ ଜିନୋମ ସିକ୍ୱେନ୍ସିଂକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ହୋଇଛି। ବର୍ତ୍ତମାନ ଭୁବନେଶ୍ୱରର ଆଇଏଲ୍‌ଏସ୍ ଓ ଆର୍‌ଏମ୍‌ଆର୍‌ସିଠାରେ ଏହି ସୁବିଧା ରହିଛି। ଖୁବ୍‌ଶୀଘ୍ର କଟକ ଏସ୍‌ସିବିରେ ଏହି ସୁବିଧା ମିଳିପାରିବ। ଅନ୍ୟସବୁ ଜିଲା ମଧ୍ୟ ଆଇଏଲ୍‌ଏସ୍ ଓ ଆର୍‌ଏମ୍‌ଆର୍‌ସିକୁ ଜିନୋମ ସିକ୍ୱେନ୍ସିଂ ପାଇଁ ନମୁନା ପଠାଇପାରିବେ। ପ୍ରଥମ ପର୍ଯ୍ୟାୟରେ ୩ ପ୍ରମୁଖ ମେଡିକାଲ କଲେଜ ଏସ୍‌ସିବି, ଏମ୍‌କେସିଜି ଓ ବୁର୍ଲା ମେଡିକାଲରେ ୨୦ ଲେଖାଏ ବେଡ୍ ପ୍ରସ୍ତୁତ ରଖିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିରେ ୧୫ଟି ଅକ୍ସିଜେନ ବେଡ୍ ଓ ୫ଟି ଆଇସିୟୁ ବେଡ୍ ରହିବ। ସ୍ଥିତି ଅନୁସାରେ ବେଡ୍ ସଂଖ୍ୟା ଆଉ ୨୦ ବୃଦ୍ଧି ହେବ। ସେହିଭଳି ସବୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୦ଟି ଲେଖାଏ ଅକ୍ସିଜେନ ସୁବିଧା ଥିବା ବେଡ୍ ପ୍ରସ୍ତୁତ ରଖାଯିବ। ରୋଗୀ ସଂଖ୍ୟା ବଢ଼ିଲେ କିଭଳି ଚିକିତ୍ସା ବ୍ୟବସ୍ଥା ହେବ ସେଥିପାଇଁ ଭୁବନେଶ୍ୱରସ୍ଥିତ କ୍ୟାପିଟାଲ୍ ହସ୍ପିଟାଲ, ରାଉରକେଲା ସରକାରୀ ହସ୍ପିଟାଲ ସମେତ ☞ପୃଷ୍ଠା-୪

### ଫେରିଲା କରୋନା ଗାଇଡ୍‌ଲାଇନ୍ସ

- ଲକ୍ଷଣ ଥିଲେ ଆଇସୋଲେଶନରେ ରହିବାକୁ ପରାମର୍ଶ
- ଔଷଧ, ବେଡ୍, ଅକ୍ସିଜେନ ମହଜୁଦ ରଖିବାକୁ ନିଷ୍ପତ୍ତି
- ହକି ବିଶ୍ୱକପ୍ ପାଇଁ ୩ ସହରରେ ଅଧିକ ଟେଷ୍ଟିଂ ବ୍ୟବସ୍ଥା

### ବିଶ୍ୱକପ୍ ହକି ପାଇଁ ଭାରତୀୟ ଦଳ ଘୋଷଣା

ହରମନପ୍ରୀତ ସିଂ ଅଧିନାୟକ, ଅମିତ ରୋହିଦାସ ଉପଅଧିନାୟକ

### ଆଇପିଏଲ୍ ନିଲାମ

କୁରାନ୍ ସବୁଠୁ ଦାମୀ ଖେଳାଳି

୧୯

ସୂଚନା: ଅନିବାର୍ଯ୍ୟ କାରଣବଶତଃ ଏ ସପ୍ତାହର 'ସାହିତ୍ୟାୟନ' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

### ଆଜିର ସମ୍ପାଦକୀୟ

ନୂଆ ଦାୟିତ୍ୱ ଅପେକ୍ଷାରେ

### ଆଜିର ମନ୍ତବ୍ୟ

"ଦିଲ୍ଲୀରେ ପ୍ରବେଶ କରିବାକୁ ଥିବା ଭାରତ ଯୋଡ଼ୋ ଯାତ୍ରାକୁ ବଦନାମ କରିବା ସହ ବନ୍ଦ ଲାଗି କେନ୍ଦ୍ର ସରକାର କୋଭିଡ୍ ଡ୍ରାମା ସୃଷ୍ଟି କରିଛନ୍ତି।
-ଜୟରାମ ରମେଶ, କଂଗ୍ରେସ ନେତା






# ଅଚ୍ୟୁତଙ୍କୁ ୫୦ତମ ଡକ୍ଟରେଟ୍ ଡିଗ୍ରୀ



ଡ. ଅଚ୍ୟୁତ ସାମନ୍ତଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳାଧିପତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରୁଛନ୍ତି।

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷାବିତ୍, ସାମାଜିକ କର୍ମୀ, କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା କନ୍ଧମାଳ ଏମ୍‌ପି ଡ. ଅଚ୍ୟୁତ ସାମନ୍ତଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡି.ଲିଟ୍ ଡିଗ୍ରୀ ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟର ୫୨ତମ ସମାବର୍ତ୍ତନ ଉତ୍ସବରେ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି ଜଷ୍ଟିସ ଭି. ଗୋପାଳ ଗୌଡ଼ା, ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ବିଷ୍ଣୁପଦ ସେଠୀ ଓ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ ଉପସ୍ଥିତିରେ କୁଳାଧିପତି ତଥା ଓଡ଼ିଶା ରାଜ୍ୟପାଳ ପ୍ରଫେସର ☞ପୃଷ୍ଠା-୪

# ବର୍ଷେ ଯାଏ ମାଗଣା ରାଶନ

ନୂଆଦିଲ୍ଲୀ,୨୩।୧୨

ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (ଏନ୍‌ଏଫ୍‌ଏସ୍‌ଏ)ରେ ଦେଶର ୮୧.୩୫ କୋଟି ଗରିବ ହିତାଧିକାରୀଙ୍କୁ ଆଉ ବର୍ଷେ ମାଗଣା ରାଶନ ମିଳିବ। କେନ୍ଦ୍ର ସରକାର ମାଗଣା ରାଶନ ଯୋଗାଣକୁ ଆଉ ବର୍ଷେ ବଢ଼ାଇବା ଲାଗି ଶୁକ୍ରବାର ନିଷ୍ପତ୍ତି ନେଇଛନ୍ତି। ଏନ୍‌ଏଫ୍‌ଏସ୍‌ଏରେ ଏବେ ହିତାଧିକାରୀ ପରିବାରକୁ ପ୍ରତିମାସରେ ମୁଣ୍ଡପିଛା ୫ କିଲୋଗ୍ରାମ ଚାଉଳ କିମ୍ବା ଗହମ ୨/୩ ଟଙ୍କାରେ ଯୋଗାଇ ଦିଆଯାଉଛି। ଏହା ବ୍ୟତୀତ ଅନ୍ତ୍ୟୋଦୟ ଅନ୍ନ ଯୋଜନା ହିତାଧିକାରୀ ପରିବାରକୁ ମାସିକ ☞ପୃଷ୍ଠା-୪

# ପୋଖରୀରେ ବୁଡ଼ି ୩ ନାବାଳକ ମୃତ

ରାଜନଗର, ୨୩।୧୨(ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ରାଜନଗର ଥାନା ସାତଭାୟା ଥଇଥାନସ୍ଥଳ ବଗପାଟିଆ ଗାଁରେ ଶୁକ୍ରବାର ପୋଖରୀରେ ବୁଡ଼ି ୩ ନାବାଳକଙ୍କ ମୃତ୍ୟୁ ଘଟିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଏବେ ବଡ଼ଦିନ ଛୁଟି ଚାଲିଛି। ପିଲାମାନଙ୍କୁ ବଣଭୋଜି କରି ଛୁଟି କଟାଇବା ନିଶା ଘାରିଛି। ସାତଭାୟା ଥଇଥାନସ୍ଥଳରେ ଥିବା ମା' ପଞ୍ଚୁବରାହୀ ଉଚ୍ଚ ବିଦ୍ୟାଳୟର ୭ମ ଶ୍ରେଣୀରେ ପଢୁଥିବା ବଗପାଟିଆ ଗାଁର ସୁଶାନ୍ତ ରାଉତଙ୍କ ☞ପୃଷ୍ଠା-୪

# ବିକିନି କିଲର୍ ମୁକ୍ତ

କାଠମାଣ୍ଡୁ,୨୩।୧୨



ଚାର୍ଲ୍ସ ଶୋଭରାଜ

'ଦି ସର୍ପେଣ୍ଟ' ନାମରେ କୁଖ୍ୟାତ ଫରାସୀ ସିରିଏଲ୍ କିଲର ଚାର୍ଲ୍ସ ଶୋଭରାଜ ଶୁକ୍ରବାର ନେପାଳ ଜେଲରୁ ମୁକ୍ତ ହୋଇଛନ୍ତି। ନେପାଳ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ଖଲାସ କରି ଫ୍ରାନ୍ସକୁ ପ୍ରତ୍ୟର୍ପଣ କରାଯାଇଛି। ୧୯୭୦ ଦଶକରେ ଏସିଆରେ ବହୁ ହତ୍ୟାକାଣ୍ଡର ଷଡ଼ଯନ୍ତ୍ର ରଚିଥିବା ୭୮ ବର୍ଷୀୟ ଚାର୍ଲ୍ସ ନେପାଳୀ ଜେଲରେ ୨୦ ବର୍ଷ ଧରି ଦଣ୍ଡ ଭୋଗିସାରିଛନ୍ତି। ତାଙ୍କୁ ଏକ ବ୍ଲୁ ପୋଲିସ ଗାଡ଼ିରେ ଜେଲରୁ ମୁକ୍ତ କରିବା ପରେ ଅପ୍ରବାସନ ଅଟକକେନ୍ଦ୍ରକୁ ନିଆଯାଇଥିଲା। ସେଠାରୁ ଚାର୍ଲ୍ସଙ୍କୁ ସନ୍ଧ୍ୟା ୬ଟାରେ କାତାର ଏୟାରୱେଜ୍‌ର ଏକ ବିମାନ ଜରିଆରେ ପ୍ରତ୍ୟର୍ପଣ କରାଯାଇଥିବା କୁହାଯାଇଛି।

ଚାର୍ଲ୍ସ ଶୋଭରାଜଙ୍କ ବାପା ଜଣେ ଭାରତୀୟ ଓ ମା' ଭିଏତ୍‌ନାମ ନାଗରିକ ଥିଲେ। ବିକିନି କିଲର୍ ନାମରେ ପରିଚିତ ଏହି ଚାଲାକ ଚତୁର ଅପରାଧୀ ୧୯୭୫ରେ ଫେକ୍ ପାସ୍‌ପୋର୍ଟ ବ୍ୟବହାର କରି ନେପାଳକୁ ପ୍ରବେଶ କରିଥିଲେ। ସେଠାରେ ସେ ଦୁଇଜଣଙ୍କୁ ହତ୍ୟା କରିଥିଲେ। ହତ୍ୟାର ଶିକାର ହୋଇଥିଲେ ଆମେରିକୀୟ କୋନିଏ ବୋରୋଞ୍ଜିକ୍(୨୯) ଏବଂ ତାଙ୍କ କାନାଡୀୟ ଗର୍ଲଫ୍ରେଣ୍ଡ୍ ଲରେଣ୍ଟ କେରି(୨୬)। ୨୦୦୩ ସେପ୍ଟେମ୍ବର ୧ରେ ଚାର୍ଲ୍ସଙ୍କୁ ନେପାଳର ଏକ କ୍ୟାସିନୋ ବାହାରେ ଦେଖିବାକୁ ମିଳିଥିଲା। ଏକ ଖବରକାଗଜରେ ଚାର୍ଲ୍ସଙ୍କ ଫଟୋ ପ୍ରକାଶ ପାଇବା ପରେ ପୋଲିସ ତାଙ୍କୁ ଗିରଫ କରି ଜେଲକୁ ପଠାଇଦେଇଥିଲା। ୨୦୧୭ରେ ଚାର୍ଲ୍ସଙ୍କ ହାର୍ଟ ସର୍ଜରି କରାଯାଇଥିଲା। ନେପାଳର ସୁପ୍ରିମକୋର୍ଟ ଚାର୍ଲ୍ସଙ୍କୁ ମୁକ୍ତ ☞ପୃଷ୍ଠା-୪




**ପାକିସ୍ତାନରୁ ଡ୍ରଗ୍ସ ଚାଲାଣ: ୫ ପୋଲିସ ସମେତ ୧୭ ଗିରଫ**

ପାକିସ୍ତାନରୁ ଜମ୍ମୁ-କଶ୍ମୀରକୁ ଡ୍ରଗ୍ସ ଚୋରାଚାଲାଣ ଘଟଣାରେ କଶ୍ମୀରର କୁପୱାଡ଼ା ଜିଲାରେ ୫ ପୋଲିସ କର୍ମଚାରୀଙ୍କ ସମେତ ୧୭ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ନିୟନ୍ତ୍ରଣ ରେଖା (ଏଲ୍ଓସି)ରେ ନିଶାଦ୍ରବ୍ୟ ପହଞ୍ଚାଇବା ପରେ ତାହାକୁ କଶ୍ମୀରର ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। କୁପୱାଡ଼ା ଜିଲାର କେରନ ସେକ୍ଟର ଦେଇ ପାକିସ୍ତାନରୁ ଏହି ଡ୍ରଗ୍ସ ଆସୁଥିଲା। ଏହି ବେଆଇନ କାର୍ଯ୍ୟରେ ୫ ପୋଲିସଙ୍କ ସମେତ କେତେଜଣ ଦୋକାନୀ, ଜଣେ ରାଜନେତା ଓ ଜଣେ କଣ୍ଟ୍ରାକ୍ଟର ସମ୍ପୃକ୍ତ ଥିବା କୁପୱାଡ଼ା ଏସ୍ଏସ୍ପି କହିଛନ୍ତି।

# ତୃତୀୟ ବିବାହ କଲେ ଇମ୍ରାନ୍‌ଙ୍କ ପୂର୍ବ ସ୍ତ୍ରୀ



ପାକିସ୍ତାନର ପ୍ରାକ୍ତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍‌ଙ୍କ ପୂର୍ବ ସ୍ତ୍ରୀ ରେହମ ଖାନ୍ ଶୁକ୍ରବାର ତୃତୀୟ ଥର ପାଇଁ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ଏହି ବ୍ରିଟିଶ୍-ପାକିସ୍ତାନୀ ଜର୍ନାଲିଷ୍ଟ ଟୁଇଟରରେ ଉଲ୍ଲେଖ କରିଛନ୍ତି, ଶେଷରେ ଏପରି ଜଣେ ବ୍ୟକ୍ତିଙ୍କୁ ପାଇଛି ଯାହାଙ୍କୁ ଭରସା କରିପାରିବି। ରେହମ ନିଜ ପୋଷ୍ଟରେ ତାଙ୍କ ସ୍ୱାମୀ ମିର୍ଜା ବିଲାଲଙ୍କ ସହ ୱେଡିଂ ରିଙ୍ଗ୍ ଫଟୋକୁ ଶେୟାର କରିଛନ୍ତି। ୨୦୧୪ରେ ପାକିସ୍ତାନ ତେହରିକ୍-ଇ-ଇନ୍‌ଶାଫ୍ (ପିଟିଆଇ) ଅଧ୍ୟକ୍ଷ ଇମ୍ରାନ୍ ଖାନ୍‌ଙ୍କୁ ରେହମ ବିବାହ କରିଥିଲେ। ଦୁହିଁଙ୍କ ଦାମ୍ପତ୍ୟ ଜୀବନ ମାତ୍ର ୧୦ ମାସ ତିଷ୍ଠିଥିଲା। ୨୦୧୫ରେ ସେ ଇମ୍ରାନ୍‌ଙ୍କଠାରୁ ଅଲଗା ହୋଇଥିଲେ। ଏହା ପୂର୍ବରୁ ୧୯୯୩ରେ ସେ ନିଜ ସମ୍ପର୍କୀୟ ଭାଇ ଇଜାଜ ରେହମାନଙ୍କୁ ବିବାହ କରିଥିଲେ। ତେବେ ବ୍ରିଟିଶ୍ ସାଇକିଏଟ୍ରିଷ୍ଟ ଇଜାଜଙ୍କୁ ରେହମ ୨୦୦୫ରେ ଛାଡ଼ପତ୍ର ଦେଇଥିଲେ। ମିର୍ଜା ବିଲାଲଙ୍କୁ ସେ ଆମେରିକାର ସିଟଲରେ ଏକ ନିରାଡ଼ମ୍ବର ବିବାହ ଉତ୍ସବରେ ନିଜ ଜୀବନ ସାଥୀ କରିଥିବା ଇନ୍‌ଷ୍ଟାଗ୍ରାମ୍ ପୋଷ୍ଟରେ ଜଣାଇଛନ୍ତି।

**୪୯ ବର୍ଷୀୟା ରେହମ ଖାନ୍ ତାଙ୍କଠାରୁ ୧୩ ବର୍ଷ ସାନ ମଡେଲ ତଥା ଅଭିନେତା ମିର୍ଜା ବିଲାଲଙ୍କୁ ବିବାହ କରିଛନ୍ତି। ୧୯୭୩ରେ ଲିବ୍ୟାର ଅଜଦାବିୟାରେ ଜନ୍ମିତ ରେହମ ୧୯୯୦ ଦଶକରେ ବ୍ରିଟେନରେ ଜଣେ ଟିଭି ଖବରଦାତା ଭାବେ କ୍ୟାରିୟର ଆରମ୍ଭ କରିଥିଲେ। ବିବିସି ସାଉଥ୍ ଟୁଡେରେ ସେ ୱେଦର ପ୍ରେଜେଣ୍ଟର ମଧ୍ୟ ଥିଲେ। ୨୦୧୨ରେ ପାକିସ୍ତାନ ଯିବା ପରେ ସେ ଏକ ସ୍ଥାନୀୟ ଟିଭି ଶୋ' ପାଇଁ ଇମ୍ରାନ୍ ଖାନ୍‌ଙ୍କ ସାକ୍ଷାତ୍କାର ନେଇଥିଲେ। ସେଇଠୁ ଉଭୟଙ୍କ ମଧ୍ୟରେ ବନ୍ଧୁତା ଓ ପରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା।**

# ଶେଲି ଓବେରୟ୍ ଏଏପିର ମେୟର ପ୍ରାର୍ଥୀ

ଦିଲ୍ଲୀ ମହାନଗର ନିଗମ (ଏମ୍‌ସିଡି) ନିର୍ବାଚନରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ବିପୁଳ ସଫଳତା ହାସଲ ପରେ ଶୁକ୍ରବାର ଶେଲି ଓବେରୟଙ୍କୁ ମେୟର ପ୍ରାର୍ଥୀ କରିଛି। ଏମ୍‌ସିଡି ନିର୍ବାଚନ ଜିତିଲେ ଜଣେ ମହିଳାଙ୍କୁ ମେୟର କରାଯିବ ବୋଲି ଦିଲ୍ଲୀର ଶାସକ ଦଳ ପୂର୍ବରୁ ଘୋଷଣା କରିଥିଲା। ଏବେ ସେହି ପ୍ରତିଶ୍ରୁତିକୁ ପାଳନ କରି ଦିଲ୍ଲୀ ୟୁନିଭର୍ସିଟି (ଡିୟୁ)ର ପୂର୍ବତନ ପ୍ରଫେସର ଶେଲିଙ୍କୁ ଏହି ଟପ୍ ପୋଷ୍ଟ ପାଇଁ ଚୟନ କରିଛି। ଦୀର୍ଘ ୧୫ ବର୍ଷ ଧରି ଭାଜପା ଦଖଲରେ ଥିବା ଏମ୍‌ସିଡିକୁ ଗତ ୮ତାରିଖରେ ଅନୁଷ୍ଠିତ ନିର୍ବାଚନରେ ଏଏପି ଛଡ଼ାଇ ନେଇଥିଲା। ୨୫୦ ୱାର୍ଡ ମଧ୍ୟରୁ ୧୩୪ରେ ଏଏପି ବିଜୟୀ ହୋଇଥିବାବେଳେ ଭାଜପା ୧୦୪ ୱାର୍ଡରେ ସୀମିତ ରହିଛି। କଂଗ୍ରେସକୁ ମାତ୍ର ୯ ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ଭାଜପା ଗଡ଼ ଭାବେ ପରିଚିତ ଇଷ୍ଟ ପଟେଲନଗର ୱାର୍ଡରେ ଏଏପି ଟିକେଟରେ ଶେଲି ପ୍ରଥମ ଥର ପାଇଁ କାଉନ୍‌ସିଲର ନିର୍ବାଚିତ ହୋଇଛନ୍ତି। ଜାନୁୟାରୀ ୬ରେ ହେବାକୁ ଥିବା ମେୟର ନିର୍ବାଚନରେ ଭାଜପା ନିଜ ପ୍ରାର୍ଥୀ ପ୍ରତ୍ୟାହାର କରିପାରେ ବୋଲି କୁହାଯାଉଥିବାବେଳେ ଶେଲିଙ୍କ ବିଜୟ ସମ୍ଭାବନା ଉଜ୍ଜ୍ୱଳ ହୋଇଛି। ଡେପୁଟି ମେୟର ପ୍ରାର୍ଥୀ ଭାବେ ଆଲେ ମହମ୍ମଦ ଇକ୍‌ବାଲଙ୍କ ନାମ ଘୋଷଣା କରାଯାଇଛି।

**୩୯ ବର୍ଷୀୟା ଶେଲି ଓବେରୟ୍ ହେଉଛନ୍ତି ଦିଲ୍ଲୀ ବିଶ୍ୱବିଦ୍ୟାଳୟର ପୂର୍ବତନ ପ୍ରାଧାପିକା। ଇଣ୍ଡିଆନ୍ କମର୍ସ ଆସୋସିଏଶନ୍ (ଆଇସିଏ)ର ସେ ଜଣେ ଆଜୀବନ ସଦସ୍ୟା। ଆଇଜିଏନ୍ଓୟୁ ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ ଷ୍ଟଡିଜରୁ ସେ ପିଏଚ୍.ଡି. ହାସଲ କରିଛନ୍ତି। ଶେଲି ବିଭିନ୍ନ ସମ୍ମିଳନୀରେ ଅନେକ ପଦକ ବିଜୟିନୀ ହୋଇଛନ୍ତି। ମେୟର ହେବା ପରେ ଦିଲ୍ଲୀକୁ ଏକ ସ୍ମାର୍ଟ ସିଟିରେ ପରିଣତ କରିବେ। ଜାତୀୟ ରାଜଧାନୀକୁ ସ୍ୱଚ୍ଛ କରିବା ତାଙ୍କ ସର୍ବୋଚ୍ଚ ପ୍ରାଥମିକତା ହେବ ବୋଲି ଶେଲି କହିଛନ୍ତି।**



## ସଂକ୍ଷେପରେ

### ତେଲ୍‌ଗୀଙ୍କ ଉପରେ ୱେବ୍‌ସିରିଜ୍ ବନ୍ଦ ଆବେଦନ ଖାରଜ

ମୁମ୍ବାଇ,୨୩।୧୨: ଅବଦୁଲ୍ କରିମ୍ ଲାଲା ତେଲ୍‌ଗୀଙ୍କ ମାମଲା ଉପରେ ହଂସଲ ମେହେଟ୍ଟାଙ୍କ ସ୍କାମ୍ ୨୦୦୩ ୱେବ୍‌ସିରିଜ୍ ମୁକ୍ତିଲାଭ ଉପରେ ସାମୟିକ ନିଷେଧାଜ୍ଞା ଜାରି ନିମନ୍ତେ ହୋଇଥିବା ଆବେଦନକୁ ମୁମ୍ବାଇର ଏକ ଅଦାଲତ ଶୁକ୍ରବାର ଖାରଜ କରିଦେଇଛନ୍ତି। ଏହି ୱେବ୍‌ସିରିଜ୍ ସୋନିଲିଭ୍‌ରେ ପ୍ରସାରିତ ହେବାକୁ ଯାଉଛି। ୱେବ୍‌ସିରିଜ୍ ପ୍ରସାରଣ ରୋକିବା ଲାଗି ତେଲ୍‌ଗୀଙ୍କ ଝିଅ ଏବଂ ଜ୍ୱାଇଁ ସିଟି ସିଭିଲ୍ ଜଜ୍ କୋର୍ଟରେ ଆବେଦନ କରିଥିଲେ। ତେଲ୍‌ଗୀଙ୍କ ଉପରେ



ୱେବ୍‌ସିରିଜ୍ ନିର୍ମାଣ ପାଇଁ ମେହେଟ୍ଟା ଏବଂ ପ୍ରଯୋଜକ ତାଙ୍କ ଝିଅଜ୍ୱାଇଁ କିମ୍ବା ପରିବାରର ଅନ୍ୟ କାହାଠାରୁ ଅନୁମତି ନେଇ ନ ଥିଲେ ବୋଲି ସେମାନଙ୍କ ଓକିଲ ଏମ୍.ଭି. ଥୋରାଟ କହିଥିଲେ। ଉକ୍ତ ୱେବସାଇଟ ପରିବାରର ଗୋପନୀୟତା ଅଧିକାର, ଆତ୍ମସମ୍ମାନ ଓ ମର୍ଯ୍ୟାଦାର ଉଲ୍ଲଂଘନ ବୋଲି ସେ ଯୁକ୍ତି ବାଢ଼ିଥିଲେ। ସୂଚନାଯୋଗ୍ୟ, ଜାଲ୍ ଷ୍ଟାମ୍ପ୍ ପେପର ଦୁର୍ନୀତି ମାମଲାରେ ତେଲ୍‌ଗୀ ଦୋଷୀସାବ୍ୟସ୍ତ ହୋଇଥିଲେ। ତାଙ୍କର ବିଭିନ୍ନ ଅଙ୍ଗ ଅକାମୀ ହୋଇଯିବାରୁ ୨୦୧୭ ଅକ୍ଟୋବର ୨୩ରେ ମୃତ୍ୟୁ ଘଟିଥିଲା।

# ୬ ଦିନ ପୂର୍ବରୁ ଶୀତ ଅଧିବେଶନ ଶେଷ





ଗୁଜରାଟ ବିଧାନସଭା ନିର୍ବାଚନରେ ଭାଜପାକୁ ଅଭୂତପୂର୍ବ ସଫଳତା ମିଳିଥିବାରୁ ରାଜ୍ୟ ସଭାପତି ସି.ଆର୍. ପାଟିଲ ସଂସଦରେ ଦଳୀୟ ସଦସ୍ୟଙ୍କୁ ମିଠା ବାଣ୍ଟିବା ପାଇଁ ବ୍ୟାଗ୍‌ଗୁଡ଼ିକରେ ଭର୍ତ୍ତିକରି ପାର୍ଲାମେଣ୍ଟ ହାଉସ୍ କମ୍ପ୍ଲେକ୍ସରେ ରଖିଛନ୍ତି।

ନୂଆଦିଲ୍ଲୀ,୨୩।୧୨(ପି.ଟି.)

ଚାଇନା ସହ ସୀମା ବିବାଦ ଉପରେ ଆଲୋଚନା ଲାଗି ବିରୋଧୀ ଦଳଗୁଡ଼ିକର କ୍ରମାଗତ ଦାବିକୁ ନେଇ ବାରମ୍ବାର ମୁଲତବୀ ମଧ୍ୟରେ ଧାର୍ଯ୍ୟ ସମୟର ୬ ଦିନ ପୂର୍ବରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଶୁକ୍ରବାର ଶେଷ ହୋଇଛି। ୧୩ ଦିନର କାର୍ଯ୍ୟଦିବସରେ ଲୋକ ସଭା ୯୭ ପ୍ରତିଶତ ଫଳପ୍ରଦ ହେବା ସହ ଅତିରିକ୍ତ ଖର୍ଚ୍ଚଦାବି ସମେତ ୭ ବିଲ୍ ଗୃହୀତ ହୋଇଥିବା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଡିସେମ୍ବର ୭ରୁ ଶୀତ ଅଧିବେଶନ ଆରମ୍ଭ ହୋଇ ୨୯ରେ ଶେଷ ହେବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ତେବେ ଆଗକୁ ବଡ଼ଦିନ ଏବଂ ନୂଆବର୍ଷ ପାଳନ ହେବାକୁ ଥିବାରୁ ଅଧିବେଶନ ଶୀଘ୍ର ଶେଷ କରିବା ଲାଗି ଉଭୟ ଗୃହର ସଦସ୍ୟମାନେ ସରକାରଙ୍କୁ ଅନୁରୋଧ କରିଥିଲେ ବୋଲି ବାଚସ୍ପତି କହିଛନ୍ତି। ସେହିପରି ରାଜ୍ୟ ସଭାକୁ ଶୁକ୍ରବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି। ୧୩ ଦିନରେ ରାଜ୍ୟ ସଭା ୬୪ ଘଣ୍ଟା ୫୦ ମିନିଟ ଚାଲିଥିଲା। ଉଚ୍ଚ ସଦନ ୧୦୨ ପ୍ରତିଶତ ଫଳପ୍ରଦ ହୋଇଥିବା ଏହାର ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଛନ୍ତି। ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯିବା ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏବଂ କଂଗ୍ରେସ ନେତା ମଲ୍ଲିକାର୍ଜୁନ ଖାର୍ଗେ ଉପସ୍ଥିତ ଥିଲେ।

## 'ବିତର୍କରୁ ପଳାୟନ କରିଛି କେନ୍ଦ୍ର'

ଜାତୀୟ ନିରାପତ୍ତା, ଚାଇନାର ଅତିକ୍ରମଣ, ମୁଦ୍ରାସ୍ଫୀତି ଓ ବେରୋଜଗାରୀ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିରୋଧୀ ବିତର୍କ ଦାବି କରୁଥିବାବେଳେ କେନ୍ଦ୍ର ସରକାର ମିଛ ବାହାନା କରି ପଳାୟନ କରିଥିବା ଶୁକ୍ରବାର କଂଗ୍ରେସ ଅଭିଯୋଗ ଆଣିଛି। ଧାର୍ଯ୍ୟ ଅବଧି ପୂର୍ବରୁ ପାର୍ଲାମେଣ୍ଟର ଶୀତ ଅଧିବେଶନକୁ ବନ୍ଦ କରିଦେବା ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଛନ୍ତି, ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ଉପରେ ସବୁ ବିରୋଧୀ ଦଳ ଆଲୋଚନା ଦାବି କରିଥିଲେ। କେନ୍ଦ୍ର ଏଥିରୁ ମୁହଁ ମୋଡ଼ିଦେବା ଏହାର ଶାସନ ବିଫଳତାକୁ ଦର୍ଶାଉଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ଼ୋ ଯାତ୍ରା'କୁ ମିଳୁଥିବା ଅଭୂତପୂର୍ବ ଜନ ସମର୍ଥନ ଓ ସଫଳତାକୁ ନେଇ ମୋଦି ସରକାର ବିଚଳିତ ହୋଇପଡ଼ିଛନ୍ତି। ତେଣୁ ଏହି ଐତିହାସିକ ପଦଯାତ୍ରାକୁ ରୋକିବା ପାଇଁ ବାହାନା ଖୋଜୁଛନ୍ତି।



ମଲ୍ଲିକାର୍ଜୁନ ଖାର୍ଗେ

କଂଗ୍ରେସ ପକ୍ଷରୁ ଆରମ୍ଭ ହେବାକୁ ଥିବା ଏକ ନୂଆ ଲୋକସମ୍ପର୍କ ଅଭିଯାନ ଉପରେ ଅନୁଷ୍ଠିତ ବୈଠକରେ ଅଧ୍ୟକ୍ଷତା କରି ଖାର୍ଗେ ଆହୁରି କହିଛନ୍ତି, ଶୀତ ଅଧିବେଶନ ବେଳେ ବିରୋଧୀ ଦଳଗୁଡ଼ିକ ୧୬ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ପାଇଁ ଦାବି କରିଥିଲେ। କିନ୍ତୁ ମୋଦି ସରକାର ସେଗୁଡ଼ିକ ମଧ୍ୟରୁ ଗୋଟିଏ ପ୍ରସଙ୍ଗରେ ମଧ୍ୟ ବିତର୍କ କରାଇବାକୁ ଚାହିଁଲେ ନାହିଁ। ଉତ୍ତର ଦେବା ନାଁରେ ଭାଜପା ପକ୍ଷରୁ କେବଳ ବ୍ୟକ୍ତିଗତ ଆକ୍ରମଣ କରାଗଲା। ମୋଦି ସରକାରଙ୍କ ବିଫଳତା ଏଥିରୁ ସୁସ୍ପଷ୍ଟ ହୋଇଛି ବୋଲି ଖାର୍ଗେ ସମାଲୋଚନା କରିଛନ୍ତି। ଏହି ଅବସରରେ ସେ ଯୋଗ୍ୟତା ଭିତ୍ତିରେ ପ୍ୟାନେଲ ଗଠନ ସୁନିଶ୍ଚିତ କରିବାକୁ ପ୍ରଦେଶ କଂଗ୍ରେସ କମିଟିଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ଉକ୍ତ ବୈଠକରେ ରାଜସ୍ଥାନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ, କଂଗ୍ରେସ ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କ ସମେତ ରଣଦୀପ ସୁର୍ଯ୍ୟେୱାଲା, ମୁକୁଲ ୱାସନିକ୍, କୁମାରୀ ସେଲ୍‌ଜା, ତାରିଖ ଅନୱର, ଅବିନାଶ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ।

### ଓଆର୍‌ଓପି ସଂଶୋଧନକୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୩।୧୨

ୱାନ୍ ର୍ୟାଙ୍କ୍ ୱାନ୍ ପେନ୍‌ସନ (ଓଆର୍‌ଓପି) ସଂଶୋଧନ ପ୍ରସ୍ତାବକୁ କେନ୍ଦ୍ର ସରକାର ଶୁକ୍ରବାର ଅନୁମୋଦନ କରିଛନ୍ତି। ଫଳରେ ପ୍ରତିରକ୍ଷା ବିଭାଗର ୨୫ ଲକ୍ଷ ପେନ୍‌ସନଭୋଗୀ ଏଥିରେ ଉପକୃତ ହେବେ। ସଂଶୋଧିତ ଓଆର୍‌ଓପିରେ ଶହୀଦ ଯବାନଙ୍କ ବିଧବା ସ୍ତ୍ରୀ, ଭିନ୍ନକ୍ଷମ ପେନ୍‌ସନଭୋଗୀଙ୍କ ସମେତ ପରିବାର ପେନ୍‌ସନଭୋଗୀ ଉପକୃତ ହେବେ ବୋଲି ସରକାର କହିଛନ୍ତି। ସେନାବାହିନୀର ଅବସରପ୍ରାପ୍ତ କର୍ମଚାରୀମାନଙ୍କ ପାଇଁ ର୍ୟାଙ୍କ ଅନୁଯାୟୀ ସମାନ ପେନ୍‌ସନ ଲାଗୁ କରିବା ଲକ୍ଷ୍ୟରେ ଓଆର୍‌ଓପି ଅଣାଯାଇଥିଲା।

### ସିଦ୍ଦିକି କପ୍ପାନଙ୍କୁ ଜାମିନ

ଲକ୍ଷ୍ନୌ,୨୩।୧୨: ଆତଙ୍କବାଦ ସହ ସମ୍ପୃକ୍ତି ଅଭିଯୋଗରେ କେରଳର ସାମ୍ବାଦିକ ସିଦ୍ଦିକି କପ୍ପାନ ୨ ବର୍ଷ ଉତ୍ତରପ୍ରଦେଶ ଜେଲ୍‌ରେ ରହିବା ପରେ ଶୁକ୍ରବାର ତାଙ୍କୁ ଜାମିନ ମିଳିଛି। ଦୁଇବର୍ଷ ପୂର୍ବରୁ ଉତ୍ତରପ୍ରଦେଶର ହଥ୍ରାସ୍‌ରେ ଜଣେ ଦଳିତ ମହିଳାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାର ଖବର ସଂଗ୍ରହ କରିବାକୁ ଯାଇଥିବା ସିଦ୍ଦିକିଙ୍କୁ



ଆତଙ୍କବାଦୀ ଅଭିଯୋଗରେ ଗିରଫ କରାଯାଇଥିଲା। ଗତ ସେପ୍ଟେମ୍ବରରେ ସୁପ୍ରିମକୋର୍ଟ ତାଙ୍କୁ ଆତଙ୍କବାଦ ମାମଲାରେ ଜାମିନ ପ୍ରଦାନ କରିଥିଲେ ମଧ୍ୟ ୨୦୨୧ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଦାଏର କରିଥିବା ମନିଲଣ୍ଡରିଂ ମାମଲା ପାଇଁ ସେ ଜେଲରୁ ବାହାରିପାରି ନ ଥିଲେ।

### ତେଲୁଗୁ ଅଭିନେତା କୈକଲା ସତ୍ୟନାରାୟଣଙ୍କ ପରଲୋକ

ହାଇଦ୍ରାବାଦ,୨୩।୧୨: ବର୍ଷୀୟାନ ତେଲୁଗୁ ଅଭିନେତା ତଥା ପୂର୍ବତନ ଏମ୍‌ପି କୈକଲା ସତ୍ୟନାରାୟଣଙ୍କର ଶୁକ୍ରବାର ସକାଳେ ହାଇଦ୍ରାବାଦର ଜୁବିଲି ହିଲ୍ସ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୮୭ ବର୍ଷ ହୋଇଥିଲା। ତାଙ୍କର ସ୍ତ୍ରୀ ଓ ଦୁଇ ଝିଅ ଅଛନ୍ତି। ୬୦ ଦଶନ୍ଧିର ଚଳଚ୍ଚିତ୍ର କ୍ୟାରିୟରରେ ସେ ୭୫୦ରୁ ଊର୍ଦ୍ଧ୍ୱ ଫିଲ୍ମରେ ଅଭିନୟ କରିଥିଲେ। କୈକଲା ତେଲୁଗୁଦେଶମ୍ ପାର୍ଟି ଟିକେଟରେ ମଛିଲିପଟନମ୍



ଆସନରୁ ଏକାଦଶ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ୧୯୯୮ରେ ସେ ରାଜନୀତିରୁ ଓହରିଯାଇଥିଲେ। ସେ ରଘୁପତି ଭେଙ୍କାୟା ଆୱାର୍ଡ, ଫିଲ୍ମଫେୟାର ଲାଇଫ୍‌ଟାଇମ୍ ଆଚିଭମେଣ୍ଟ ଆୱାର୍ଡ, ସମେତ ଅନେକ ପୁରସ୍କାର ପାଇଥିଲେ। ତାଙ୍କ ପରଲୋକରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ଦିନକରେ ୩.୭ କୋଟି ସଂକ୍ରମିତ

## ଚାଇନାରେ କୋଭିଡ୍

ବେଜିଂ,୨୩।୧୨

ଚାଇନାରେ ଚଳିତ ସପ୍ତାହର ଗୋଟିଏ ଦିନରେ ପାଖାପାଖି ୩.୭ କୋଟି ଲୋକ କୋଭିଡ୍ ସଂକ୍ରମିତ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଏହା ବର୍ତ୍ତମାନ ସୁଦ୍ଧା ବିଶ୍ୱରେ ସର୍ବାଧିକ ସଂକ୍ରମଣ। ଡିସେମ୍ବର ମାସର ପ୍ରଥମ ୨୦ ଦିନରେ ଚାଇନା ଜନସଂଖ୍ୟାରେ ପ୍ରାୟ ୧୮ ପ୍ରତିଶତ ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇସାରିଲେଣି। ଗତ ଜାନୁୟାରୀରେ ସର୍ବାଧିକ ଦୈନିକ ସଂକ୍ରମଣ ୪୦ ଲକ୍ଷ ଥିଲା ବୋଲି ଚାଇନା ନ୍ୟାଶନାଲ ହେଲ୍‌ଥ କମିଶନ (ଏନ୍ଏଚ୍‌ସି)ର ଏକ ବୈଠକରୁ ଜଣାପଡ଼ିଛି। ଜିରୋ-କୋଭିଡ୍ କଟକଣା ହଟିବା ପରେ ଦ୍ରୁତ ସଂକ୍ରାମକ ଓମିକ୍ରନ ଭାରିଆଣ୍ଟ ଯୋଗୁ ଦୈନିକ ସଂକ୍ରମଣ ସର୍ବାଧିକ ବୃଦ୍ଧି ପାଇଛି। ସିଚୁଆନ ପ୍ରଦେଶ ଏବଂ ରାଜଧାନୀ ବେଜିଂର ଅଧା ଲୋକ କୋଭିଡ୍ ସଂକ୍ରମିତ ହୋଇସାରିଲେଣି।



ତେବେ ସଂକ୍ରମଣ ସଂଖ୍ୟା ଆକଳନ ପ୍ରକ୍ରିୟା ଅସ୍ପଷ୍ଟ ରହିଥିବା କୁହାଯାଉଛି। ପ୍ରକୃତରେ କୋଭିଡ୍‌ରେ କେତେଜଣଙ୍କର ମୃତ୍ୟୁ ଘଟିଲାଣି, ତାହା ଆକଳନ କରାଯାଇ ନାହିଁ। ଆଗକୁ ଚାଇନାରେ ସଂକ୍ରମଣ ଅଧିକ ଜୋର୍‌ଦାର ହେବାକୁ ଯାଉଛି। ଏଥିପାଇଁ ପ୍ରସ୍ତୁତ ରହିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ତେବେ ଦୈନିକ ସଂକ୍ରମଣ ୩,୦୪୯ ବୋଲି ସରକାରୀ ଭାବେ କୁହାଯାଉଛି।

# ଆମେରିକାରେ 'ବମ୍ବ ସାଇକ୍ଲୋନ୍'

ଶିକାଗୋ,୨୩।୧୨

ଆମେରିକାରେ ଶୀତଦିନିଆ ବାତ୍ୟା (ବମ୍ବ ସାଇକ୍ଲୋନ) ଯୋଗୁ କେତେକ ଅଞ୍ଚଳରେ ତାପମାତ୍ରା ବିୟୁକ୍ତ ୪୦ ଡିଗ୍ରୀ ଫାରେନହିଟ୍‌କୁ ଖସିଆସିଛି। ପ୍ରବଳ ତୁଷାର ଝଡ଼ ଯୋଗୁ ହଜାର ହଜାର ବିମାନ ବାତିଲ ହେବା ସହ ଅଧିକାଂଶ ରାଜପଥ ବନ୍ଦ ହୋଇଯାଇଛି। ଫଳରେ ଖ୍ରୀଷ୍ଟମାସ ଭ୍ରମଣ ବାଧାପ୍ରାପ୍ତ ହୋଇଛି। ତୁଷାରପାତ ସାଙ୍ଗକୁ କାଲୁଆ ପବନ ଲୋକଙ୍କ ଛୁଟି ଯୋଜନାକୁ ପଣ୍ଡ କରିଦେଇଛି। ଆର୍ଟିକ୍‌ରୁ ଆସୁଥିବା ଶୀତ ଲହରି ଯୋଗୁ ଦେଶର ମଧ୍ୟଭାଗରେ ବିୟୁକ୍ତ ତାପମାତ୍ରା ଅନୁଭୂତ ହେଉଛି। ଘରେ ରହିବା ପାଇଁ ଲକ୍ଷ ଲକ୍ଷ ଲୋକଙ୍କୁ ପାଣିପାଗ ବିଭାଗ ସତର୍କ କରିଦେଇଛି। ଜନସାଧାରଣ ସତର୍କ ରହିବା ଲାଗି ରାଷ୍ଟ୍ରପତି ଜୋ ବାଇଡେନ୍ କହିଛନ୍ତି। ଶତାଧିକ ଗାଡ଼ିଚାଳକ ସାଉଥ୍ ଡାକୋଟାର ରାପିଡ୍ ସିଟିରେ ଅଟକି ରହିଛନ୍ତି। ଗୁରୁବାର ୨୨ ହଜାରରୁ ଅଧିକ ବିମାନ ବିଳମ୍ବ ହୋଇଥିବାବେଳେ ୫,୫୦୦ ବିମାନକୁ ବାତିଲ କରିଦିଆଯାଇଥିଲା।

## ବିମାନ ବାତିଲ, ରାଜପଥ ବନ୍ଦ



### ବୁଷ୍ଟର ଡୋଜ୍ ଭାବେ ଭାରତ ବାୟୋଟେକ୍‌ର ନାଜାଲ ଭାକ୍ସିନ୍‌କୁ ମଞ୍ଜୁରୀ

ନୂଆଦିଲ୍ଲୀ,୨୩।୧୨(ପି.ଟି.)

**କୋ-ୱିନ୍ ଆପ୍‌ରେ ଉପଲବ୍ଧ**

ଭାରତ ବାୟୋଟେକ୍‌ର ଇନ୍‌ଷ୍ଟ୍ରାନାଜାଲ କୋଭିଡ୍ ଭାକ୍ସିନକୁ ବୁଷ୍ଟର ଡୋଜ୍ ଭାବେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ଏହି ଟିକା ଏବେ କୋ-ୱିନ୍ ଆପ୍‌ରେ ଉପଲବ୍ଧ ହୋଇଛି। ଯେଉଁମାନେ କୋଭିଶିଲ୍ଡ ଏବଂ କୋଭାକ୍ସିନ ଟିକା ନେଇଛନ୍ତି, ସେମାନେ ନାଜାଲ ଭାକ୍ସିନ୍‌କୁ ବୁଷ୍ଟର ଡୋଜ୍ ଭାବେ ନେଇପାରିବେ। ଚାଇନା ଏବଂ ଅନ୍ୟ କେତେକ ଦେଶରେ କୋଭିଡ୍ ସଂକ୍ରମଣ ବଢୁଥିବାବେଳେ ଭାରତରେ ବୁଷ୍ଟର ଡୋଜ୍ ଟିକାକରଣ କାର୍ଯ୍ୟକ୍ରମକୁ ବଢ଼ାଇବା ପାଇଁ ସରକାର ନାଜାଲ ଭାକ୍ସିନ୍‌କୁ ଅନୁମୋଦନ କରିଛନ୍ତି। ଏବେ ଏହି ଟିକା କେବଳ ଘରୋଇ ହସ୍ପିଟାଲରେ ଉପଲବ୍ଧ ହେବ। ଖୁବ୍‌ଶୀଘ୍ର ଏହାକୁ ଜାତୀୟ କୋଭିଡ୍ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇପାରେ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି। ୧୮ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ବୁଷ୍ଟର ଡୋଜ୍ ଭାବେ ବିବିଭି୧୫୪ ନାଜାଲ ଭାକ୍ସିନ୍‌କୁ ଜରୁରୀ ସ୍ଥିତିରେ ଦେବା ଲାଗି ଗତ ନଭେମ୍ବରରେ ଭାରତର ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ (ଡିସିଜିଏ) ଅନୁମୋଦନ କରିଥିଲେ।

# ଯୁଦ୍ଧାବସାନ ଚାହାନ୍ତି ପୁଟିନ୍

ମସ୍କୋ/ଲଣ୍ଡନ,୨୩।୧୨

ୟୁକ୍ରେନ୍ ଯୁଦ୍ଧ ଶୀଘ୍ର ଶେଷ ହେବା ରୁଷିଆର ଲକ୍ଷ୍ୟ ବୋଲି ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ କହିଛନ୍ତି। ଯେକୌଣସିମତେ ଯେତେ ଶୀଘ୍ର ଯୁଦ୍ଧ ଶେଷ ହେବ ସେତେ ଭଲ ବୋଲି ସେ ଖବରଦାତାମାନଙ୍କୁ କହିଛନ୍ତି। ତେବେ ସେମାନଙ୍କ ଉଦ୍‌ବେଗକୁ ୟୁକ୍ରେନ୍ ଏବଂ ଆମେରିକା ଶୁଣିବାକୁ ନାରାଜ। ରୁଷିଆକୁ ଦୁର୍ବଳ କରିବା ଲାଗି ଆମେରିକା ୟୁକ୍ରେନ୍‌କୁ ଏକ ଯୁଦ୍ଧକ୍ଷେତ୍ର ଭାବେ ବ୍ୟବହାର କରୁଥିବା କ୍ରେମ୍‌ଲିନ୍ ଅଭିଯୋଗ କରିଛି। ପୂର୍ବ ଡୋନେସ୍କକୁ ରୁଷିଆ ନିୟନ୍ତ୍ରଣକୁ ନେଇଥିବା ଏହାର ସେନାମୁଖ୍ୟ କହିଛନ୍ତି। କିଭ୍ ସହ ଆଲୋଚନା ପାଇଁ ମସ୍କୋ ଆଗ୍ରହୀ ବୋଲି କିଛି ମାସ ହେଲା ଏହାର ଅଧିକାରୀମାନେ କହି ଆସୁଛନ୍ତି। ତେବେ ୟୁକ୍ରେନ୍ ରାଷ୍ଟ୍ରପତି ଭେଲୋଡିମିର ଜେଲେନ୍‌ସ୍କି କୂଟନୈତିକ ଚ୍ୟାନେଲଗୁଡ଼ିକୁ ବନ୍ଦ କରିଦେବା ସହ ପୁଟିନ୍ କ୍ଷମତାରେ ଥିବା ପର୍ଯ୍ୟନ୍ତ ବୁଝାମଣା ହେବ ନାହିଁ ବୋଲି କହୁଥିବା ରୁଷିଆ ଅଭିଯୋଗ କରିଛି।



ଜେଲେନସ୍କି ୱାଶିଂଟନ ଗସ୍ତ କରି ଫେରିଛନ୍ତି। ୟୁକ୍ରେନ୍‌କୁ ସହାୟତା କରିବା ବିଶ୍ୱ ସୁରକ୍ଷା ପାଇଁ ପୁଞ୍ଜିନିବେଶ ଭଳି ବୋଲି ସେ ଆମେରିକା କଂଗ୍ରେସରେ କହିଥିଲେ। ବୁଧବାର ତାଙ୍କୁ କଂଗ୍ରେସରେ ଭବ୍ୟ ସ୍ୱାଗତ କରାଯାଇଥିଲା ଏବଂ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ୟୁକ୍ରେନ୍‌କୁ ପାଟ୍ରିଅଟ୍ ମିଶାଇଲ ସମେତ ୧.୮ ବିଲିୟନ ଡଲାରର ସାମରିକ ସହାୟତା ଯୋଗାଇଦେବେ ବୋଲି ଘୋଷଣା କରିଥିଲେ। ଏହା ବିବାଦକୁ ଆହୁରି ବଢ଼ାଇବ ବୋଲି ପୁଟିନ୍ ସତର୍କ କରାଇ ଦେଇଛନ୍ତି।

ୟୁକ୍ରେନ୍ ସହ ବିବାଦକୁ ପୁଟିନ୍ ପ୍ରଥମ ଥର ପାଇଁ ଯୁଦ୍ଧ ବୋଲି କହିଛନ୍ତି। ସେ ଯୁଦ୍ଧ ଶବ୍ଦ ବ୍ୟବହାର କରି ନିଜ ଆଇନକୁ ଭାଙ୍ଗିଥିବା ସେଣ୍ଟ ପିଟର୍ସବର୍ଗ ରାଜନେତା ଅଭିଯୋଗ କରିବା ସହ ଏହାର ତଦନ୍ତ ପାଇଁ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଗତ ଫେବୃୟାରୀରୁ ରୁଷିଆ ୟୁକ୍ରେନ୍ ଉପରେ ଆକ୍ରମଣ ଚଳାଇଥିବାବେଳ ପୁଟିନ ଏହାକୁ ସ୍ୱତନ୍ତ୍ର ସାମରିକ ଅଭିଯାନ କହିଆସୁଥିଲେ। ସଶସ୍ତ୍ର ବଳ ବିରୋଧରେ ଜାଣିଶୁଣି ମିଛ ତଥ୍ୟ ପ୍ରସାର କଲେ ଅର୍ଥଦଣ୍ଡ ସହ ଜେଲଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ଗତ ମାର୍ଚ୍ଚରେ ପୁଟିନ୍ ଏକ ଆଇନରେ ସ୍ୱାକ୍ଷର କରିଥିଲେ। ସାମରିକ ଅଭିଯାନକୁ ଯୁଦ୍ଧ କହିଲେ, ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଇନରେ ଉଲ୍ଲେଖ ରହିଛି। ତେବେ ପୁଟିନ୍ ୟୁକ୍ରେନ୍ ଆକ୍ରମଣକୁ ଯୁଦ୍ଧ କହି ନିଜ ଆଇନର ଉଲ୍ଲଂଘନ କରିଛନ୍ତି। ସେଣ୍ଟ ପିଟର୍ସବର୍ଗର ବିରୋଧୀ ଦଳ କାଉନସିଲର ନିକିତା ୟୁଫେରେଭ୍ କହିଛନ୍ତି, ସେ କରିଥିବା ଆଇନଗତ ଚ୍ୟାଲେଞ୍ଜର କିଛି ଫଳ ହେବ ନାହିଁ। ତେବେ ବ୍ୟବସ୍ଥାର ମିଛକୁ ପଦାରେ ପକାଇବା ଲାଗି ସେ ମାମଲା ଦାଏର କରିଥିବା କହିଛନ୍ତି।

**'ଯୁଦ୍ଧ' ଶବ୍ଦ ଲାଗି ରୁଷିଆ ରାଷ୍ଟ୍ରପତିଙ୍କ ବିରୋଧରେ ମାମଲା**



MARUTI SUZUKI
NEXA
TOUGH, STYLISH, SPORTY.
AND NOW 2,00,000 CUSTOMERS STRONG.
Ignis, a perfect city car, sets a new milestone.
Join the community of the Tough.
CREATE. INSPIRE.
IGNIS
2 LACS MILESTONE
IGNIS
COMPACT URBAN SUV
17.78 cm Smartplay Studio (Available from Zeta variant onwards)
High Ground Clearance and SUV-lIKE Stance
Auto Gear Shift
Spacious and Comfortable Interiors
1.2L VVT Petrol Engine
NEXA Safety Shield
Standard Across All Variants
DUAL FRONT AIRBAGS
ABS WITH EBD
PEDESTRIAN PROTECTION COMPLIANCE
COMPLIANT WITH -
FULL FRONTAL IMPACT
FRONTAL OFFSET IMPACT
SIDE IMPACT
Features and accessories shown may not be part of standard fitment. Black Glass Shade on the vehicle is due to the lighting effect. Images used are for illustration purposes only.
Scan the QR code for more details about the Ignis.
VISIT YOUR NEAREST NEXA DEALERSHIP OR LOG ON TO www.nexaexperience.com TO AVAIL EXCITING OFFERS.
Contact us at
1800-200-[6392]
1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE
BALASORE: NEXA BALASORE HIGHWAY (JYOTE MOTORS BALASORE PH: 9798190190).
*Finance scheme details mentioned above are at the sole discretion of financier and terms and conditions as specified by the financier shall apply. For more details, please contact your nearest NEXA dealership. Offers vary across variants. Maruti Suzuki India Limited reserves the right to discontinue offers without notice. For details on functioning of safety features, kindly refer to the Owner's Manual.
SMART FINANCE
AN ONLINE END-TO-END CAR FINANCE SOLUTION
Scan to know more.
Multiple financiers
Digital Document Upload
Live Loan status
Complete transparency (associated fees & charges)

ଧରିତ୍ରୀ
DHARITRI
ଶନିବାର, ୨୪ ଡିସେମ୍ବର, ୨୦୨୨



## ଡିଏମ୍‌ଡି ରୋଗ : ଆଉ ୯ ଶିଶୁଙ୍କ ଚିକିତ୍ସା ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ ଅଫିସ,୨୩।୧୨: ବିରଳ ଡୁଚେନ୍ ମସ୍କୁଲାର ଡିସ୍‌ଟ୍ରୋଫି (ଡିଏମ୍‌ଡି) ରୋଗରେ ପୀଡ଼ିତ ଆଉ ୯ ଜଣ ଶିଶୁଙ୍କ ଚିକିତ୍ସା ଭୁବନେଶ୍ୱରସ୍ଥିତ ଏମ୍ସରେ କରାଯିବ। ତେବେ ଚିକିତ୍ସା ପାଇଁ ଧାର୍ଯ୍ୟ ତାରିଖର ଏକ ସପ୍ତାହ ପୂର୍ବରୁ ସେମାନଙ୍କ ମାତାପିତାଙ୍କୁ ସୂଚନା ଦେବା ନିମନ୍ତେ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ୨୦୨୩ ଫେବୃୟାରୀ ୮ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏମ୍ସର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଡିଏମ୍‌ଡି ରୋଗରେ ପୀଡ଼ିତ ୧୭ ଶିଶୁ ମଧ୍ୟରୁ ୧୫ ଜଣଙ୍କ ଚିକିତ୍ସା ବିଭିନ୍ନ ସ୍ଥାନରେ ଥିବା ସେଣ୍ଟର ଅଫ୍ ଏକ୍ସଲେନ୍ସରେ କରାଯାଉଥିବା ନେଇ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଛନ୍ତି। ବିହାର ଭଳି ଓଡ଼ିଶାରେ ପ୍ରତି ଶିଶୁଙ୍କ ଚିକିତ୍ସା ନିମନ୍ତେ ୬ ଲକ୍ଷ ଟଙ୍କା ଲେଖାଏ ସହାୟତା ରାଜ୍ୟ ସରକାର ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ ଆବେଦନକାରୀ କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଆ, ଗୁରୁଙ୍କର ରାଗ ମୁହୂର୍ତ୍ତେ**
**ମାଇପର ରାଗ ଦିନେ**
**ଜୀବ ଥିବା ଯାକେ ମୂରୁଖ, କୁକୁର**
**ରାଗ ନୁହଁଇ ଭିନେ।**

ଆକଟ ବା ଅନୁଶାସନରେ ରଖିବାକୁ ଯାଇ ମା' ଓ ଶିକ୍ଷକ ବେଳେବେଳେ ପିଲାମାନଙ୍କ ଉପରେ ରାଗ ପ୍ରକାଶ କରିଥା'ନ୍ତି। ତେବେ ଏପରି ରାଗ ଖୁବ୍ କମ୍ ସମୟ ପର୍ଯ୍ୟନ୍ତ ହିଁ ରହିଥାଏ। ଦାମ୍ପତ୍ୟ ଜୀବନରେ କଳି ଝଗଡ଼ା ଲାଗିବା ଏକ ସାଧାରଣ କଥା ହୋଇଥିବା ବେଳେ ପତ୍ନୀଙ୍କ ରାଗ ଓ ଅଭିମାନ ଗୋଟିଏ ଦିନ ପର୍ଯ୍ୟନ୍ତ ରହିପାରିଥାଏ। କିନ୍ତୁ ମୂର୍ଖ ବା ଅବୁଝା ଶ୍ରେଣୀର ବ୍ୟକ୍ତିଙ୍କ ରାଗ ସହଜରେ ପ୍ରଶମିତ ହୋଇପାରୁ ନ ଥିବା ବେଳେ ଆଘାତ ଦେଇଥିବା ବ୍ୟକ୍ତିକୁ କୁକୁର କେବେ ଭୁଲିପାରି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ମୂଲିଆ ଚେରିପୋ ମାନ କଲା**
**ଆପଣା ସେରକ ହାନି କଲା।**

ପର ଘରେ କାମ କରି ପେଟ ପୋଷୁଥିବା ବ୍ୟକ୍ତି ପର କଥାରେ ବା କୌଣସି କଥାରେ ଅଭିମାନ କରିବା ଶୋଭା ପାଏନାହିଁ। ମାନ ଅଭିମାନ କରିବା ଦିନ ମଜୁରିଆଙ୍କ ପକ୍ଷେ କ୍ଷତିକାରକ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ଝିଅ ନାଁରେ ଶେଷ ଚିଠି

## ଜେଲ ଭିତରେ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା

■ ଚିଠି ଖୋଲିବ ମୃତ୍ୟୁ ଗୁମର
■ ରାଜ୍ୟ ରାଜନୀତି ହୁଲସ୍ଥୁଲ ହେବା ନେଇ ଚର୍ଚ୍ଚା

ବଲାଙ୍ଗୀର ଅଫିସ, ୨୩।୧୨

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସବ୍‌ଜେଲ ଭିତରେ ମମିତା ମେହେର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ନୂଆ ତଥ୍ୟ ମିଳିବାର ଲାଗିଛି। ଗୋବିନ୍ଦଙ୍କ ଜାକେଟ୍ ପକେଟରୁ ମିଳିଥିବା ଲଫାପାକୁ ପ୍ରଥମେ ସୁଇସାଇଡ ନୋଟ କୁହାଯାଉଥିଲା। ତେବେ ଝିଅ ଉଦ୍ଦେଶ୍ୟରେ ଏହା ଗୋବିନ୍ଦଙ୍କ ଶେଷ ଚିଠି ବୋଲି ଜଣାପଡ଼ିଛି। ଉକ୍ତ ଲଫାପାରେ ଲିଫିକା ସାହୁ, ମାର୍ଫତ: ସୁଷମା ସାହୁ, ମହାଲିଙ୍ଗ ଠିକଣା ଲେଖାଯାଇଥିବା ଜଣାପଡ଼ିଛି। ଲଫାପାରେ ଲେଖାଥିବା ଲିଫିକା ସାହୁ ମୃତ ଗୋବିନ୍ଦଙ୍କ ବଡ଼ଝିଅ ଓ ସେ ରାଜ୍ୟ ବାହାରେ ଚାକିରି କରୁଥିବା ଜଣାପଡ଼ିଛି। ତାଙ୍କ ଉଦ୍ଦେଶ୍ୟରେ ଏହି ଚିଠି ଲେଖିଥିବା କୁହାଯାଉଛି। ଉକ୍ତ ଚିଠିରେ କ'ଣ ଲେଖା ରହିଛି ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ କିଛି ବି ସୂଚନା ଦେଇନାହିଁ। କ୍ରାଇମବ୍ରାଞ୍ଚ ଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଜେଲ ଭିତରୁ କିଛି ଡକ୍ୟୁମେଣ୍ଟ ମିଳିଛି ଓ ସେ ଭିତରେ ହାତଲେଖା ରହିଛି ବୋଲି କହିଥିଲେ। ଏହି ଡକ୍ୟୁମେଣ୍ଟ ଏବଂ ହାତଲେଖାକୁ ହ୍ୟାଣ୍ଡ ରେକର୍ଡ ବ୍ୟୁରୋକୁ ପଠାଯିବ ବୋଲି କହିଛନ୍ତି। ଏଥିରେ କ'ଣ ଲେଖାଯାଇଛି ସେ କିଛି ବି ସୂଚନା ଦେଇନାହାନ୍ତି। ଗୋବିନ୍ଦଙ୍କ ଶେଷ ଚିଠିରେ ସେ କ'ଣ ଉଲ୍ଲେଖ କରିଛନ୍ତି ତାକୁ ନେଇ ଅପେକ୍ଷା ରହିଛି। ବଲାଙ୍ଗୀର ଜିଲା ଝରଣୀ ଗାଁର ମମିତା ମେହେର କଳାହାଣ୍ଡି ଜିଲା ମହାଲିଙ୍ଗ କଲେଜରେ ଯୁକ୍ତ ଦୁଇ ପାଠ ପଢୁଥିଲେ। ସେଠାରେ ପଢ଼ିବା ସମୟରୁ କଲେଜ ପରିଚାଳନା କମିଟି ସଦସ୍ୟ ଗୋବିନ୍ଦ ସାହୁଙ୍କ ସହ ଘନିଷ୍ଠ ହୋଇଥିଲେ। ଏହାପରେ ପାଟଣାଗଡ କଲେଜରେ ସ୍ନାତକ ସାରିବା ପରେ ମହାଲିଙ୍ଗ ଗାଁରେ ଗୋବିନ୍ଦଙ୍କ ଉଦ୍ୟମରେ ଖୋଲାଯାଇଥିବା ଏକ ଘରୋଇ ସ୍କୁଲରେ ଶିକ୍ଷୟିତ୍ରୀ ଭାବେ ଯୋଗ ଦେଇଥିଲେ। ପରେ ସେଠାରେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ। ଅନେକ ସମୟରେ ଗୋବିନ୍ଦ ମମିତାଙ୍କ ଗାଁ ଝରଣୀସ୍ଥିତ ଘରକୁ ମଧ୍ୟ ଆସିଥିଲେ। ତେବେ ୨୦୨୧ ଅକ୍ଟୋବର ୮ ତାରିଖରେ ମହାଲିଙ୍ଗ ଯିବା ବାଟରେ ମମିତା ନିଖୋଜ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଗୋବିନ୍ଦ ତାଙ୍କୁ ହତ୍ୟା କରି ପୋଡି ପୋତି ଦେଇଥିବା ଜଣାପଡିଥିଲା। ମହାଲିଙ୍ଗ କଲେଜରେ ଅନୈତିକ କାର୍ଯ୍ୟକଳାପ ଚାଲିଥିବା ଏବଂ ଏଥିରେ ପୂର୍ବତନ ମନ୍ତ୍ରୀ, ରାଜନେତା ଏବଂ ବଡବଡିଆ ସାମିଲ ଥିବା ନେଇ ମମିତା ଅନେକ କିଛି ତଥ୍ୟ ପେନ୍ ଡ୍ରାଇଭରେ ରଖିଥିବା ଜଣାପଡିବା ପରେ ତାଙ୍କୁ ଯୋଜନାବଦ୍ଧ ହତ୍ୟା କରାଯାଇଥିବା ପୋଲିସ କହିଥିଲା। ଏହି ମାମଲାର ଶୁଣାଣି ଚାଲିଥିବା ବେଳେ ଗତ ୨୦ ତାରିଖ ଦିନ ଜେଲ ଭିତରେ ଗୋବିନ୍ଦ ମୃତ୍ୟୁବରଣ କରିବା ଘଟଣା ପୁଣି ଥରେ ରାଜ୍ୟବ୍ୟାପୀ ହଇଚଇ ସୃଷ୍ଟି କରିଛି। ଗୋବିନ୍ଦଙ୍କ ସ୍ତ୍ରୀ ସୁଷମା ଏବଂ କାକା ଶ୍ୱଶୁର ମହେନ୍ଦ୍ର ସାହୁ ଜେଲ ଭିତରେ ଗୋବିନ୍ଦଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ କରିବା ପରେ ସମଗ୍ର ଘଟଣାକ୍ରମ ପୁଣି ଥରେ ବିବାଦୀୟ ଏବଂ ରହସ୍ୟଜନକ ହୋଇପଡିଛି। କ୍ରାଇମବ୍ରାଞ୍ଚ ଏହା ଉପରୁ କେବେ ପର୍ଦ୍ଦା ହଟାଇବ ଏହାକୁ ସମସ୍ତେ ଅପେକ୍ଷା କରିଛନ୍ତି।



# ବିଦେଶୀ ପର୍ଯ୍ୟଟକଙ୍କ ସନ୍ଦେହଜନକ ମୃତ୍ୟୁ

ରାୟଗଡ଼ା ଅଫିସ/ରାୟଗଡ଼ା(ସ୍ୱ.ପ୍ର.),୨୩।୧୨

ରୁଷିଆରୁ ଭାରତ ଭ୍ରମଣରେ ଆସିଥିବା ଜଣେ ପର୍ଯ୍ୟଟକଙ୍କ ରାୟଗଡ଼ା ଠାରେ ଗୁରୁବାର ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ରୁଷିଆର ଭ୍ଲାଡିମିର୍ ବିଦାନୋଭ(୬୧)। ଭୁବନେଶ୍ୱରରେ ସେ ୧୯ ତାରିଖରେ ପହଞ୍ଚିବା ପରେ ଦାରିଙ୍ଗବାଡ଼ି ବୁଲିବାକୁ ଯାଇଥିଲେ। ସେଠାରୁ ୨୧ରେ ରାୟଗଡ଼ା ଆସିଥିଲେ। ହଠାତ୍ ଅସୁସ୍ଥ ହୋଇ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ବିଦାନୋଭ ରୁଷିଆର ଅନ୍ୟ ୩ ପର୍ଯ୍ୟଟକଙ୍କ ସହ ରାୟଗଡ଼ା ଆସିଥିଲେ। ସମସ୍ତେ ରାୟଗଡ଼ା ସହର ସ୍ଥିତ ଏକ ହୋଟେଲରେ ରହୁଥିଲେ। ଗୁରୁବାର ହଠାତ୍ ବିଦାନୋଭ ଅସୁସ୍ଥ ହୋଇପଡ଼ିଥିଲେ। ହୋଟେଲ କର୍ମଚାରୀ ଏବଂ ଟୁରିଷ୍ଟ ଗାଇଡ୍ ଜିତେନ୍ଦ୍ର ସିଂ ତାଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଏ ନେଇ ପୋଲିସକୁ ମଧ୍ୟ ସୂଚନା ଦିଆଯାଇଥିଲା। ହେଲେ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ମେଡିକାଲ ଶବଗୃହରେ ସଂରକ୍ଷିତ ରଖାଯିବା ସହ ବିଦେଶୀ ପର୍ଯ୍ୟଟକଙ୍କ ମୃତ୍ୟୁ ନେଇ କୋଲକାତା ସ୍ଥିତ ଦୂତାବାସକୁ ସୂଚନା ଦିଆଯାଇଛି। ଦୂତାବାସ ପକ୍ଷରୁ ବିଦାନୋଭଙ୍କ ପରିବାର ଲୋକଙ୍କୁ ଅବଗତ କରାଯାଇଛି। ଶନିବାର ସେମାନେ ରାୟଗଡ଼ାରେ ପହଞ୍ଚିବା ପରେ ମୃତଦେହ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡ଼ିଛି। ବିଦାନୋଭ ଜଣେ ହୃଦ୍‌ରୋଗୀ ହୋଇଥିବାବେଳେ ଅତ୍ୟଧିକ ମଦ୍ୟପାନ ତାଙ୍କ ମୃତ୍ୟୁର କାରଣ ହୋଇପାରେ ବୋଲି ଗାଇଡ୍ ସିଂ ଏବଂ ସାଙ୍ଗରେ ଆସିଥିବା ପର୍ଯ୍ୟଟକମାନେ ପୋଲିସ ନିକଟରେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ ବୋଲି ଏସ୍‌ଡିପିଓ ଦେବଜ୍ୟୋତି ଦାସ କହିଛନ୍ତି।



ଭ୍ଲାଡିମିର୍ ବିଦାନୋଭ

## ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘ ବୈଠକ

**ଡ. ମିହିର ଦାସ ସଭାପତି**

କଟକ ଅଫିସ,୨୩।୧୨– ଓଡ଼ିଶା ସରକାରୀ କଲେଜ ଅବସରପ୍ରାପ୍ତ ଶିକ୍ଷକ ସଂଘର ସାଧାରଣ ପରିଷଦ ବୈଠକ ଶୁକ୍ରବାର ବିଜେବି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିସହ ଆଗାମୀ ୩ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ହୋଇଛି। ଏଥିରେ ସଭାପତି ଭାବେ ପ୍ରାଣୀବିଜ୍ଞାନ ବିଭାଗର ଡକ୍ଟର ମିହିର ଦାସ ନିର୍ବାଚିତ ହୋଇଛନ୍ତି। ସେହିପରି ଡ. ନାରାୟଣ ମହାନ୍ତି (ଦର୍ଶନ) ଉପସଭାପତି, ଡ. କୈଳାସ ଚନ୍ଦ୍ର ଦାଶ (ଦର୍ଶନ) ସାଧାରଣ ସମ୍ପାଦକ, ଡ. ଅରୁନ୍ଧତୀ ମିଶ୍ର (ପଦାର୍ଥବିଜ୍ଞାନ) ଯୁଗ୍ମସମ୍ପାଦକ ଓ ଡ. ଅଭୟ କୁମାର ବେହେରା (ଇତିହାସ) କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ପ୍ରାଧ୍ୟାପକ ଧନେଶ୍ୱର ସାହୁ ନିର୍ବାଚନ ପରିଚାଳନା କରିଥିଲେ।

# 'ସୂଚନାର ଭରସାଯୋଗ୍ୟ ଉତ୍ସ ଗଣମାଧ୍ୟମ'




କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ।

## ପିଆଇବି ପକ୍ଷରୁ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ'

ଯାଜପୁର ଟାଉନ, ୨୩।୧୨ (ଡି.ଏନ.ଏ.)

ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଭୁବନେଶ୍ୱର ଆନୁକୂଲ୍ୟରେ ଏକ ଆଞ୍ଚଳିକ ଗଣମାଧ୍ୟମ କର୍ମଶାଳା 'ବାର୍ତ୍ତାଳାପ' ଯାଜପୁର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନରେ ଆୟୋଜିତ ଏହି କର୍ମଶାଳାକୁ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପିଆଇବି ସରକାର ଓ ଗଣମାଧ୍ୟମ ମଧ୍ୟରେ ଯୋଗସୂତ୍ର ରକ୍ଷାକାରୀ ଭାବେ କାର୍ଯ୍ୟ କରିଥାଏ। ସୂଚନା ଯେପର୍ଯ୍ୟନ୍ତ ଗଣମାଧ୍ୟମରେ ପ୍ରକାଶ ନ ପାଇଛି ସେ ପର୍ଯ୍ୟନ୍ତ ଜନସାଧାରଣ ତାହାକୁ ଗ୍ରହଣ କରି ପାରନ୍ତିନାହିଁ। ତେଣୁ ଗଣମାଧ୍ୟମ ସୂଚନାର ସବୁଠୁ ବଡ଼ ଭରସାଯୋଗ୍ୟ ଉତ୍ସ। ପିଆଇବିର ଯୁଗ୍ମ ନିର୍ଦ୍ଦେଶକ ଡ. ଗିରିଶ କୁମାର ଦାଶ ଯୋଗଦେଇ କହିଥିଲେ, 'ବାର୍ତ୍ତାଳାପ' କାର୍ଯ୍ୟକ୍ରମ ଭାରତ ସରକାରଙ୍କ ଏକ ଅଭିନବ ପରିକଳ୍ପନା। ପିଆଇବିର ବଳିଷ୍ଠ ମାଧ୍ୟମ ହେଉଛି ଗଣମାଧ୍ୟମ, ଯାହା ନିରନ୍ତର ଭାବେ ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ସହାୟକ ହୋଇଥାଏ। ସମ୍ମାନିତ ଅତିଥିଭାବେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ ଯୋଗଦେଇ ପିଆଇବିର ଏହି କାର୍ଯ୍ୟକ୍ରମକୁ ପ୍ରସଂଶା କରିଥିଲେ। ନୋଡାଲ ଅଧିକାରୀ ଭାବେ ଲିଡ୍ ବ୍ୟାଙ୍କ ସମୂହର ପ୍ରବନ୍ଧକ ମନୋଜ କୁମାର ପ୍ରଧାନୀ ଯୋଗଦେଇ ସାମାଜିକ ସୁରକ୍ଷା ଯୋଜନାରେ ବ୍ୟାଙ୍କ ମାଧ୍ୟମରେ ହିତାଧିକାରୀଙ୍କୁ ମିଳୁଥିବା ସୁବିଧା ଉପରେ ଟିପ୍ପଣୀ ରଖିଥିଲେ।

ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ଆନନ୍ଦ ଚନ୍ଦ୍ର ସାହୁ, ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସରୋଜ କୁମାର ଶତପଥୀ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ପତ୍ର ସୂଚନା କାର୍ଯ୍ୟାଳୟର ରାଜ୍ୟ ନୋଡାଲ ଅଧିକାରୀ ପ୍ରଦୀପ କୁମାର ଚୌଧୁରୀ ସମସ୍ତଙ୍କୁ ସ୍ୱାଗତ କରିବା ସହ କର୍ମଶାଳାର ଆଭିମୁଖ୍ୟ ଓ ପିଆଇବିର କାର୍ଯ୍ୟଧାରା ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ପିଆଇବି ଭୁବନେଶ୍ୱରର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଜିଲାର ୧୦୦ରୁ ଊର୍ଦ୍ଧ୍ୱ ଗଣମାଧ୍ୟମ ପ୍ରତିନିଧି ଯୋଗ ଦେଇଥିଲେ।

## ୨୯ରୁ ଜଳେଶ୍ୱରରୁ ପୁରୀ ଗଡ଼ିବ ମେମୋ

ଜଳେଶ୍ୱର, ୨୩।୧୨(ଡି.ଏନ୍.ଏ)

ଦୀର୍ଘ ଅଢ଼େଇ ବର୍ଷ ଧରି ୬ ଅପ୍ ଓ ୫ ଡାଉନ୍ ଟ୍ରେନ୍ ଚଳାଚଳ ବନ୍ଦ ହୋଇଥିବା ବେଳେ ଉତ୍ତର ବାଲେଶ୍ୱରବାସୀ ଯାତାୟାତରେ ହଇରାଣ ହୋଇ ଆସୁଥିଲେ। ଅନ୍ୟ ଏକ ଟ୍ରେନ୍ ଚଳାଚଳ ଲାଗି ଦାବି କରି ଆସୁଥିଲେ। ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଆସନ୍ତା ୨୯ ତାରିଖରୁ ଜଳେଶ୍ୱରରୁ ପୁରୀ ଏକ ମେମୋ ଚଳାଚଳ କରିବ ବୋଲି ରେଳବାଇ ପକ୍ଷରୁ ନିଷ୍ପତ୍ତି ହୋଇଥିବା ସୂଚନା ମିଳିଛି। ଉକ୍ତ ଦିନ ଏହି ଟ୍ରେନ୍‌ର ଶୁଭାରମ୍ଭ ହେବ ବୋଲି ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରେଳବାଇର ଡେପୁଟି ଡାଇରେକ୍ଟର ରାଜେଶ କୁମାର ସୂଚନା ଦେଇଛନ୍ତି। ଏହି ଖବର ଜଣାପଡିବା ପରେ ଜଳେଶ୍ୱର ଭାଜପା ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀଙ୍କୁ କୃତଜ୍ଞତା ଜଣାଯାଇଛି। ଜଳେଶ୍ୱର, ଭୋଗରାଇ, ରାଇବଣିଆ ଓ ସୀମାନ୍ତ ପଶ୍ଚିମବଙ୍ଗର ଜନସାଧାରଣ ଉପକୃତ ହେବେ ବୋଲି ଫାଲଗୁନୀ ପାଣିଗ୍ରାହୀ, ଶାନ୍ତନୁ ପଟ୍ଟନାୟକ, ଅରୁଣ କୁମାର ବେଜ, ପ୍ରବୀର କୁମାର ପ୍ରଧାନ, ସମୀର କୁମାର ପାତ୍ର, ଜଗନ୍ନାଥ ଗୋଛାୟତ, ସୁମତୀରାଣୀ ଦେ, ସାବିତ୍ରୀ ଜେନା, ପ୍ରଦୀପ ମହାନ୍ତି, ବିଶ୍ୱରୂପ ଦାସ, ତରୁଣ ପଟ୍ଟନାୟକ, ଚନ୍ଦନ ଦାସ, ଶିବ ନାରାୟଣ ମହାପାତ୍ର, ସସ୍ମିତା ପାତ୍ର ଓ ଉମା ହେମ୍ବ୍ରମ ପ୍ରମୁଖ କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ବନ୍ଧୁମାନଙ୍କ ସହ କୌଣସି ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। କୌଣସି ସୁଯୋଗ ପାଇ ମଧ୍ୟ ହରାଇବା ସକାଶେ ବ୍ୟଥିତ ହେବାକୁ ପଡ଼ିପାରେ। ଶିଳ୍ପ, ବାଣିଜ୍ୟ ବ୍ୟବସାୟ ଓ ପରିବହନରେ ସଫଳତା ହାସଲ କରିବେ। ପରଶ୍ରୀକାତର ବନ୍ଧୁଙ୍କ ଦ୍ୱାରା ସଭାସମିତିରେ ସମାଲୋଚିତ ହୋଇପାରନ୍ତି।

**ବୃଷ**
କୌଣସି ଘଟଣାକୁ କେନ୍ଦ୍ରକରି ସକାଳୁ ସକାଳୁ ମନଟା ବିଗିଡ଼ି ଯାଇପାରେ। ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସାଙ୍ଗକୁ ପରିବାରରେ ଶାନ୍ତି ମଧ୍ୟ ଫେରିଆସିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନିଧ୍ୟରେ ଆସିବେ। ଆଜି ଦିନ ମଧ୍ୟରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ।

**ମିଥୁନ**
ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରି କାମ ଚଳାଇ ନେବେ। ଆଦେଶପ୍ରାପ୍ତ ହୋଇ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇ ପାରନ୍ତି। ସାମାଜିକ ସ୍ତରରେ ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି।

**କର୍କଟ**
ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ନିଜ ପରିସରରେ ବନ୍ଧୁମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ଆଜିହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

**ସିଂହ**
ଆଲୋଚନାର ଶେଷଭାଗରେ କୌଣସି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇ ନେଇପାରନ୍ତି। ଅଫିସରେ ଭୁଲ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ପରିବାରର ଆବଶ୍ୟକତା ଅନୁଯାୟୀ ଧାର କରଜ କରି କାମ ଚଳାଇ ନେବେ। ପରିସ୍ଥିତି ଯାହା ହେଉନା କାହିଁକି ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାପାଇଁ ସମର୍ଥ ହେବେ।

**କନ୍ୟା**
ଆଜି ଦିନଟିରେ କୌଣସି କ୍ଷେତ୍ରରେ ତରବରିଆ ଭାବେ କୌଣସି କାମ କରନ୍ତୁ ନାହିଁ। କର୍ମକ୍ଷେତ୍ରରେ ବନ୍ଧୁମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମୟିକ ସମସ୍ୟା ଦେଖାଦେବାରୁ ହାତକୁ ନେଇଥିବା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। କଥାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**ତୁଳା**
ମନେ ମନେ ଭାବୁଥିବା କଥାଟି ଆଜି ବାସ୍ତବରେ ପରିଣତ ହୋଇଯିବ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାଳୁ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବିଛା**
ଟେନ୍‌ସନ୍ ମଧ୍ୟରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ରଖିବା ପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଗୃହସୀମା, କିମ୍ବା ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିବ। ପଡ଼ୋଶୀ କିମ୍ବା ସହକର୍ମୀ ସାଧାରଣ କଥାକୁ କେନ୍ଦ୍ର କରି କଳହ କରିପାରନ୍ତି।

**ଧନୁ**
ଆଲୋଚନା ପରିସରରେ ଆପୋସ ମିଳାମିଶାରୁ ପୂର୍ବ ସମସ୍ୟାର ସମାଧାନ ଘଟିବ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇଯିବେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନିକ ସ୍ତରରେ ସମସ୍ୟାର ସମାଧାନ ହୋଇଯିବ।

**ମକର**
ସବୁ ସମୟରେ ପାଖରେ ଥିବା ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। ଭଲରୂପେ ନ ଜାଣି ଅଯଥା ସନ୍ଦେହକଲେ ନିଜେହିଁ କ୍ଷତିରେ ପଡ଼ିବେ। ମୂଲ୍ୟବାନ ଜିନିଷଟି ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି। ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ।

**କୁମ୍ଭ**
ମାନସିକ ସ୍ଥିତି ପ୍ରାୟତଃ ଭଲ ରହିଲେ ମଧ୍ୟ ଦୁର୍ବଳତା ଲାଗିରହିବ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ।

**ମୀନ**
ଆଜି ସକାଳୁ ସକାଳୁ ପାରିବାରିକ ଶାନ୍ତି ଓ ସୁସ୍ଥତା ବ୍ୟାହତ ହୋଇପାରେ। ଆନୁଷ୍ଠାନିକ ସ୍ତରରେ ସବୁ ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ କରିବେ। ଅଫିସ୍‌ରେ କୌଣସି ବ୍ୟତିକ୍ରମ ଅବଲୋକନ କରି ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବ୍ୟବସାୟ,ବାଣିଜ୍ୟ ଓ କଳା ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ, ପୌଷ ଶୁକ୍ଳ ପ୍ରତିପଦା ଯୁକ୍ତ ଦ୍ୱିତୀୟା, ଶନିବାର, ରାଶିନକ୍ଷତ୍ର- ପୂର୍ବାଷାଢ଼ା/ଧନୁ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୭।୪୮ ଗତେ ଘ.୦୯।୦୩ ମଧ୍ୟେ, ଘ.୧୨।୦୭ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୦୩ ଗତେ ଘ.୧୦।୨୫ ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ପ୍ରସ୍ତୁତ ରହିବାକୁ ସବୁ ...

ସମସ୍ତ ଜିଲା ମୁଖ୍ୟାଳୟରେ ଥିବା ଡାକ୍ତରଖାନାଗୁଡ଼ିକରେ ୨୭ରେ ମକ୍‌ଡ୍ରିଲ କରାଯିବ। ସେହିଭଳି ହକି ବିଶ୍ୱକପ୍‌କୁ ଦୃଷ୍ଟିରେ ରଖି ୩ଟି ସହର ଭୁବନେଶ୍ୱର, ରାଉରକେଲା ଓ କଟକରେ ଅଧିକ ଟେଷ୍ଟିଂ ଓ ଅଧିକ ୩ଟି ଗାଡ଼ି ରହିବ। ଆବଶ୍ୟକ ହେଲେ ଅତିରିକ୍ତ ଷ୍ଟାଫ୍ ରଖିବାକୁ ପରାମର୍ଶ ଦିଆଯାଇଛି। ୟୁପିଏଚ୍‌ସି ଏବଂ ୟୁସିଏଚ୍‌ସିରେ ଆଣ୍ଟିଜେନ୍ ଓ ଆର୍‌ଟିପିସିଆର୍ ଟେଷ୍ଟ ବ୍ୟବସ୍ଥା ରହିବ। ଏଥିସହିତ ସମସ୍ତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ 'ଫିଭର କ୍ଲିନିକ' ଖୋଲାଯିବା ସହିତ ବାକି ରହି ଯାଇଥିବା ବ୍ୟକ୍ତିଙ୍କୁ ବୁଷ୍ଟର ଡୋଜ୍ ପ୍ରଦାନ ପାଇଁ ବ୍ୟବସ୍ଥା କରାଯିବ। ରାଜ୍ୟ ଔଷଧ ନିଗମ ପକ୍ଷରୁ ୩ ମାସ ପାଇଁ ଆବଶ୍ୟକ ପରିମାଣର ଔଷଧ, କୋଭିଡ୍ ଟେଷ୍ଟିଂ 'କିଟ୍' ଓ ଅକ୍ସିଜେନ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିମାନବନ୍ଦର ଓ ସମୁଦ୍ର ବନ୍ଦରଗୁଡ଼ିକରେ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବ। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ବିଭିନ୍ନ ମାର୍ଗଦର୍ଶିକା ଲାଗୁ କରାଯିବାକୁ ନିଷ୍ପତ୍ତି ହୋଇଛି। ସୂଚନାଯୋଗ୍ୟ, ଚାଇନା ଭାରିଆଣ୍ଟ ଚିହ୍ନଟ ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ଆଡ୍‌ଭାଇଜରି ଜାରି କରାଯାଇଛି। ବୁଷ୍ଟର ଡୋଜ୍ ଟିକାଦାନ ତ୍ୱରାନ୍ୱିତ କରିବାକୁ କେନ୍ଦ୍ର ପରାମର୍ଶ ଦେଇଛି। ଆଗକୁ ଉତ୍ସବ ସମୟ ଥିବାରୁ ଏଥିପାଇଁ ସତର୍କ କରାଯାଇଛି। ଗହଳି ଏଡ଼ାଇବା ସହ ସେସବୁ ସ୍ଥାନରେ ମାସ୍କ ପରିଧାନକୁ ନିଶ୍ଚିତ କରିବା ପାଇଁ କୁହାଯାଇଛି।

### ନୂଆ ଭାରିଆଣ୍ଟକୁ ପ୍ରତିହତ କରିପାରିବ ବୁଷ୍ଟର ଡୋଜ୍

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ଓଡ଼ିଶାରେ କରୋନାର ନୂଆ ଭାରିଆଣ୍ଟ ତଥା ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ବିଏଫ୍.୭ ଭୂତାଣୁ ଚିହ୍ନଟ ହେବା ପରେ ରାଜ୍ୟବାସୀଙ୍କ ଚିନ୍ତା ବଢ଼ିଯାଇଛି। ଏହାକୁ କିପରି ମୁକାବିଲା କରାଯିବ ତାକୁ ନେଇ ରାଜ୍ୟ ସରକାର ମଧ୍ୟ ବିଭିନ୍ନ ନିଷ୍ପତ୍ତି ନେଇସାରିଲେଣି। ଟିକାକରଣରେ ବୁଷ୍ଟର ଡୋଜ୍ ଏହି ନୂଆ ଭାରିଆଣ୍ଟକୁ ପ୍ରତିହତ କରିପାରିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ଡା. ବିଜୟ ପାଣିଗ୍ରାହୀ କହିଛନ୍ତି। ସେ କହିଛନ୍ତି, ଗତ ନଭେମ୍ବର ୨୮ରୁ ସରକାରୀ କୋଭିଡ୍ ଟିକାକରଣ ବନ୍ଦ ରହିଛି। ତେଣୁ ଟିକା ଯୋଗାଣ ପାଇଁ ପୁଣିଥରେ କେନ୍ଦ୍ରକୁ ଅନୁରୋଧ କରାଯିବା ସହ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କେନ୍ଦ୍ରକୁ ଚିଠି ଲେଖାଯିବ। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ୮ କୋଟି ୧୪ ଲକ୍ଷ ଟିକା ଦିଆସରିଛି। ୯୭ ପ୍ରତିଶତ ଲୋକ ପ୍ରଥମ ଡୋଜ୍ ନେଇସାରି ଥିବାବେଳେ ୯୪ ପ୍ରତିଶତ ଦ୍ୱିତୀୟ ଡୋଜ୍ ଏବଂ ମାତ୍ର ୪୧ ପ୍ରତିଶତ ଲୋକ ପ୍ରିକଶନ ଡୋଜ୍ ବା ବୁଷ୍ଟର ଡୋଜ୍ ନେଇଛନ୍ତି। ରାଜ୍ୟରେ ଏବେ ବି ୨୫ ଲକ୍ଷ ଲୋକ ଦ୍ୱିତୀୟ ଡୋଜ୍ ଆଉ ୫୯ ପ୍ରତିଶତ ଲୋକ ବୁଷ୍ଟର ଡୋଜ୍ ନେଇନାହାନ୍ତି ବୋଲି ବିଜୟ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ବର୍ତ୍ତମାନ ଟିକା ଯୋଗାଣ ନାହିଁ, ଯେତିକି ଥିଲା ସରିଯାଇଛି। ତଥାପି ଆମେ ସଜାଗ ଅଛୁ। ସଂକ୍ରମଣକୁ ପ୍ରତିହତ ପାଇଁ ଓଡ଼ିଶା ସରକାର ପ୍ରସ୍ତୁତ। ଏବେ ରାଜ୍ୟର ୧୨ଟି ଘରୋଇ ହସ୍ପିଟାଲରେ ଟିକାକରଣ ଚାଲିଛି। ବାହାର ରାଜ୍ୟରୁ ୧୬ ଲକ୍ଷ ୧୭ ହଜାର ଟିକା ମଗାଯାଇଥିଲା। ବୁଷ୍ଟର ଡୋଜ୍ ନେଇଥିବା ଲୋକେ ସୁରକ୍ଷିତ । ନୂଆ ଭାରିଆଣ୍ଟକୁ ବୁଷ୍ଟର ଡୋଜ୍ ଟିକା ମୁକାବିଲା କରିପାରିବ ବୋଲି ପରିବାର କଲ୍ୟାଣ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

### ଅଚ୍ୟୁତଙ୍କୁ ୫୦ତମ ...

ଗଣେଶୀ ଲାଲ୍ ଏହି ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିଥିଲେ। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୫୦ତମ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ। ଏହି ଅବସରରେ ରାଜ୍ୟପାଳ ଡ. ସାମନ୍ତଙ୍କୁ ସମାବର୍ତ୍ତନ ଉତ୍ସବର 'ଅଗ୍ରଣୀ କିମ୍ବଦନ୍ତୀ' ଭାବେ ଅଭିହିତ କରିବା ସହ ଜଣେ ଅତି ସାଧାରଣ, ନମ୍ର, କୃତଜ୍ଞ, ସାହସୀ, ଦୃଢ଼, ଉଦାର, ସମଭାବସମ୍ପନ୍ନ, ଶାନ୍ତିର ପ୍ରଚାରକ ବୋଲି କହିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ଡ. ସାମନ୍ତ ଆନନ୍ଦ ପ୍ରକାଶ କରିବା ସହ ବିଶ୍ୱବିଦ୍ୟାଳୟ କୁଳାଧିପତି ତଥା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ସିଣ୍ଡିକେଟ୍ ସଦସ୍ୟଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ଯେଉଁ ବିଶ୍ୱବିଦ୍ୟାଳୟରେ ମୁଁ ଦିନେ ଛାତ୍ର ଥିଲି ସେହି ବିଶ୍ୱବିଦ୍ୟାଳୟ ପକ୍ଷରୁ ମୋତେ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ମୁଁ ନିଜକୁ ଧନ୍ୟ ମନେକରୁଛି। ଏହା କୌଣସି ବ୍ୟକ୍ତିର ଭାଗ୍ୟରେ ଥିଲେ ହିଁ ସମ୍ଭବ ହୋଇଥାଏ। ଏହାକୁ ମୋ ମାଆଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି ବୋଲି ସାମନ୍ତ କହିବା ସହ ଏହା ମୋ ପାଇଁ ଗୌରବର ବିଷୟ ବୋଲି ପ୍ରକାଶ କରିଛନ୍ତି।

### ବିକିନି କିଲର୍ ...

କରିବା ପାଇଁ ବୁଧବାର ନିର୍ଦ୍ଦେଶ ଦେଇଥିଲେ। ଏଥିସହ ମୁକ୍ତ ହେବାର ୧୫ ଦିନ ମଧ୍ୟରେ ତାଙ୍କୁ ପ୍ରତ୍ୟର୍ପଣ କରିବାକୁ ସର୍ବୋଚ୍ଚ ଅଦାଲତଙ୍କ ନିର୍ଦ୍ଦେଶ ରହିଥିଲା। ନେପାଳରେ ଚାର୍ଲ୍ସଙ୍କ ବିରୋଧରେ ଆଉ କୌଣସି ମାମଲା ବିଚାରାଧୀନ ନାହିଁ। ଏବେ ସେ ଜଣେ ମୁକ୍ତ ମଣିଷ ବୋଲି ଚାର୍ଲ୍ସଙ୍କ ଓକିଲ ଗୋପାଳ ସିଓ୍ୱାକୋଟି ଚିନ୍ତନ ସୂଚନା ଦେଇଛନ୍ତି।

### ବର୍ଷେ ଯାଏ ...

୩୫ କିଲୋଗ୍ରାମ ରାଶନ ମିଳୁଛି। ଆଗାମୀ ବର୍ଷେ ପର୍ଯ୍ୟନ୍ତ ରାଶନ ସମ୍ପୂର୍ଣ୍ଣ ମାଗଣା ଯୋଗାଇ ଦିଆଯିବ ଏବଂ ଏବାବଦରେ ସରକାର ୨ ଲକ୍ଷ କୋଟି ଟଙ୍କା ଭରଣା କରିବେ ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି। କୋଭିଡ୍ ପରେ ଏନ୍‌ଏଫ୍‌ଏସ୍‌ଏ ରାଶନକୁ ବାଦ୍ ଦେଇ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଯୋଜନାରେ ମୁଣ୍ଡପିଛା ୫ କିଲୋଗ୍ରାମ ଲେଖାଏ ଖାଦ୍ୟଶସ୍ୟ ମାଗଣା ମିଳୁଥିଲା। ଏହାର ସମୟସୀମା ଡିସେମ୍ବର ୩୧ରେ ଶେଷ ହେଉଥିବାବେଳେ ଏହାକୁ ଆଉ ନ ବଢ଼ାଇବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

### ପୋଖରୀରେ ବୁଡ଼ି ...

ପୁଅ ବିଶାଲରାଜ (୧୨), ଶୈଶବ ସାହୁଙ୍କ ପୁଅ ସନ୍ଦୀପ (୧୨) ଓ ବୀର କିଶୋର ପରିଡ଼ାଙ୍କ ପୁଅ ବିବେକ (୧୩) ଭୋଜିର ଆୟୋଜନ କରିଥିଲେ। ବିଶାଲଙ୍କ ଘରେ ଭୋଜି ରନ୍ଧା ଯାଇଥିଲା। ଗାଁଠାରୁ ଦୂର ବିଲ ମଝିରେ ଥିବା ପୋଖରୀକୁ ୩ ସାଙ୍ଗ ବିଶାଲ, ସନ୍ଦୀପ ଏବଂ ବିବେକ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ପରେ ସାଥୀ ହୋଇ ଖାଇଥାନ୍ତେ। କିନ୍ତୁ ଗାଧୋଇବା ସମୟରେ ସେମାନେ ପାଣିରେ ବୁଡ଼ିଯାଇଥିଲେ। ସେମାନଙ୍କ ଚିତ୍କାର ଶୁଣି ଦୂରରେ ଗାଈ ଚରାଉଥିବା ଝିଅଟିଏ ପୋଖରୀ ପାଖରେ ପହଞ୍ଚିଥିଲେ। ସେଠାରେ କେହି ନ ଥିବାବେଳେ ପିଲାଙ୍କ ଚପଲ ପୋଖରୀ ହୁଡାରେ ଦେଖିବାକୁ ପାଇଥିଲେ। ପିଲା ବୁଡ଼ିଯାଇଥିବା ସନ୍ଦେହ କରି ଗାଁକୁ ଧାଇଁ ଯାଇ ଲୋକଙ୍କୁ କହିବା ପରେ ପରିବାର ଲୋକେ ପୋଖରୀରେ ନିକଟରେ ପହଞ୍ଚିଥିଲେ। ପାଣି ଭିତରେ ଖୋଜାଖୋଜି କରିବା ପରେ ୩ ସାଙ୍ଗଙ୍କୁ ସେଠାରୁ ବାହାର କରାଯାଇଥିଲା। ନିକଟରେ ଥିବା ଗୁପ୍ତି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସେମାନଙ୍କୁ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ପରେ ସେମାନଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ଡାକ୍ତର ସେଠାରେ ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ରାଜନଗର ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତ ନାବାଳକମାନଙ୍କ ମୃତଦେହକୁ ଆଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ରାଜନଗର ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡ଼ା ଜିଲା ପରିଷଦ ଉପାଧ୍ୟକ୍ଷ ଅଶୋକ କୁମାର ପ୍ରତିହାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ଉପାଧ୍ୟକ୍ଷ ଗଣେଶ ଚନ୍ଦ୍ର ଗୁଡ଼ିଆ ପ୍ରମୁଖ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତକଙ୍କ ପରିବାରକୁ ସମବେଦନା ଜଣାଇଥିଲେ। କେନ୍ଦ୍ରାପଡ଼ା ଜିଲାପାଳ ଅମୃତ ଋତୁରାଜଙ୍କ ନିର୍ଦ୍ଦେଶକ୍ରମେ ସ୍ଥାନୀୟ ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ରେଡକ୍ରସ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ଏ ନେଇ ଥାନାରେ ୩୪, ୩୫, ୩୬ ନମ୍ବରରେ ୩ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ସୂଚନାଥାଉ କି ମୃତ ବିଶାଲ, ସନ୍ଦୀପ ଓ ବିବେକ ମା'ବାପାଙ୍କର ଏକମାତ୍ର ପୁତ୍ର ସନ୍ତାନ ଥିଲେ। କୂଳଦୀପ ଲିଭିଯାଇଥିବାରୁ ମା'ବାପାଙ୍କ ବୁକୁଫଟା କାନ୍ଦ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଶୋକାକୁଳ ପରିବେଶ ସୃଷ୍ଟି କରିଥିଲା।

**ତହସିଲଦାରଙ୍କ ଗାଡ଼ିରେ ହସ୍ପିଟାଲ ନିଆଗଲା**

ରାଜନଗର ତହସିଲଦାର ଅଶ୍ୱିନୀ କୁମାର ଭୂୟାଁ ଶୁକ୍ରବାର ସାତଭାୟା ଥଇଥାନସ୍ଥଳକୁ ସରକାରୀ କାର୍ଯ୍ୟରେ ଯାଇଥିଲେ। ସେହି ସମୟରେ ସ୍ଥାନୀୟ ଲୋକେ ୩ ନାବାଳକଙ୍କୁ ପାଣିରୁ ଉଦ୍ଧାର କରି ଡାକ୍ତରଖାନା ନେବାକୁ ଆମ୍ବୁଲାନ୍ସ କିମ୍ବା କୌଣସି ଯାନ ସୁବିଧା ପାଇ ନ ଥିଲେ। ସ୍ଥାନୀୟ ଲୋକେ ତହସିଲଦାର ଭୂୟାଁଙ୍କୁ ଖବର ଦେବା ପରେ ସେ ଘଟଣାସ୍ଥଳରେ ପହଞ୍ଚି ନିଜ ସରକାରୀ ଗାଡିରେ ୩ ଗୁରୁତର ନାବାଳକଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବାରେ ସହଯୋଗ କରିଥିଲେ। ତାଙ୍କର ଏହି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ୨୮ରେ ଓଡ଼ିଶା ଆସିବେ ନଡ୍ଡା

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ):** ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଜେ.ପି.ନଡ୍ଡା ଆସନ୍ତା ୨୮ରେ ଦିନିକିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହି ଅବସରରେ ସେ ପୁରୀ ଓ କନ୍ଧମାଳ ଲୋକ ସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ହେବାକୁ ଥିବା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ଭାଜପା ସଙ୍ଗଠନକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ନଡ୍ଡା କାର୍ଯ୍ୟକର୍ତ୍ତାଙ୍କ ସହ ଆଲୋଚନା କରିବେ। ଏଥିସହ ଗତ ୮ ବର୍ଷ ଶାସନରେ ମୋଦି ସରକାର ଓଡ଼ିଶାବାସୀଙ୍କ କଲ୍ୟାଣ ପାଇଁ ଲାଗୁ କରିଥିବା ବିଭିନ୍ନ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିବେ ବୋଲି ଶୁକ୍ରବାର ଲେଖାଶ୍ରୀ ସୂଚନା ଦେଇଛନ୍ତି।

### ସଂକ୍ଷେପରେ

## ୧୧ ଡିଗ୍ରୀ ତଳେ ୮ ସହର

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ):** ଉପକୂଳରେ ଶୀତ କମିଥିଲେ ମଧ ଆଭ୍ୟନ୍ତରୀଣ ଓଡ଼ିଶାର କେତେକ ସ୍ଥାନରେ ପାରଦ ତଳମୁହାଁ ରହିଛି। ରାଜ୍ୟର ୮ ସହରରେ ସର୍ବନିମ୍ନ ତାପମାତ୍ରା ୧୧ ଡିଗ୍ରୀ ସେଲ୍‌ସିୟସ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂଚନା ଅନୁଯାୟୀ ଶୁକ୍ରବାର ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ସେହିପରି କୋରାପୁଟ ୯, ଦାରିଙ୍ଗବାଡ଼ି ୯.୫, ଭବାନୀପାଟଣା ୯.୮, ଅନୁଗୋଳ ୧୦, କେନ୍ଦୁଝର ୧୦.୮, ଝାରସୁଗୁଡ଼ା୧୦.୨, ଢେଙ୍କାନାଳ ୧୦.୨, ନୟାଗଡ଼ ୧୧.୭, ବଲାଙ୍ଗୀର ୧୧.୩, ବୌଦ୍ଧରେ ପାରଦ ୧୧ ଡିଗ୍ରୀ ସେଲ୍‌ସିୟସ ରହିଥିଲା। ଆସନ୍ତା ୨୪ ଘଣ୍ଟାରେ ଅନୁଗୋଳ, ଢେଙ୍କାନାଳ, ଯାଜପୁର,ଭଦ୍ରକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ଗଞ୍ଜାମ, କନ୍ଧମାଳ ଜିଲାର କେତେକ ସ୍ଥାନରେ କୁହୁଡ଼ି ସମ୍ଭାବନା ରହିଛି।

## ୪୭୯୦ କନଷ୍ଟେବଲ ପଦବୀ ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ):** ଓଡ଼ିଶା ପୋଲିସରେ ୪୭୯୦ଟି କନଷ୍ଟେବଲ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଆରମ୍ଭ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ଦ୍ଦେଶ ଦେଇଛନ୍ତି। ଚଳିତ ବର୍ଷ ୪ଟି ପର୍ଯ୍ୟାୟରେ ଏହି ପଦବୀଗୁଡ଼ିକୁ ମୁଖ୍ୟମନ୍ତ୍ରୀ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଖାଲିଥିବା ଥିବା ଏ ସମସ୍ତ ପଦବୀ ପୂରଣ ପାଇଁ ଖୁବ୍‌ଶୀଘ୍ର ପ୍ରକ୍ରିୟା ଆରମ୍ଭ କରାଯିବ। ରାଜ୍ୟର ୩୪ଟି ପୋଲିସ ଜିଲା ତଥା କମିଶନରେଟ୍ ପୋଲିସରେ ସେମାନଙ୍କୁ ନିଯୁକ୍ତି ଦିଆଯିବ। ଏହାଦ୍ୱାରା ବିଭିନ୍ନ ଜିଲା ତଥା ଥାନାଗୁଡ଼ିକରେ ଖାଲି ଥିବା କନଷ୍ଟେବଲ ପଦବୀ ପୂରଣ ହୋଇପାରିବ। ଆଇନ ଶୃଙ୍ଖଳା ରକ୍ଷା ଦିଗରେ ପୋଲିସର ସାମର୍ଥ୍ୟ ମଧ ବୃଦ୍ଧି ପାଇବ। ସରକାରୀ ସ୍ତରରେ ଏତେ ସଂଖ୍ୟକ ନିଯୁକ୍ତି ପିଲାମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ଆଶା କରାଯାଉଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

## ଭିଜିଲାନ୍ସ ଜାଲରେ ବିଦ୍ୟୁତ୍ କର୍ମଚାରୀ

### ଫାର୍ମରେ ବିଦ୍ୟୁତ୍ ସଂଯୋଗ ପାଇଁ ନେଉଥିଲେ ୭,୫୦୦ ଟଙ୍କା

**ପିପିଲି,୨୩।୧୨(ଡି.ଏନ୍.ଏ./ସ୍ୱ.ପ୍ର.):** ପୁରୀ ଜିଲା ପିପିଲିର ଭାରତୀପୁର ବିଦ୍ୟୁତ୍ ସେକ୍ସନରେ ଲାଇନ ମ୍ୟାନ ଭାବେ କାର୍ଯ୍ୟ କରୁଥିବା ମାନସ ରଞ୍ଜନ ସାହୁ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ଏକ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ମାନସ ଜଣେ ବ୍ୟକ୍ତିଙ୍କଠାରୁ ୭, ୫୦୦ଟଙ୍କା ନେଉଥିବା ବେଳେ ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ଧରି ଗିରଫ କରିଛି। ଏ ନେଇ ଭିଜିଲାନ୍ସ ଟିମ୍ ମାନସଙ୍କ ବିରୋଧରେ ଏକ ମାମଲା(ନଂ.୪୩/୨୨) ରୁଜୁ କରିବା ସହ ଲାଞ୍ଚ ଟଙ୍କା ୭,୫୦୦କୁ ଜବତ କରିଛି। ସୂଚନା ମୁତାବକ, ଡେଲାଙ୍ଗ ଥାନା ଷଡାଙ୍ଗୋଇ ମଳିଗାଁ ଗ୍ରାମର ଜଣେ ବ୍ୟକ୍ତି ଭାରତୀପୁର ବିଦ୍ୟୁତ୍ ସେକ୍ସନ ଅନ୍ତର୍ଗତ ପଥରଢ଼ିଆ ଗ୍ରାମରେ ଏକ କୁକୁଡ଼ା ଫାର୍ମ କରିବା ପାଇଁ ଯୋଜନା କରିଥିଲେ। ଏଥିପାଇଁ ସେଠାରେ ବିଦ୍ୟୁତ୍ ସଂଯୋଗ କରିବା ପାଇଁ ଭାରତୀପୁର ବିଦ୍ୟୁତ୍ କାର୍ଯ୍ୟାଳୟକୁ ସେ ଯାଇଥିଲେ। ତେବେ ଲାଇନ ମ୍ୟାନ୍ ମାନସ ବିଦ୍ୟୁତ୍ ସଂଯୋଗ ପାଇଁ ତାଙ୍କୁ ୭ହଜାର ୫ଶହ ଟଙ୍କା ଲାଞ୍ଚ ମାଗିଥିଲେ। ଏ ନେଇ ବ୍ୟକ୍ତି ଜଣକ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ଅଭିଯୋଗ କରିଥିଲେ। ତେବେ ଶୁକ୍ରବାର ପଥରଢିଆ ଗ୍ରାମରୁ ଉକ୍ତ ବ୍ୟକ୍ତିଙ୍କଠାରୁ ମାନସ ୭,୫୦୦ଟଙ୍କା ଲାଞ୍ଚ ନେଉଥିବା ବେଳେ ପୂର୍ବ ଯୋଜନା ମୁତାବକ ଛକି ରହିଥିବା ଭିଜିଲାନ୍ସ ଟିମ୍ ତାଙ୍କୁ କାବୁ କରିଥିଲେ ବୋଲି ଭିଜିଲାନ୍ସ ଅଧିକାରୀ ଶିଶିର କୁମାର ଭୋଇ କହିଛନ୍ତି।

## ଆର୍‌ଡିସିଙ୍କ ନୂତନ ୱେବ୍‌ସାଇଟ୍ ଉଦ୍‌ଘାଟିତ

**କଟକ ଅଫିସ, ୨୩।୧୨:** କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) କଟକଙ୍କ ନୂତନ ସରକାରୀ ୱେବ୍‌ସାଇଟ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଆର୍‌ଡିସି ଡ. ସୁରେଶ ଚନ୍ଦ୍ର ଦଳାଇ ଏହାକୁ ଉଦ୍‌ଘାଟନ କରିଥିଲେ। କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନ୍ତର୍ଗତ ୧୦ଟି ଜିଲା, ପର୍ଯ୍ୟଟନ କ୍ଷେତ୍ର, ଆର୍‌ଡିସି ନ୍ୟାୟାଳୟ୍ ବିଜ୍ଞାପନ, ଟେଣ୍ଡର, କାର୍ଯ୍ୟକ୍ରମ, ନିଯୁକ୍ତି, ବିଜ୍ଞପ୍ତି, ଫଟୋ ଓ ଭିଡିଓ ଗ୍ୟାଲେରି, ସୂଚନା ଅଧିକାର ଓ ଜନଶୁଣାଣି ଇତ୍ୟାଦି ଏଥିରେ ରଖାଯାଇଛି। ଏହା url; https:// rdccdcuttack.nic.inରେ ଉପଲବ୍ଧ। ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ବିଜ୍ଞାନ କେନ୍ଦ୍ରର ଡିଆଇଓ ନମିତା ସେନାପତି, ସୂଚନା ଓ ଲୋକ ସମ୍ପର୍କ ବିଭାଗ କେନ୍ଦ୍ରାଞ୍ଚଳ ଉପନିର୍ଦ୍ଦେଶକ ହେମନ୍ତ ନାୟକ, ଦିଲୀପ ଦାସ, ଅଞ୍ଜଳି ରାଉତରାୟ, ସୁବାସ ଚନ୍ଦ୍ର ଦାସଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ହକି ବିଶ୍ୱକପ୍ ପରେ ୩ ଲେନ୍ ଆର୍‌ଓବି କାମ

## ବାଣୀବିହାର ଆର୍‌ଓବି, ଭୁବନେଶ୍ୱର ରେଳଷ୍ଟେଶନ କାର୍ଯ୍ୟ ସମୀକ୍ଷା

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଲୋକସେବା ଭବନରେ ଶୁକ୍ରବାର ବାଣୀବିହାର ରେଲ୍‌ୱେ ଓଭର ବ୍ରିଜ୍ (ଆରଓବି) ଏବଂ ଭୁବନେଶ୍ୱର ରେଳଷ୍ଟେଶନ କାର୍ଯ୍ୟ ସମୀକ୍ଷା କରାଯାଇଛି। ହକି ବିଶ୍ୱକପ୍ ପରେ ଅର୍ଥାତ ଆସନ୍ତା ଫେବୃୟାରୀରୁ ପ୍ରସ୍ତାବିତ ୩ ଲେନ ବିଶିଷ୍ଟ ବାଣୀବିହାର ଆରଓବି କାର୍ଯ୍ୟ ଆରମ୍ଭ କରିବାକୁ ରେଳ ବିକାଶ ନିଗମ ଲିମିଟେଡର ଅଧିକାରୀଙ୍କୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ହକି ବିଶ୍ୱକପ୍ ସମୟରେ ଟ୍ରାଫିକ୍‌ଭିଡ଼କୁ ନଜରରେ ଏହି ନିଷ୍ପତ୍ତି ନିଆଯାଇଛି।

ମୋଟ ୫୮୧ କୋଟି ଟଙ୍କା ବ୍ୟୟରେ ଖୋର୍ଦ୍ଧା-ବାରଙ୍ଗ ରୁଟ୍ ତୃତୀୟ ରେଲ୍‌ୱେ ଟ୍ରାକ୍ ନିର୍ମାଣ କାର୍ଯ୍ୟ ଚାଲିଛି। ୩୨ କିଲୋମିଟର ବିଶିଷ୍ଟ ଏହି ରେଳପଥର ୨୬ କିମି କାମ ଶେଷ ହୋଇଛି। ଭୁବନେଶ୍ୱର-ମଞ୍ଚେଶ୍ୱର ମଧ୍ୟରେ ୬ କି.ମି. ରେଳପଥ ସମ୍ପ୍ରସାରଣ ଲାଗି ବାଣୀବିହାର ଆରଓବିକୁ ଭାଙ୍ଗିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଇତିମଧ୍ୟରେ ବିକଳ୍ପ ରାସ୍ତା ଭାବେ ପୁରୁଣା ଆର୍‌ଓବିକୁ ଲାଗି ନୂତନ ଦୁଇଲେନ୍ ବିଶିଷ୍ଟ ଆର୍‌ଓବି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଗତ ୧୫ ତାରିଖଠାର ସେହି ରାସ୍ତା ଦେଇ ଯାନବାହନ ଚଳାଚଳ କରୁଛି। ପୁରୁଣା ଆରଓବି ଭାଙ୍ଗିବା ପରେ କାମ ତ୍ୱରାନ୍ୱିତ ହେବ ବୋଲି ରେଳ ବିକାଶ ନିଗମ ଲିମିଟେଡ୍‌ର ମୁଖ୍ୟ ପ୍ରକଳ୍ପ ମ୍ୟାନେଜର ପ୍ରଦୀପ ମହାନ୍ତି ସୂଚନା ଦେଇଛନ୍ତି। ବର୍ଷକ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ। ୩ ଲେନ୍ ବିଶିଷ୍ଟ ଆରଓବି କାର୍ଯ୍ୟ ଶେଷ ହେଲେ ଏହା ସବୁଦିନିଆ ରାସ୍ତା ଭାବେ ବ୍ୟବହୃତ ହେବ। ନବନିର୍ମିତ ଦୁଇ ଲେନ୍ ବିଶିଷ୍ଟ ଆରଓବି ରସୁଲଗଡ଼କୁ ସଂଯୋଗ କରୁଥିବା ରାସ୍ତା ଭାବେ ବ୍ୟବହାର କରାଯିବ।

ଏହି ଅବସରରେ ଭୁବନେଶ୍ୱର ରେଳଷ୍ଟେଶନ ନିକଟବର୍ତ୍ତୀ କଳ୍ପନା ଏବଂ ମାଷ୍ଟର କ୍ୟାଣ୍ଟିନ ପାର୍ଶ୍ୱ ଆଧୁନିକୀକରଣ କାର୍ଯ୍ୟର ମଧ ମୁଖ୍ୟ ଶାସନ ସଚିବ ସମୀକ୍ଷା କରିଥିଲେ। ତେବେ ନୂତନ ପ୍ରକଳ୍ପ ନିର୍ମାଣ ପୂର୍ବରୁ ବିଡିଏ ସହ ପରାମର୍ଶ କରିବାକୁ ସେ ପୂର୍ବତଟ ରେଲୱେ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରେଲୱେ ସମନ୍ୱୟ କମିଶନର ମନୋଜ କୁମାର ମିଶ୍ର, ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ବିଏମ୍‌ସି କମିଶନର ବିଜୟ ଅମୃତ କୁଲାଙ୍ଗେ, ବିଡିଏ ଉପାଧକ୍ଷ ବଲୱନ୍ତ ସିଂ, ଖୋର୍ଦ୍ଧା ରୋଡ୍ ଡିଭିଜନ ଡିଆରଏମ୍ ରିଙ୍କେଶ ରୟ, ପୂର୍ବତଟ ରେଳବାଇ ମୁଖ୍ୟଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



ଭୁବନେଶ୍ୱର କ୍ୟାଥୋଲିକ୍ ଚର୍ଚ୍ଚର ନବୀକରଣ କାର୍ଯ୍ୟ ଉଦ୍‌ଘାଟନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁଷ୍ଠାନର ଖ୍ରୀଷ୍ଟିଆନ ଧର୍ମଯାଜକମାନେ ଶୁକ୍ରବାର ନବୀନ ନିବାସକୁ ନିମନ୍ତ୍ରଣ କରିବାକୁ ଆସିଛନ୍ତି।

# ଟିକା ପାଇଁ କେନ୍ଦ୍ରକୁ ଚିଠି ଲେଖିଲା ଓଡ଼ିଶା

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ବିଶ୍ୱର ବିଭିନ୍ନ ଦେଶରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାବେଳେ ରାଜ୍ୟ ସରକାର ଏନେଇ ସର୍ତକତାମୂଳକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର ଶୁକ୍ରବାର କେନ୍ଦ୍ର ସରକାରଙ୍କୁ ଚିଠି ଲେଖି କୋଭିଡ୍ ପ୍ରିକଶନ ଟିକା ବା ବୁଷ୍ଟର ଡୋଜ୍ ଟିକାକରଣ କାର୍ଯ୍ୟକ୍ରମ ପୁଣିଥରେ ଆରମ୍ଭ କରିବାକୁ ଅନୁରୋଧ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବଙ୍କୁ ଚିଠି ଲେଖି କହିଛନ୍ତି, ରାଜ୍ୟରେ ଏପର୍ଯ୍ୟନ୍ତ ୮.୧୪ କୋଟି କୋଭିଡ୍ ଟିକା ଦିଆସରିଛି। ୧୨ବର୍ଷ ବୟସରୁ ଉର୍ଦ୍ଧ୍ୱ ୩.୫୨ କୋଟି(୯୭%) ଲୋକ ପ୍ରଥମ ଡୋଜ୍ ନେଇଥିବାବେଳେ ୩.୩୦କୋଟି ଲୋକ(୯୧%) ଦ୍ୱିତୀୟ ଡୋଜ୍ ନେଇସାରିଛନ୍ତି। ସେହିପରି ୧୮ବର୍ଷ ବୟସରୁ ଅଧିକ ୧.୩୧ କୋଟି ଲୋକ(୪୧%) ପ୍ରିକଶନ୍ ଡୋଜ୍ ନେଇଛନ୍ତି। ତେବେ ଭାରତ ସରକାର ଦେଇଥିବା କୋଭିଡ୍ ଟିକା ୨୦୨୨ ନଭେମ୍ବର ୨୮ ସୁଦ୍ଧା ଶେଷ ହୋଇସାରିଛି। ଏବେ ରାଜ୍ୟରେ ସରକାରୀ ଭାବେ କୋଭିଡ୍ ଟିକା ମହଜୁଦ ନାହିଁ। କିନ୍ତୁ ଏବେ ବିଦେଶରେ ସଂକ୍ରମଣ ବ୍ୟାପୁଥିବାରୁ ପ୍ରିକଶନ୍ ଡୋଜ୍ ନେବା ପାଇଁ ଲୋକମାନେ ଆଗ୍ରହ ଦେଖାଇବା ସହ ଚାପ ପକାଉଛନ୍ତି। ରାଜ୍ୟରେ ୧୮ବର୍ଷ ବୟସରୁ ଅଧିକ ୩.୨୫କୋଟି ଲୋକ ପ୍ରିକଶନ ଡୋଜ୍ ପାଇଁ ଯୋଗ୍ୟ ଥିବାବେଳେ ମାତ୍ର ୧.୩୧ କୋଟି ଲୋକଙ୍କୁ ଦେବା ସମ୍ଭବ ହୋଇଛି। ଏବେବି ୧.୯୩ କୋଟି ଲୋକ (୫୯%) ଟିକା ନେଇନାହାନ୍ତି। ତେଣୁ ସରକାରୀ ଟିକା କେନ୍ଦ୍ରରେ ଏହି ବାକିଥିବା ଲୋକଙ୍କୁ ପ୍ରିକଶନ ଡୋଜ୍ ଦେବା ନିମନ୍ତେ ଆବଶ୍ୟକ ଟିକା ଯୋଗାଇ ଦେବାକୁ ପଦକ୍ଷେପ ନେବା ପାଇଁ ସ୍ୱାସ୍ଥ୍ୟ ସଚିବ ଅନୁରୋଧ କରିଛନ୍ତି।




# ବିକ୍ରି ପୂର୍ବରୁ ଟିକିରିରୁ ଶିଶୁପୁତ୍ର ଉଦ୍ଧାର

### ଅପହରଣ କରିଥିଲେ ଭଣଜାଙ୍କ ପୁଅ

**ଦଶମନ୍ତପୁର,୨୩।୧୨( ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକରେ ଶିଶୁ ବିକ୍ରି ଅଭିଯୋଗ ହୋଇଛି। ଗୋଟିଏ ପରିବାରର ଶିଶୁପୁତ୍ରକୁ ସେମାନଙ୍କ ସମ୍ପର୍କୀୟ ବିକ୍ରି ନେଇ ଉଦ୍ୟମ କରୁଥିବା ବେଳେ ଏନେଇ ସୂଚନା ପାଇ ସ୍ଥାନୀୟ ପୋଲିସ ଶିଶୁଟିକୁ ଉଦ୍ଧାର କରିଥିବା ଜଣାପଡିଛି। ଖବରରୁ ଜଣାପଡିଛି, ଦଶମନ୍ତପୁର ସଦର ପଞ୍ଚାୟତ ବଦଲିକୁଡୁମା ଗ୍ରାମର ସମଲୁ ନାୟକ ଓ ଅମ୍ବିକାଙ୍କ ୫ବର୍ଷର ସାନପୁଅ ଗୌତମଙ୍କୁ ଗୁରୁବାର ଅପରାହ୍ନରେ ମାଆବାପା କୌଣସି କାର୍ଯ୍ୟରେ ବ୍ୟସ୍ତ ଥିବା ବେଳେ ଅମ୍ବିକାଙ୍କ ଭଣଜା ମାଦ ଗୌଡ଼ଙ୍କ ପୁଅ ମିଥୁନ ଗୌଡ଼ ଗୌତମଙ୍କୁ ଡାକିନେଇ ବ୍ଲକ କାର୍ଯ୍ୟାଳୟ ଆଡ଼କୁ ବୁଲେଇବାକୁ ନେଇଥିଲେ। ସେଠାରେ ମିଥୁନ ମଦ ପିଇ ଗୌତମଙ୍କୁ ମଧ ମଦ ପିଆଇଥିଲେ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ମିଥୁନ ଗୌତମଙ୍କୁ ବିକ୍ରି କରିବା ଉଦ୍ଦେଶ୍ୟରେ କୌଶଳ କରି ରାୟଗଡ଼ା ଜିଲାର କାଶୀପୁର ବ୍ଲକର ଟିକିରିକୁ ନେଇଯାଇଥିଲେ। ସନ୍ଧ୍ୟା ସୁଦ୍ଧା ପୁଅ ନ ଫେରିବାରୁ ପରିବାର ଲୋକେ ବ୍ୟସ୍ତ ହୋଇପଡ଼ିଥିଲେ। ଗୌତମଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହୋଇଥିଲେ ବୋଲି ମାଆ ଅମ୍ବିକା ପ୍ରକାଶ



ମାଆ ଅମ୍ବିକାଙ୍କ କୋଳରେ ଗୌତମ।

କରିଛନ୍ତି। ଏନେଇ ସେ ଦଶମନ୍ତପୁର ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ଥାନା ଭାରପ୍ରାପ୍ତ ଅଧିକାରୀ ଚନ୍ଦ୍ରଭାନୁ ମହାନ୍ତିଙ୍କ ନେତୃତ୍ୱରେ ସେକେଣ୍ଡ ଅଫିସର ନିର୍ମଳା ଲିମା ସଙ୍ଗେ ସଙ୍ଗେ ଟିକିରି ଥାନାକୁ ଯୋଗାଯୋଗ କରିଥିଲେ। ଟିକିରି ପୋଲିସ ଛାନ୍‌ଭିନ୍ କରି ବସ୍‌ଷ୍ଟାଣ୍ଡରୁ ମିଥୁନଙ୍କୁ କାବୁକରି ଗୌତମଙ୍କୁ ଉଦ୍ଧାର କରିଥିଲା। ଏ ସଂକ୍ରାନ୍ତରେ ଦଶମନ୍ତପୁର ଥାନାକୁ ଯୋଗାଯୋଗ କରି ଶିଶୁପୁତ୍ରଙ୍କୁ ହସ୍ତାନ୍ତର କରିଥିଲେ। ଶୁକ୍ରବାର ଦଶମନ୍ତପୁର ପୋଲିସ ଗୌତମଙ୍କୁ ତାଙ୍କ ମା'ଙ୍କୁ ଦେଇଥିବା ଜଣାପଡିଛି। ପୋଲିସର ତ୍ୱରିତ ପଦକ୍ଷେପ ଯୋଗୁ ଅପହୃତ ଶିଶୁ ଉଦ୍ଧାର ହୋଇପାରିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଦଫା ୩୬୩, ୩୭୦, କେସ୍ ନଂ. ୧୪୪/୨୨ରେ ମାମଲା ରୁଜୁକରି ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରାଯାଇଥିବା ସେକେଣ୍ଡ ଅଫିସର ଲିମା କହିଛନ୍ତି।

# 'ଭାଷା ଆଇନ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଓଡ଼ିଆ 'ଭାଷା ଆଇନ' ପୁସ୍ତକର ଉନ୍ମୋଚନ କରିଛନ୍ତି। ଓଡ଼ିଆ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥାଙ୍କ ଦ୍ୱାରା ସମ୍ପାଦିତ ତଥା ପ୍ରକାଶିତ ଏହି ପୁସ୍ତକରେ ୧୯୪୮ରୁ ୨୦୧୯ ପର୍ଯ୍ୟନ୍ତ ଓଡ଼ିଆ ସରକାରୀ ଭାଷା ଆଇନ ପ୍ରସ୍ତାବଠାରୁ ଆରମ୍ଭ କରି ସଂଶୋଧିତ ଦଣ୍ଡବିଧାନ ପର୍ଯ୍ୟନ୍ତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଧେୟକ, ଅଧିନିୟମ, ବିଜ୍ଞପ୍ତି, ନଥି ଓ ଚିଠିପତ୍ର ସ୍ଥାନିତ ହୋଇଛି। ପୁସ୍ତକଟିରେ ସମୁଦାୟ ୨୦ଟି ବିଷୟ ସ୍ଥାନିତ ହୋଇଛି। ଭିଡିଓ କନ୍‌ଫରେନ୍ସ ଜରିଆରେ ପୁସ୍ତକଟିକୁ ଉନ୍ମୋଚନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଭାଷା ହେଉଛି ଗୋଟିଏ ଜାତିର ଶ୍ରେଷ୍ଠ ସମ୍ପଦ ଓ ସବୁଠାରୁ ବଡ଼ ପରିଚୟ। ଓଡ଼ିଆ ଭାଷା ବହୁ ପୁରୁଣା ଏବଂ ଓଡ଼ିଆ ଭାଷାକୁ ନେଇ ଦେଶର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଓଡ଼ିଶା ଗଠିତ ହୋଇଥିଲା। ଯୁବ ସମାଜ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଦର ବୃଦ୍ଧି ପାଇଁ ସମସ୍ତେ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି.କେ. ପାଣ୍ଡିଆନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରକାଶକ ସରୋଜ ବଳ ସ୍ୱାଗତ ଭାଷଣ ଦେଇଥିଲେ।

# ୨୩ ଲକ୍ଷ ଟଙ୍କାର ନକଲି ଔଷଧ ଜବତ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ରାଜ୍ୟରେ ନକଲି ଔଷଧ କାରବାର ରୋକିବାକୁ ଜୋରଦାର ଚଢ଼ାଉ ଜାରି ରହିଛି। ଶୁକ୍ରବାର କଟକ ଓ ବରଗଡ଼ର ଦୁଇଟି ଗୋଦାମରୁ ବିପୁଳ ନକଲି ଔଷଧ ଜବତ କରାଯାଇଛି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ ସୂଚନା ଦେଇ କହିଛନ୍ତି, ସନ୍ଦେହାତ୍ମକ ଔଷଧ ପ୍ରସ୍ତୁତିରେ ଲିପ୍ତ ସଂସ୍ଥାକୁ ଔଷଧର ପରୀକ୍ଷା ବିବରଣୀ ସହ ସବିଶେଷ ତଥ୍ୟ ଦେବା ପାଇଁ କୁହାଯାଇଥିଲା। ସେମାନଙ୍କଠାରୁ ମିଳିଥିବା ତଥ୍ୟର ବୈଧତା ତନଖି କରି ପ୍ରାୟ ୧୧ ପ୍ରକାର ସନ୍ଦେହାତ୍ମକ ଔଷଧ କଟକ ପୁରୀଘାଟସ୍ଥିତ ଏମ୍.ଏଚ୍. ଫାର୍ମାସ୍ୟୁଟିକାଲ୍ ଷ୍ଟୋର୍‌ରୁ ଜବତ କରାଯାଇଛି। ଜବତ ଔଷଧର ମୂଲ୍ୟପ୍ରାୟ ୨୩.୨୩ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଏସବୁ ଔଷଧ ପଡ଼ୋଶୀ ରାଜ୍ୟ ଉତ୍ତର ପ୍ରଦେଶରୁ ଆସିଥିଲା। ଏହାଛଡ଼ା ବରଗଡ଼ର ଅଶୋକ ମେଡିକାଲ ଷ୍ଟୋରରୁ ମଧ ସନ୍ଦେହାତ୍ମକ ଔଷଧ ଜବତ କରାଯାଇଛି। ଏହି ଔଷଧକୁ ସନ୍ଦେହାତ୍ମକ ଭିତ୍ତିରେ ପୂର୍ବରୁ ଅଲଗା କରି ତାହାର ବିକ୍ରି ବନ୍ଦ କରାଯାଇଥିଲା। ଔଷଧ ପ୍ରବର୍ତ୍ତନ ଟିମ୍‌ଗୁଡ଼ିକ ବଜାରରେ ଉପଲବ୍ଧ ଔଷଧର ବ୍ୟାପକ ଯାଞ୍ଚ କରିବା ସହ କୌଣସି ପ୍ରକାର ସନ୍ଦେହାତ୍ମକ କାର୍ଯ୍ୟ ଦୃଷ୍ଟିକୁ ଆସିବାମାତ୍ରେ ବିକ୍ରିବନ୍ଦ ନିର୍ଦ୍ଦେଶ ଜାରି କରିବେ ବୋଲି ପଣ୍ଡିତ କହିଛନ୍ତି।

DSPL-380



ବାର୍ତ୍ତା

ଡିସେମ୍ବର ୨୪ ତାରିଖ ଜାତୀୟ ଖାଉଟି ଦିବସ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରବର୍ତ୍ତନ କରାଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି ।

ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ନିମନ୍ତେ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା 'ଜାତୀୟ ଉପଭୋକ୍ତା ଦିବସ ୨୦୨୨' ର ବାର୍ତ୍ତା ହେଉଛି – 'ଉପଭୋକ୍ତା ଆୟୋଗରେ ମାମଲାଗୁଡ଼ିକର ଫଳପ୍ରଦ ଫଏସଲା' ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହେବା ।

(ଅତନୁ ସବ୍ୟସାଚୀ ନାୟକ)
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ
OIPR-07001/13/0013/2223

> ପକ୍ଷପାତିତା ହେଲା ପୂର୍ଣ୍ଣ ଆନ୍ତରିକତାର ପରମ ଶତ୍ରୁ। ସେ ପକ୍ଷପାତିତା ଦେହର ହେଉ ବା ପ୍ରାଣର ହେଉ ବା ମନର ହେଉ। ଆଉ ମଧ୍ୟ ତୁମ ମନରେ ଥିବା ପୂର୍ବ କଳ୍ପିତ ଧାରଣା ଉପରେ ପୂର୍ଣ୍ଣ ନିର୍ଭର କରିବା ଅନୁଚିତ। ତୁମକୁ ଏସବୁ ଅତିକ୍ରମ କରିବାକୁ ହେବ। -ଶ୍ରୀମା



# ନୂଆ ଦାୟିତ୍ୱ ଅପେକ୍ଷାରେ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଅବସରପ୍ରାପ୍ତ ୧୯୮୫ ବ୍ୟାଚ୍ ଆଇଏଏସ୍ ଅଧିକାରୀ ତଥା ପୂର୍ବତନ ମୁମ୍ବାଇ ମ୍ୟୁନିସିପାଲ କମିଶନର ପ୍ରବୀଣ ପରଦେଶୀ କରୋନା ମହାମାରୀ ସଂକ୍ରମଣ ସମୟରେ ନିଗମର ନେତୃତ୍ୱ ନେଇ ଆବଶ୍ୟକ କୋଭିଡ୍ ଚିକିତ୍ସା ସୁବିଧା ଯୋଗାଇବାରେ ପ୍ରମୁଖ ଭୂମିକା ନେଇଥିଲେ। ଏବେ ପରଦେଶୀଙ୍କୁ ମହାରାଷ୍ଟ୍ର ଇନ୍ଷ୍ଟିଚ୍ୟୁଟ୍ ଫର୍ ଟ୍ରାନ୍ସଫର୍ମେଶନ (ଏମ୍ଆଇଟିଆର୍ଏ)ର ନୂଆ ସିଇଓ ଭାବେ ନିଯୁକ୍ତ କରାଯାଉଥିବା ଜଣାପଡ଼ିଛି। କୁହାଯାଉଛି, ଏମ୍ଆଇଟିଆର୍ଏ କେନ୍ଦ୍ରର ନୀତି ଆୟୋଗ ସହ ସମତୁଲ୍ୟ। ଗୁଞ୍ଜରଣ ପ୍ରକାଶ ପାଇଛି ଯେ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ଏବଂ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍ ଉଭୟ ପରଦେଶୀଙ୍କ ପ୍ରାର୍ଥିତ୍ୱକୁ ସମର୍ଥନ କରିଛନ୍ତି। ତେବେ ନୀତି ଆୟୋଗର ମୁଖ୍ୟ ପ୍ରଧାନମନ୍ତ୍ରୀ ରହିଥିବାବେଳେ ଏମ୍ଆଇଟିଆର୍ଏର ମୁଖ୍ୟ ରହିବେ ମୁଖ୍ୟମନ୍ତ୍ରୀ। ପରଦେଶୀ ମ୍ୟୁନିସିପାଲ କମିଶନର ଥିବା ସମୟରେ ତାଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଝଗଡ଼ା କରିଥିଲେ ଓ ଅକସ୍ମାତ ତାଙ୍କୁ ଯୁଗ୍ମ ମୁଖ୍ୟ ସଚିବ(ସହରବିକାଶ) ଭାବେ ବଦଳି କରାଯାଇଥିଲା। କିନ୍ତୁ ସେ ଏହି ପଦବୀରେ ଯୋଗ ଦେବା ପାଇଁ ମନା କରିଦେଇଥିଲେ। ଅନ୍ୟପକ୍ଷରେ, ଜାତିସଂଘକୁ ଡେପୁଟେଶନରେ ଯିବାକୁ ଚାହିଁଥିଲେ। ଗତ ବର୍ଷ ଫେବୃୟାରୀରେ ରାଜ୍ୟ ମୁଖ୍ୟ ସଚିବ ହେବାର ସୁଯୋଗ ହରାଇବା ପରେ ସେ ସ୍ୱେଚ୍ଛାକୃତ ଭାବେ ସେବାରୁ ଇସ୍ତଫା ଦେଇଥିଲେ। ପରେ ତାଙ୍କୁ ନ୍ୟାଶନାଲ କାପାସିଟି ବିଲ୍ଡିଂ କମିଶନର ଜଣେ ସଦସ୍ୟ ଭାବେ ଅଣାଯାଇଥିଲା। ସୂତ୍ରରୁ ପ୍ରକାଶ ଯେ, ଏହି ଅବସରପ୍ରାପ୍ତ ବାବୁଙ୍କ ଥଇଥାନ ପ୍ରକ୍ରିୟାରେ ଭଲ ଅଗ୍ରଗତି ହୋଇଛି।

### ମାନ୍‌ଙ୍କ ଅଭିଯୋଗ

ପଞ୍ଜାବ କ୍ୟାଡର ଆଇପିଏସ୍ ଅଧିକାରୀ କେ.ଏସ୍. ଚହଲଙ୍କର ମୂଳ କ୍ୟାଡରକୁ ହଠାତ୍ ପ୍ରତ୍ୟାବର୍ତ୍ତନ ପରେ ତାଙ୍କ ସ୍ଥାନରେ ହରିୟାଣା କ୍ୟାଡର ଆଇପିଏସ୍ ଅଧିକାରୀ ମନୀଷା ଚୌଧୁରୀଙ୍କୁ ଅବସ୍ଥାପିତ କରାଯାଇଛି। ଏହାକୁ ନେଇ ପଞ୍ଜାବ ଓ ହରିୟାଣା ମଧ୍ୟରେ ବିବାଦ ଆରମ୍ଭ ହୋଇଯାଇଛି। ଚୌଧୁରୀଙ୍କୁ ପଞ୍ଜାବ ରାଜ୍ୟପାଳ ତଥା ଚଣ୍ଡିଗଡ଼ ଆଡ୍‌ମିନିଷ୍ଟ୍ରେଟର ବନୱାରି ଲାଲ ପୁରୋହିତ ନିଯୁକ୍ତ କରିଛନ୍ତି। ଚଣ୍ଡିଗଡ଼ର ଏବକାର ପ୍ରଶାସନିକ ବ୍ୟବସ୍ଥାରେ ଗୃହ ସଚିବ ଓ ଉପ କମିଶନର ପଦବୀ ହରିୟାଣା କ୍ୟାଡର ଅଧିକାରୀମାନଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅର୍ଥ ସଚିବ ଓଏସ୍ଏସ୍‌ପି ପଦବୀଗୁଡ଼ିକ ପଞ୍ଜାବ କ୍ୟାଡର ଅଧିକାରୀମାନଙ୍କ ପାଇଁ ନିର୍ଦ୍ଧାରିତ କରାଯାଇଥିଲା। ବାସ୍ତବରେ ପଞ୍ଜାବ ଲାଗି ସଂରକ୍ଷିତ ଏକ ପଦବୀରେ ଚୌଧୁରୀଙ୍କ ନିଯୁକ୍ତିକୁ ନେଇ ପ୍ରତିକ୍ରିୟା ସୃଷ୍ଟି ହୋଇଛି। ଚହଲଙ୍କ ବଦଳରେ ଯଦି ଜଣେ ପଞ୍ଜାବ କ୍ୟାଡର ଅଧିକାରୀଙ୍କୁ ଅବସ୍ଥାପିତ କରାଯାଇଥାଆନ୍ତା ତେବେ ତାହାକୁ ନିୟମିତ ଅଦଳବଦଳ ପ୍ରକ୍ରିୟା ଭାବେ ଦେଖାଯାଇଥାଆନ୍ତା। କିନ୍ତୁ ରାଜ୍ୟପାଳଙ୍କର ଏହା ଏକ ଉତ୍ତେଜକ ପଦକ୍ଷେପ ଏବଂ ପଞ୍ଜାବ ଓ ହରିୟାଣା ମଧ୍ୟରେ ରହିଥିବା ଦୀର୍ଘ ଦଶନ୍ଧିର ପୁରୁଣା ବ୍ୟବସ୍ଥାକୁ ଭାଙ୍ଗିଦିଆଯାଇଥିବା ଅଭିଯୋଗ କରି ପଞ୍ଜାବ ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ବିବାଦ ଠିଆ କରିଛନ୍ତି। ମାନ୍‌ଙ୍କ ଅଭିଯୋଗ ଫଳରେ ରାଜ୍ୟପାଳ ସ୍ପଷ୍ଟୀକରଣ ଦେଇ କହିଛନ୍ତି ଯେ, ଚହଲଙ୍କ ପ୍ରତ୍ୟାବର୍ତ୍ତନ ନିଷ୍ପତ୍ତି ତାଙ୍କର ଦୁର୍ବ୍ୟବହାର ଅଭିଯୋଗକୁ ଆଧାର କରି ନିଆଯାଇଥିଲା ; ଯାହା ପଞ୍ଜାବ ମୁଖ୍ୟ ସଚିବ ଭି.କେ.ଯାଞ୍ଜୁଆ ଭଲ ଭାବେ ଅବଗତ। କିନ୍ତୁ ମାନ୍ ଘଟଣାକୁ ସହଜରେ ଛାଡ଼ିଦେଇନାହାନ୍ତି। ଜଣାପଡ଼ିଛି ଯେ,ଏହି ଘଟଣାରେ କେବଳ ପଞ୍ଜାବ ସରକାର ରାଜ୍ୟପାଳଙ୍କୁ ବିରୋଧ କରିନାହାନ୍ତି, ବରଂ ଚଣ୍ଡିଗଡ଼ ଏସ୍ଏସ୍‌ପି ପଦବୀ ପାଇଁ ଚୟନ କରିବା ଲାଗି ସେ ରାଜ୍ୟପାଳଙ୍କ ପାଇଁ ୩ ଜଣ ଅଧିକାରୀଙ୍କ ତାଲିକା ପଠାଉଛନ୍ତି। ତେବେ ଏହିସବୁ ଆକ୍ରାମକ ରଣନୀତି ଆପଣାଇ ମାନ୍ ବିଜୟୀ ହେବେ କି?

### ଅବାଞ୍ଛିତ ବିଳମ୍ବ

ଦୀର୍ଘଦିନର ବିଳମ୍ବ ପରେ ନିକଟରେ ସରକାର ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ୍( ବିପିସିଏଲ୍)ର ପୂର୍ବତନ ସିଏମ୍‌ଡି ଅରୁଣ କୁମାର ସିଂଙ୍କୁ ତୈଳ ଓ ପ୍ରାକୃତିକ ଗ୍ୟାସ୍ କମିଶନ( ଓଏନ୍‌ଜିସି)ର ନୂଆ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିବା ବିଷୟ ଉକ୍ତ ସ୍ତମ୍ଭରେ ପୂର୍ବରୁ ଉଲ୍ଲେଖ କରାଯାଇଥିଲା । ଏହାର ପ୍ରକୃତ ରହସ୍ୟ ଜଣାପଡ଼ି ନ ଥିଲେ ବି ଏବେ ଯାଏ ସବୁ ଠିକ୍‌ଠାକ୍ ଅଛି। ତଥାପି ରାଷ୍ଟ୍ରାୟତ୍ତ ଉଦ୍ୟୋଗ( ପିଏସ୍‌ୟୁ)ଗୁଡ଼ିକରେ ଏଯାବତ୍ ସିଏମ୍‌ଡି, ଏମ୍‌ଡିର ଓ ପୂର୍ଣ୍ଣକାଳିକ ନିର୍ଦ୍ଦେଶକର ୭୨ଟି ପଦବୀ ଖାଲି ରହିଛି, ଯାହା ଚିନ୍ତାଜନକ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ଡ.ଭଗୱତ କ୍ରିଷ୍ଣାରାଓ ପାର୍ଲାମେଣ୍ଟରେ ମନ୍ତବ୍ୟ ଦେଇଥିଲେ ଯେ, ଲଗାତର ଭାବେ ଚୟନ ପ୍ରକ୍ରିୟା ଜାରି ରହିଛି। ଯଦି ଆମେ ତାଙ୍କର ଉକ୍ତ ମନ୍ତବ୍ୟକୁ ଗ୍ରହଣ କରିବା, ତେବେ ନିୟମିତ ଭାବେ ଏହି ସବୁ ପଦବୀରେ ନିଯୁକ୍ତିର ବିଳମ୍ବକୁ ଦେଖିଲେ ଚୟନ ପ୍ରକ୍ରିୟାର ଦକ୍ଷତା ଉପରେ ପ୍ରଶ୍ନ ଉଠିବା ସ୍ୱାଭାବିକ। କୁହାଯାଉଛି ଯେ, ପ୍ରମୁଖ ପିଏସ୍‌ୟୁଗୁଡ଼ିକରେ ପୂର୍ଣ୍ଣକାଳିକ ନେତୃତ୍ୱ ରହୁ ନ ଥିବା କାରଣରୁ ଅର୍ଥ ବ୍ୟବସ୍ଥାର କ୍ଷତି ହେଉଛି। ଏହି ସବୁ ପଦବୀ ଲାଗି ବିଭିନ୍ନ ମନ୍ତ୍ରଣାଳୟର ଭିନ୍ନ ଭିନ୍ନ ସର୍ତ୍ତ ରହିଛି। ଅର୍ଥ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି ଯେ,ରାଷ୍ଟ୍ରାୟତ୍ତ କମ୍ପାନୀର ଅଧ୍ୟକ୍ଷଙ୍କ କାର୍ଯ୍ୟକାଳ ୫ ବର୍ଷ ହେବା ଉଚିତ ଓ ରାଷ୍ଟ୍ରାୟତ୍ତ ୧୨ଟି ବ୍ୟାଙ୍କ ପାଇଁ ଏହାକୁ ୧୦ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇପାରିବ। ତୈଳ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ତା'ଅଧୀନରେ ରହିଥିବା କମ୍ପାନୀଗୁଡ଼ିକ ପାଇଁ ୩ ବର୍ଷ କାର୍ଯ୍ୟକାଳ ସ୍ଥିର କରିଥିବାବେଳେ ଶକ୍ତି ମନ୍ତ୍ରଣାଳୟ ଏଯାବତ ନିଷ୍ପତ୍ତି ନେଇନାହିଁ। ପିଏସ୍‌ୟୁରେ ମୁଖ୍ୟ ପଦବୀଗୁଡ଼ିକରେ ଅବାଞ୍ଛିତ ବିଳମ୍ବ ଦୂର କରିବା ପାଇଁ ଚୟନ ପ୍ରକ୍ରିୟା ସହ ଏହିସବୁ ମୌଳିକ ନିଷ୍ପତ୍ତି ଉପରେ ତୁରନ୍ତ ସମାଧାନ କରାଯିବା ଉଚିତ।

Email: dilipcherian@gmail.com

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 9 | 4 | | | |
| 9 | | 1 | 5 | | 7 | | | |
| | | | | 2 | 6 | | | 8 |
| | 4 | | 8 | | | | 1 | |
| | | 8 | | | 2 | | 7 | 3 |
| | | | | 7 | | | | |
| 5 | | 7 | | 6 | | | | 4 |
| | 8 | | | | | | | |
| | 2 | | | | 1 | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 6 | 5 | 1 | 4 | 8 | 9 | 7 | 2 |
| 7 | 2 | 8 | 9 | 5 | 3 | 4 | 6 | 1 |
| 1 | 9 | 4 | 7 | 6 | 2 | 8 | 5 | 3 |
| 2 | 1 | 9 | 8 | 7 | 6 | 3 | 4 | 5 |
| 5 | 3 | 7 | 2 | 1 | 4 | 6 | 9 | 8 |
| 8 | 4 | 6 | 3 | 9 | 5 | 2 | 1 | 7 |
| 6 | 7 | 2 | 5 | 8 | 9 | 1 | 3 | 4 |
| 4 | 5 | 3 | 6 | 2 | 1 | 7 | 8 | 9 |
| 9 | 8 | 1 | 4 | 3 | 7 | 5 | 2 | 6 |

ଗତକାଲିର ଉତ୍ତର

# କୃଷକଙ୍କ ଆୟ ଦୁଇଗୁଣ ହେଲାନି



ଭାଲଚନ୍ଦ୍ର ଷଡ଼ଙ୍ଗୀ

୨୦୧୪ରେ କ୍ଷମତାକୁ ଆସିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ଦଳ ଦେଶରେ କୃଷି ସଙ୍କଟର ସମାଧାନ ସହ କୃଷକଙ୍କ ପାଇଁ ଭଲ ଦିନ ଆଣିବାକୁ ପ୍ରତିଶ୍ରୁତି ଦେଇଥିଲେ। ଭାଜପା ନେତାମାନେ କ୍ଷମତାକୁ ଆସିଲେ ଦେଶରେ କୃଷି ସଙ୍କଟର ସମାଧାନ ସହ କୃଷକଙ୍କ ଆୟକୁ ଦୁଇଗୁଣ କରିବାକୁ ପ୍ରତିଶ୍ରୁତି ଦେଇ କୃଷକମାନଙ୍କ ସମର୍ଥନକୁ ହାତେଇବାରେ ଏକରକମ ସଫଳ ହୋଇଥିଲେ। ତେବେ କ୍ଷମତାକୁ ଆସିବାର ପ୍ରଥମ ତିନି ବର୍ଷ ଯାଏ ମୋଦି ସରକାର କୃଷକଙ୍କ ଆୟକୁ ଦୁଇଗୁଣ କରିବା ନେଇ ଏକଦମ୍ ଚୁପ୍ ରହିବା ପରେ ୨୦୧୭ରେ ସରକାର ନିଜର ପ୍ରତିଶ୍ରୁତିକୁ ଦୋହରାଇଥିଲେ। ସେହିବର୍ଷ ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ଆସନ୍ତା ପାଞ୍ଚ ବର୍ଷ ଅର୍ଥାତ୍ ୨୦୨୨ ସୁଦ୍ଧା ଦେଶର କୃଷକମାନଙ୍କ ଆୟକୁ ଦୁଇଗୁଣ କରିବାର ଦମ୍ଭୋକ୍ତି ପ୍ରକାଶ କରିଥିଲେ। କିନ୍ତୁ ପରିତାପର ବିଷୟ ମୋଦିଙ୍କ ସାଢ଼େ ଆଠ ବର୍ଷର ଶାସନ କାଳରେ ନା ସ୍ୱାମୀନାଥନ୍ କମିଶନଙ୍କ ପ୍ରତିଶ୍ରୁତିକୁ ଲାଗୁ କରାଗଲା ନା କୃଷକଙ୍କ ଆୟକୁ ଦୁଇଗୁଣ କରିବା ଦିଗରେ କୌଣସି ପଦକ୍ଷେପ ନିଆଗଲା ? ବରଂ ସରକାରଙ୍କ ତ୍ରୁଟିପୂର୍ଣ୍ଣ ନୀତି ଏବଂ ଆକାଶଛୁଆଁ ଦରବୃଦ୍ଧି କୃଷକଙ୍କ ଉତ୍ପାଦନର ଖର୍ଚ୍ଚକୁ ପୂର୍ବାପେକ୍ଷା ଅନେକ ଗୁଣ ବଢ଼ାଇ ଦେଇଥିବାବେଳେ ସେମାନେ ନିଜ ଫସଲର ଉପଯୁକ୍ତ ଦର ପାଇବାରୁ ବଞ୍ଚିତ ହୋଇଛନ୍ତି।

ସରକାର କୃଷକଙ୍କ ଆୟକୁ ୨୦୨୨ ସୁଦ୍ଧା ଦୁଇଗୁଣ କରିବାକୁ ଯେଉଁ ପ୍ରତିଶ୍ରୁତି ଦେଇଥିଲେ, ସେଥିରେ ଯଦିଓ କୌଣସି ଅସୁବିଧା ନ ଥିଲା, କିନ୍ତୁ ସେଥିପାଇଁ ଯୋଜନା କରିବାର ଆବଶ୍ୟକ ଥିଲା। କାରଣ ପାଞ୍ଚ ବର୍ଷରେ କୃଷି ଆୟକୁ ଦ୍ୱିଗୁଣିତ କରିବାର ଅର୍ଥଟି ହେଲା ଦେଶର କୃଷି ଆୟରେ ବାର୍ଷିକ ଅଭିବୃଦ୍ଧି ହାର କମ୍‌ସେ କମ୍ ୧୪.୯% ହେବା। କିନ୍ତୁ ଅନ୍ୟପଟେ ଗତ ପାଞ୍ଚ ବର୍ଷ ମଧ୍ୟରେ ଦେଶରେ କୃଷିର ହାରାହାରି ଅଭିବୃଦ୍ଧି ହାର ମାତ୍ର ୧.୭%ରେ ସୀମିତ ରହିଆସିଛି, ଯାହାକି ସରକାରଙ୍କ ପରିକଳ୍ପିତ ହାରଠାରୁ ଅନେକ ଗୁଣ କମ୍।

ମୋଦି ସରକାର ସମୟରେ ସାର, ବିହନ, କୀଟନାଶକ, ଡିଜେଲ, ବିଦ୍ୟୁତ୍, କୃଷି ଯନ୍ତ୍ରପାତି ପରି କୃଷି ପାଇଁ ଆବଶ୍ୟକ ସମସ୍ତ ଆନୁଷଙ୍ଗିକ ଖର୍ଚ୍ଚରେ ଆକାଶଛୁଆଁ ମୂଲ୍ୟବୃଦ୍ଧି ଘଟିଛି। ପରିଣାମ ସ୍ୱରୂପ କୃଷକର ଉତ୍ପାଦନ ଖର୍ଚ୍ଚ ବହୁତ ବଢ଼ିଯାଇଛି। ଯଦିଓ ସରକାର ୟୁରିଆ ଦରକୁ ନିୟନ୍ତ୍ରଣ କରି ରଖିଛନ୍ତି କିନ୍ତୁ ପୂର୍ବରୁ ସେତିକି ଦରରେ ୫୦ କିଲୋ ୟୁରିଆ ମିଳୁଥିବା ବେଳେ ଏବେ ୪୫ କିଲୋ ମିଳୁଛି।



ଅନ୍ୟପଟେ ୨୦୧୪ ପୂର୍ବରୁ ବଜାରରେ ୫୦ କେଜି ପଟାସ୍ ସାର ଦର ୫୦୦-୬୦୦ ଟଙ୍କାରୁ ୧୮୦୦ ଟଙ୍କାକୁ, ଗ୍ରୋମର ସାର ୫୦ କିଲୋକୁ ୮୦୦ ଟଙ୍କା ଥିବାବେଳେ ଏବେ ୧୮୦୦ ଟଙ୍କାକୁ ବୃଦ୍ଧି ପାଇଛି। ଡିଏପି ସାର ୮୦୦ ରୁ ୧୮୦୦ ଟଙ୍କା, ଏନ୍‌କେପି ସାର ୮୦୦ ଟଙ୍କାରୁ ୧୮୦୦ ଟଙ୍କା ଏବଂ ସୁପର ଫସ୍‌ଫରସ୍ ୫୦ କିଲୋକୁ ୧୦୦ ଟଙ୍କା ଥିବା ବେଳେ ଏବେ ୮୦୦ ଟଙ୍କା ହୋଇଛି। କୀଟନାଶକ ଔଷଧଗୁଡ଼ିକର ଦର ମଧ୍ୟ ଗତ ଆଠ ବର୍ଷ ମଧ୍ୟରେ ୫ରୁ ୮ ଗୁଣ ବଢ଼ିଛି। ପୂର୍ବରୁ ୩୦ କିଲୋ ଧାନ ବିହନ ୧୦୫ ଟଙ୍କାରେ ଉପଲବ୍ଧ ଥିବା ବେଳେ ଏବେ ୨୦ କିଲୋକୁ ୭୧୫ ଟଙ୍କାରେ କୃଷକମାନେ କିଣୁଛନ୍ତି।

କୃଷି ପାଇଁ ଆବଶ୍ୟକ ଯନ୍ତ୍ରପାତିରେ ସରକାର ଜିଏସ୍‌ଟିର ଦରକୁ ବୃଦ୍ଧି କରିଥିବାରୁ ତା'ର ଦର ବଢ଼ିଯାଇଛି। ସରକାର ଏସବୁ ଯନ୍ତ୍ରପାତିର କିଣାବିକାରେ ପୂର୍ବରୁ ଥିବା ୫% ଟିକସକୁ ବୃଦ୍ଧି କରି ୧୮% କରିଛନ୍ତି। ଫଳରେ ପୂର୍ବରୁ ପମ୍ପସେଟ୍ ୮୦୦୦ ଟଙ୍କାରେ ମିଳୁଥିଲା ଏବେ ୨୦,୦୦୦ ଟଙ୍କାରେ ଏବଂ ପାୱାର ଟିଲର ପୂର୍ବରୁ ୬୦ ହଜାର ଟଙ୍କା ଥିଲା ବେଳେ ଏବେ ୨ ଲକ୍ଷ ଟଙ୍କାରେ ମିଳୁଛି। ଏହାବ୍ୟତୀତ ଟ୍ରାକ୍ଟର, ଥ୍ରେସର ଓ ଅନ୍ୟାନ୍ୟ କୃଷି ଉପଯୋଗୀ ଯନ୍ତ୍ରପାତିର ଦରରେ ମଧ୍ୟ ବୃଦ୍ଧି ଘଟିଛି, ଯାହାକି କୃଷକଙ୍କ ଉତ୍ପାଦନ ଖର୍ଚ୍ଚକୁ ବଢ଼ାଇ ଦେଇଛି। ଦେଶରେ ପେଟ୍ରୋଲ ଓ ଡିଜେଲର ଆକାଶଛୁଆଁ ଦରବୃଦ୍ଧିର ପ୍ରଭାବ ବି କୃଷି ଉତ୍ପାଦନକୁ ପ୍ରଭାବିତ କରୁଛି। ଏକ ଅଧ୍ୟୟନ ଅନୁଯାୟୀ ୨୦୧୪-୧୫ ବେଳକୁ ରାଜ୍ୟରେ ଏକର ପିଛା ଧାନ ଚାଷ ପାଇଁ କୃଷକକୁ ୧୨ରୁ୧୩୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଥିବା ବେଳେ ଏବେ ୨୫ରୁ୨୬୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ପୂର୍ବରୁ ବ୍ୟାଙ୍କ୍ ଓ ସମବାୟ ସଂସ୍ଥା ଧାନଚାଷ ପାଇଁ ଏକର ପିଛା ୧୦ ହଜାର ଟଙ୍କା ଋଣ ଦେଉଥିବା ବେଳେ ଏବେ ୨୦ ହଜାର ଟଙ୍କାର ଋଣ ଦେବା ବି ଏହି ବର୍ଦ୍ଧିତ ଉତ୍ପାଦନ ଖର୍ଚ୍ଚକୁ ପ୍ରମାଣିତ କରୁଛି।

ଡ. ସ୍ୱାମୀନାଥନ କମିଟି ନିଜ ସୁପାରିସରେ ଫସଲର ଉତ୍ପାଦନ ଖର୍ଚ୍ଚ ସହିତ ତା'ର ପଚାଶ ଭାଗ ଲାଭକୁ ମିଶାଇ ଅର୍ଥାତ୍ ସି-୨ + ୫୦% ହିସାବରେ ଫସଲର ମୂଲ୍ୟ ନିର୍ଦ୍ଧାରଣ କରି ସର୍ବନିମ୍ନ ସହାୟକ ଦର (ଏମ୍ଏସ୍‌ପି) ଦେବାକୁ କହିଥିଲେ। କିନ୍ତୁ ସରକାର ନିଜ ଶାସନକାଳରେ କୃଷକଙ୍କୁ ସେମାନଙ୍କ ଉତ୍ପାଦିତ ଦ୍ରବ୍ୟର ଲାଭଜନକ ମୂଲ୍ୟ ଦେବା କଥା ଛାଡ଼ନ୍ତୁ ନିଜର ପ୍ରତିଶ୍ରୁତି ମୁତାବକ ସ୍ୱାମୀନାଥନ କମିଶନଙ୍କ ସୁପାରିସ ପ୍ରକାରେ ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ ଦେବାରେ ବିଫଳ ହୋଇଛନ୍ତି। ଏପରିକି ବିଭିନ୍ନ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ଦରରେ ଗତ ତିନି ବର୍ଷ ମଧ୍ୟରେ ଯେଉଁ ସାମାନ୍ୟ ବୃଦ୍ଧି କରି ସରକାର ଦର ଘୋଷଣା କରିଛନ୍ତି ତାହା ସମ୍ପୃକ୍ତ ଫସଲର ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଓ ବଜାରରେ ଦରବୃଦ୍ଧି ଠାରୁ ବି କମ୍ ଥିବା ଦେଖାଯାଇଛି। ଏପରିକି ସ୍ୱାମୀନାଥନ୍ କମିଶନଙ୍କ ସୁପାରିସକୁ ଲାଗୁ କଲେ ବଜାର ଗଡ଼ବଡ଼ ହୋଇଯିବ ବୋଲି ସରକାର କିଛି ଦିନ ତଳେ ସୁପ୍ରିମକୋର୍ଟରେ ଏକ ସତ୍ୟପାଠ ଜରିଆରେ ଜଣାଇଛନ୍ତି। କୃଷିଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ପ୍ରଦାନରେ ସରକାରଙ୍କ ନୀରବତା ଯୋଗୁ ଡାଲିଜାତୀୟ ଶସ୍ୟଠାରୁ ଆରମ୍ଭକରି ଆଳୁ, ଟମାଟୋ, ଲଙ୍କା ପର୍ଯ୍ୟନ୍ତ ପ୍ରାୟତଃ ସବୁ କୃଷିଜାତ ଦ୍ରବ୍ୟ କ୍ଷେତ୍ରରେ କୃଷକମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ମହାରାଷ୍ଟ୍ରଠାରୁ ଆରମ୍ଭକରି ଓଡ଼ିଶା ପର୍ଯ୍ୟନ୍ତ ସବୁଠି ଅଭାବୀ ବିକ୍ରିର ଶିକାର କୃଷକମାନେ ନିଜର ଉତ୍ପାଦିତ ସାମଗ୍ରୀକୁ ରାସ୍ତାରେ ଫୋପାଡ଼ି ପ୍ରତିବାଦ କରିବା ମଧ୍ୟ ଦେଖାଯାଇଛି।

ଦେଶରେ ବଢ଼ି ଚାଲିଥିବା କୃଷି ସଙ୍କଟ ଓ କୃଷକ ଆତ୍ମହତ୍ୟା ପଛରେ ଉତ୍ପାଦନ ଖର୍ଚ୍ଚରେ ଲଗାତର ବୃଦ୍ଧି, ବର୍ଦ୍ଧିତ ଋଣଗ୍ରସ୍ତତା, ଜଳସେଚନର ଅଭାବ ଏବଂ ଫସଲର ଉପଯୁକ୍ତ ଦର ନ ମିଳିବାକୁ ପ୍ରମୁଖ କାରଣ ହିସାବରେ ଚିହ୍ନିତ କରାଯାଉଛି। କିନ୍ତୁ ଉପରୋକ୍ତ କୌଣସି ପ୍ରସଙ୍ଗର ସମାଧାନ ପାଇଁ ସରକାର ଏଯାଏ ଆନ୍ତରିକତା ଦେଖାଇ ନାହାନ୍ତି। ବରଂ ସରକାରଙ୍କ ନୀତି ସବୁ କୃଷକଙ୍କ ଆୟକୁ ବଢ଼ାଇବା ବଦଳରେ କମାଇବାରେ ହିଁ ସହାୟକ ହୋଇଛି। ଖୋଦ୍ ନୀତି ଆୟୋଗର ତଥ୍ୟ ଅନୁଯାୟୀ ୨୦୧୨-୧୮ ମଧ୍ୟରେ କୃଷକମାନଙ୍କ ଆୟରେ ବାର୍ଷିକ ମାତ୍ର ୦.୪୬% ଓ ୨୦୧୮-୨୦ ମଧ୍ୟରେ ୦% ବୃଦ୍ଧି ଘଟିଛି। ଦେଶର କୃଷକମାନଙ୍କ ହାରାହାରି ଦୈନିକ ଆୟ ୨୭ ଟଙ୍କା ମାତ୍ର ଥିବା ବେଳେ ମୁଣ୍ଡ ଉପରେ ହାରାହାରି ୭୪ ହଜାର ଟଙ୍କାର ଋଣବୋଝ ରହିଛି। ବହୁ ପ୍ରଚାରିତ ଫସଲ ବୀମା ଯୋଜନା ବି କୃଷକଙ୍କ ପରିବର୍ତ୍ତେ କେବଳ ବହୁରାଷ୍ଟ୍ରୀୟ ବୀମା କମ୍ପାନୀଙ୍କୁ ହିଁ ସହାୟକ ହେଉଥିବା ବେଳେ ପିଏମ୍-କିଷାନ୍ ଯୋଜନାରେ ଦିଆଯାଉଥିବା ରାଶି ନାମକୁମାତ୍ର ଏବଂ ତା'ର ପରିଧିରେ ବି ସବୁ କୃଷକ ଆସୁନାହାନ୍ତି। ଏଭଳି ପରିସ୍ଥିତିରେ ବର୍ତ୍ତମାନ ୨୦୨୨ ସରିବାକୁ ଯାଉଥିବା ବେଳେ କୃଷକଙ୍କ ଆୟକୁ ଦୁଇଗୁଣ କରିବା ପାଇଁ ମୋଦି ସରକାର ଯେଉଁ ପ୍ରତିଶ୍ରୁତି ଦେଇଥିଲେ ତାହା ଶେଷରେ ପ୍ରତାରଣାରେ ପରିଣତ ହୋଇଛି।

ମୋ: ୯୪୩୭୧୬୬୩୯୧

# କରୋନାର ଲେଉଟାଣି



ମାୟାଧର ନାୟକ

ପୁଣି କରୋନାର କରାଳ ରୂପ ଚାଇନା, ଆମେରିକା, ଜାପାନ, କୋରିଆ ପ୍ରମୁଖ ଦେଶକୁ ଲେଉଟାଣି ବିଶ୍ୱବାସୀଙ୍କ ଚିନ୍ତାର କାରଣ ପାଲଟିଯାଇଛି। ୨୦୧୯ରୁ ଆଜିପର୍ଯ୍ୟନ୍ତ କରୋନାର କାଳବଳୟରେ ସମଗ୍ର ବିଶ୍ୱ ଜ୍ୱଳନ୍ତ ଜତୁଗୃହ। ଯେଉଁଠି ଚାହିଁଲେ କେବଳ ନୈରାଶ୍ୟ, ଆତଙ୍କର ଅପଛାୟା, ସ୍ୱପ୍ନଭଙ୍ଗର କରୁଣ କ୍ରନ୍ଦନ। ହଠାତ୍ ଏକ ଅଦୃଶ୍ୟ ଭୂତାଣୁର ଆକ୍ରମଣରେ କୋକୁଆ ଭୟ ଦେଖାଦେଇଛି। ଏହି ଭୂତାଣୁକୁ ରୋକିବା ପାଇଁ କୌଣସି ଦେଶ ଏପର୍ଯ୍ୟନ୍ତ ସକ୍ଷମ ହୋଇପାରିନାହାନ୍ତି। ସମଗ୍ର ଜୀବଜଗତ ଭବିଷ୍ୟତରେ କିଭଳି କ୍ଷତିଗ୍ରସ୍ତ ହେବାକୁ ଯାଉଛନ୍ତି ତାହା ଏବେଠୁ କଳନା କରିବା କଷ୍ଟକର।

ଏବେ କେତେକ ବୈଜ୍ଞାନିକ କହୁଛନ୍ତି, କରୋନା ସହିତ ଅନ୍ୟ ଅଦୃଶ୍ୟ ଭୂତାଣୁଗୁଡ଼ିକ ମାଡ଼ିଆସିଲେଣି। ସମଗ୍ର ବିଶ୍ୱରେ ଅଶୀ କୋଟିରୁ ଅଧିକ ମଣିଷ ଲୋପ ପାଇବେ! ଏ ତ ଭବିଷ୍ୟତ ବାଣୀ - ଅଶୀ କୋଟି କି ଆହୁରି ବେଶି ଏବେଠୁ କିଛି କହିହେବନି। ରୋଗ କେବଳ ଜୀବନ ନେବନି, ତା'ଠାରୁ ବେଶି ଭୋକରେ ମରିବେ। ଭୟଙ୍କର ଦୁର୍ଭିକ୍ଷ ମାଡ଼ିଆସିବ। ତା'ହେଲେ ରୋଗ ଓ ଭୋକ କବଳରେ ଆଉଟୁପାଉଟୁ ହେଉଥିବା ମଣିଷ ମୃତ୍ୟୁବରଣ କରିବେ। ଏ ପୃଥିବୀ ବହୁଳାଂଶରେ ଜନମାନବଶୂନ୍ୟ ହୋଇଯିବ?

ଚାଇନାରେ ପୂର୍ବରୁ କରୋନା ମୃତ୍ୟୁସଂଖ୍ୟାକୁ ଲୁଚାଯାଉଥିଲା। ଏବେ ତାହା ଭୟଙ୍କର ଭାବେ ବୃଦ୍ଧି ପାଇବାରେ ଲାଗିଛି। ଏପରିକି ନିୟନ୍ତ୍ରଣ ବାହାରକୁ ଚାଲିଯାଇଛି। ସବୁଠାରୁ ଅଧିକ ପ୍ରଭାବିତ ହୋଇଛି ରାଜଧାନୀ ବେଜିଂ। ସମୂହ କୋଭିଡ୍ ଟେଷ୍ଟିଂ ହେଉ ନ ଥିବାରୁ ବାସ୍ତବରେ କେତେ ଲୋକ କୋଭିଡ୍ ଆକ୍ରାନ୍ତ ହୋଇଛନ୍ତି ତାହା ସ୍ପଷ୍ଟ ହେଉନାହିଁ। କଟକଣା ହଟିବା ପରେ ଲୋକେ ବିଭିନ୍ନ ସର୍ବସାଧାରଣ ସ୍ଥାନରେ ଗହଳି ଲଗାଇଲେ। ଫଳରେ ସଂକ୍ରମଣ ବୃଦ୍ଧି ପାଇଲା। ଏବେ ଭୟରେ ଲୋକେ ଘରୁ ବାହାରୁନାହାନ୍ତି। ରାସ୍ତାଘାଟ, ଦୋକାନବଜାର ଶୂନ୍‌ଶାନ୍। ଅଧିକାଂଶ ସହର ଏବେ ଭୂତ ସହରରେ ପରିଣତ ହୋଇଛି। କୋଭିଡ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ହସ୍ପିଟାଲରେ ନୂଆ ରୋଗୀଙ୍କ ପାଇଁ ସ୍ଥାନ ମିଳୁନି। କେବଳ ସେତିକି ନୁହେଁ, ସହରର ବିଭିନ୍ନ ଶ୍ମଶାନରେ ରୋଗୀଙ୍କ ଅନ୍ତିମ ସଂସ୍କାର ପାଇଁ ମଧ୍ୟ ଜାଗା ନାହିଁ। ଉଦ୍‌ବେଗର ବିଷୟ, କୋଭିଡ୍ ଟିକା ନେଇଥିବା ବ୍ୟକ୍ତିମାନେ ପୁନର୍ବାର କରୋନା ସଂକ୍ରମିତ ହେଉଛନ୍ତି। ତେଣୁ ଆଶଙ୍କା କରାଯାଉଛି, କରୋନାର କିଛି ନୂଆ ଭାରିଆଣ୍ଟ ସୃଷ୍ଟି ହୋଇଛି। ଏହା ଶୀଘ୍ର ଅନ୍ୟ ଦେଶକୁ ବ୍ୟାପିବା ଆଶଙ୍କା ରହିଛି।

ବର୍ତ୍ତମାନ ମହାମାରୀ କରୋନା ଭୂତାଣୁକୁ ରୋକିବାକୁ ସାରା ପୃଥିବୀର ବିଭିନ୍ନ ଦେଶରେ ପୁଣି ଲକ୍‌ଡାଉନ୍, ଶଟ୍‌ଡାଉନ୍, ସଂଗରୋଧ, ମାସ୍କ ପ୍ରଭୃତି ବ୍ୟବହାର ଓ ଚିକିତ୍ସା ପାଇଁ କିଛି କିଛି ଔଷଧ ବ୍ୟବହାର କରାଯାଇଛି। ସାରା ବିଶ୍ୱକୁ ଏଭଳି ବିପଦ କେବେ ଦେଖାଦେଇ ନ ଥିଲା। ପ୍ରତ୍ୟେକ ବିପଦକୁ ମୁକାବିଲା କରିବା ପାଇଁ କିଛି ନା କିଛି ଉପାୟ ନିଶ୍ଚୟ ଅଛି। କିନ୍ତୁ କରୋନା ମହାମାରୀକୁ ରୋକିବା ପାଇଁ କେବଳ ଲକ୍‌ଡାଉନ୍ ସମ୍ଭବ ନୁହେଁ। କରୋନାକୁ ରୋକିବାକୁ ହେଲେ ଚିକିତ୍ସା ବିଜ୍ଞାନର ପରୀକ୍ଷିତ ଅଭିଜ୍ଞମାନଙ୍କ ପରାମର୍ଶ ଅନୁଯାୟୀ ମୁକାବିଲା ପଦ୍ଧତି ନିର୍ଦ୍ଧାରଣ କରିବା ଏକାନ୍ତ ଆବଶ୍ୟକ।



ଭାରତରେ କୋଭିଡ୍-୧୯ କରୋନାର ଭୟଙ୍କର ରୂପ ସମସ୍ତେ ଦେଖିଛନ୍ତି ଏବଂ ଭୋଗିଛନ୍ତି। ମୁହଁରେ ମାସ୍କ ପିନ୍ଧିବାଠାରୁ ଟିକା ନେବା, ଔଷଧ ସେବନ, ସରକାରଙ୍କ କଟକଣାକୁ ମାନି ପ୍ରାୟ ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ନୟାନ୍ତ ହୋଇପଡ଼ିଥିଲେ। ସାମାଜିକ ମିଳନ, ସାଂସ୍କୃତିକ କାର୍ଯ୍ୟକ୍ରମ, ଖେଳକୁଦ ଇତ୍ୟାଦି ବନ୍ଦ ରଖାଯାଇଥିଲା। ବ୍ୟବସାୟ ବାଣିଜ୍ୟରେ ଭୟଙ୍କର ମାନ୍ଦାବସ୍ଥା ଦେଖାଦେଇଥିଲା। ଅର୍ଥନୈତିକ ଅଧୋଗତି ହୋଇଥିଲା। କର୍ମରତ କର୍ମଚାରୀମାନଙ୍କୁ ଛଟେଇ କିମ୍ବା ଅଧା କାମ ଦିଆଯାଉଥିଲା। ଜନସାଧାରଣଙ୍କ ଆର୍ଥିକ ମେରୁଦଣ୍ଡ ଏକପ୍ରକାର ବଙ୍କା ହୋଇଯାଇଥିଲା। ଏଇ ୭/୮ ମାସ ହେଲା କରୋନାର ପ୍ରାଦୁର୍ଭାବ କମିଥିବାରୁ ଲୋକେ ଟିକେ ମୁଣ୍ଡ ସଳଖ କରି ଚାଲୁଥିବା ଆରମ୍ଭ କରୁଥିବାବେଳେ ଚାଇନା-ଆମେରିକା ପ୍ରମୁଖ ଦେଶରେ ପୁଣି କରୋନାର ବିସ୍ଫୋରକ ଲେଉଟାଣି। ଭାରତରେ ମଧ୍ୟ ନୂଆ ଭାରିଆଣ୍ଟ ସଂକ୍ରମଣ ଦେଖାଗଲାଣି। ଏହା ଯେ ବିଶ୍ୱର ଅନ୍ୟ ଦେଶକୁ ପବନ ଭଳି ମାଡ଼ିଯିବନି କିଏ କହିବ?

ଗଲା ଡିସେମ୍ବର ୧୮ ରେ ଫିଫା ବିଶ୍ୱ କପ୍ ସରିଯାଇଛି। ଆମ ଓଡ଼ିଶାରେ ମଧ୍ୟ ପୁରୁଷ ହକି ବିଶ୍ୱକପ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରାଜଧାନୀ ଭୁବନେଶ୍ୱର ସଜେଇ ହେଉଛି। ଓଡ଼ିଶାରେ କରୋନା କଟକଣା ଉଠିଯିବାପରେ ସମସ୍ତେ ନିଶ୍ଚିନ୍ତ ହୋଇ ବୁଲୁଛନ୍ତି। ଏବେ ଓଡ଼ିଶାରେ ମଧ୍ୟ ବି.ଏଫ୍-୭ ଚିହ୍ନଟ ହେଲାଣି। କରୋନାର ବିସ୍ଫୋରଣ ଚାଇନାରେ ଚାଲିଥିବାବେଳେ ସରକାର ଭୟଭୀତ ନ ହେବାକୁ କହିଥିଲେ ଏବଂ ବର୍ତ୍ତମାନ ଓଡ଼ିଶାର ସରକାରୀ କର୍ତ୍ତୃପକ୍ଷ କହୁଛନ୍ତି ଭୟଭୀତ ହୁଅନ୍ତୁ ନାହିଁ। ଦେଖିବାକୁ ଗଲେ ପୁରୁଷ ହକି ବିଶ୍ୱକପରେ ବିଭିନ୍ନ ଦେଶରୁ ଖେଳାଳି, ଦର୍ଶକ ଭୁବନେଶ୍ୱର ଆସିବେ। କିଏ କେଉଁ ରୋଗ ବିଶେଷକରି କରୋନା ନେଇ ଆସୁଥିବ ତାହା କିଏ କହିବ ? କାହା କଥା କିଏ ଶୁଣୁଛି ! ଏଣୁ ସବୁ ବିଦେଶୀ ଖେଳାଳି, ଦର୍ଶକ ଏପରି କି ଆମ ଦେଶର ଓଡ଼ିଶା ସମେତ ଅନ୍ୟାନ୍ୟ ରାଜ୍ୟରୁ ଆସୁଥିବା ଦର୍ଶକମାନଙ୍କୁ କଡ଼ାକଡ଼ି ଭାବେ ପରୀକ୍ଷା କରି କରୋନାମୁକ୍ତ ସାର୍ଟିଫିକେଟ୍ ଆଣି ଷ୍ଟାଡିୟମ ଭିତରକୁ ପ୍ରବେଶ କରାଯିବା ଦରକାର। ଲୋକଙ୍କ ଜୀବନ ରକ୍ଷା ପାଇଁ କ'ଣ ଏତିକି କହିପାରିବିନି ? ଏ କଥାକୁ ରାଜ୍ୟ ସରକାର ବିଚାରକୁ ନେବା ଜରୁରୀ।

କରୋନାର କରାଳ କାଳବଳୟ ପରର ପୃଥିବୀରେ ଯେଉଁ ଇତିହାସ ଲେଖାଯିବ ତାହା ବିଶ୍ୱ ଇତିହାସର ମାଳ ମାଳ ପୃଷ୍ଠାରେ ଭର୍ତ୍ତି ହୋଇଯାଇଥିବ। ନଅଙ୍କ ଦୁର୍ଭିକ୍ଷ ବେଳର ଇତିହାସ ଲେଖିବା ପାଇଁ ଏତେ ଲେଖକ ନ ଥିଲେ। ଏବେ ଗଣ୍ଡା ଗଣ୍ଡା ଲେଖକ, ପଣ୍ଡିତ ଅଛନ୍ତି। ଭିନ୍ନ ଭିନ୍ନ କଲମରୁ ନାନା ପ୍ରକାର ଲେଖାରେ ଇତିହାସ ବଖାଣିବ ଭୟଙ୍କର ମହାମାରୀ କାହାଣୀ। ଆଜି ଯେଉଁମାନେ ବାହାଦୁରି ଦେଖାଉଛନ୍ତି, ହୁଏତ କାଲି ସେମାନେ ଇତିହାସର ଅଳିଆଗଦାରେ ପଡ଼ିଥିବେ। ଇତିହାସ ବଡ଼ ନିଷ୍ଠୁର। ସେ କାହାକୁ କ୍ଷମା ଦିଏନି। ରକ୍ତର ସମୁଦ୍ର ମଧ୍ୟରେ ସତ୍ୟକୁ ହତ୍ୟା କରାଯାଇପାରେନା।

ଯାଜପୁର ରୋଡ୍, ଯାଜପୁର,
ମୋ:୯୮୬୧୦୩୪୧୬୩

## ଏଇ ଭାରତରେ

ପରିବାର ଅଣଦେଖା କରୁଥିବା ମାନସିକ ଓ ଶାରୀରିକ ଦିବ୍ୟାଙ୍ଗମାନଙ୍କ ଅଶାବାଡ଼ି ପାଲଟିଛନ୍ତି ଉତ୍ତରପ୍ରଦେଶର ୩୮ ବର୍ଷୀୟ ଅନିଲ ଜୋଶେଫ। ସେ ଏଭଳି ପିଲାମାନଙ୍କ ପାଇଁ ଖାଦ୍ୟ, ବସ୍ତ୍ର, ଚିକିତ୍ସା ଆଦିର ସମସ୍ତ ବ୍ୟବସ୍ଥା କରୁଛନ୍ତି। ଅନିଲ ଏକ ଏନ୍‌ଜିଓରେ କାମ କରୁଥିବା ସମୟରେ ଜଣେ ଦିବ୍ୟାଙ୍ଗ ସନ୍ତାନର ଜନନୀଙ୍କୁ ଭେଟିଥିଲେ। ଏଭଳି ଶିଶୁ ଲାଗି ତାଙ୍କୁ ତାଙ୍କ ସ୍ୱାମୀ ବାହାର କରିଦେବାକୁ ଧମକ ଦେଇଥିବା ଜାଣିବା ପରେ ଅନିଲ ପିଲାଟିକୁ ସାହାରା ହୋଇଥିଲେ ଓ ନିଜ ଘରେ ଆଣି ରଖିଥିଲେ। ପରେ ଆଉ କେତେଜଣ ମା' ସେମାନଙ୍କ ଦିବ୍ୟାଙ୍ଗ ସନ୍ତାନଙ୍କୁ ଆଣି ଅନିଲଙ୍କ ଘରେ ପହଞ୍ଚିଥିଲେ। ସେମାନଙ୍କୁ ନେଇ ତାଙ୍କ ପାଖରେ ଦିବ୍ୟାଙ୍ଗ ଶିଶୁଙ୍କ ସଂଖ୍ୟା ୩ରେ ପହଞ୍ଚିଲା। ଏମାନେ ଥିଲେ ବିଶାଲ, ଦେବୀ ଓ ଓମ୍ ଏବଂ ଏମାନଙ୍କ ବୟସ ଏବେ ୨୦ ପାଖାପାଖି ହୋଇଗଲାଣି। ଅନିଲଙ୍କ ପାଖରେ ଦିବ୍ୟାଙ୍ଗ ପିଲାଙ୍କ ସଂଖ୍ୟା ଏବେ ୭୨ରୁ ଅଧିକ ହୋଇଗଲେଣି। ଏମାନଙ୍କ ଯତ୍ନ ନେବା ଲାଗି ସେ 'ଇଣ୍ଟିଗ୍ରେଟେଡ ଇନ୍‌ଷ୍ଟିଚ୍ୟୁଟ ଅଫ୍ ରିହାବିଲିଟେଶନ ଫର୍ ଡିଜାବିଲିଟି' ସଂସ୍ଥା ଗଢ଼ିଛନ୍ତି। ଆଗ୍ରା ନିକଟରେ ଏକ ସେଲଟର ହୋମ୍ 'ଆଶ୍ରୟ' ନିର୍ମାଣ କରି ଏହି ପିଲାମାନଙ୍କୁ ରଖିଛନ୍ତି। ସମସ୍ତ କାର୍ଯ୍ୟ ପାଇଁ ସେ ରୋଷେୟା, ହେଲ୍‌ପର, ଡ୍ରାଇଭରଙ୍କ ସମେତ ୧୫ ଜଣ କର୍ମଚାରୀ ନିଯୁକ୍ତ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଡିସେମ୍ବର ୧୯୯୭

- ଆଜାଦ କାଶ୍ମୀରରେ ସୁଲତାନ ମହମ୍ମଦ ଚୌଧୁରୀଙ୍କ ସରକାର ବିରୁଦ୍ଧରେ ବିରୋଧୀ ଦଳ ପକ୍ଷରୁ ଆଗତ ଅନାସ୍ଥା ପ୍ରତ୍ୟାହୃତ।
- ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପି.ଆର୍. କୁମାରମଙ୍ଗଲମଙ୍କ କଂଗ୍ରେସ ଦଳରୁ ଇସ୍ତଫା ପ୍ରଦାନ।
- ଜମ୍ମୁ-କଶ୍ମୀର ସନ୍ତ୍ରାସବାଦୀଙ୍କୁ ଅର୍ଥ ଯୋଗାଉଥିବା ଏକ ସୁସଙ୍ଗଠିତ ହାୱାଲା ରାକେଟ ଶ୍ରୀନଗର ପୋଲିସ ଦ୍ୱାରା ଠାବ।

## ଚିରନ୍ତନୀ

ପକ୍ଷୀ ଡାକେ ମୋତେ ବନେ
କେତେ ଡାକରା ଆସେ ପବନେ
କେତେ ଆବାହନ ଭୁବନୁ ଆସିଛି
ମେଣ୍ଟାଇବି ପ୍ରାଣ କ୍ଷୁଧା।
ମୁଁ ତ ପିଇଛି ସ୍ୱପନ ସୁଧା।
-(ବିଶ୍ୱର ଆହ୍ୱାନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଗଣତନ୍ତ୍ରର ଗରିମା କ୍ଷୁଣ୍ଣ ନ ହେଉ

ମହାଶୟ,

ଓଡ଼ିଶା ବିଧାନସଭାର ଶୀତ ଅଧିବେଶନ ନିର୍ଦ୍ଧାରିତ ଅବଧି ପୂର୍ବରୁ ଶେଷ ହୋଇଗଲା। ଗତ କିଛିବର୍ଷ ଧରି ନିର୍ଦ୍ଧାରିତ ଅବଧି ପୂର୍ବରୁ ବିଧାନସଭା ଅଧିବେଶନ ଶେଷ କରି ଦିଆଯିବା ଏକ ପରମ୍ପରାରେ ପରିଣତ ହୋଇଛି। ବିଜୁ ଜନତା ଦଳର ଗତ ୨୨ ବର୍ଷର ଶାସନ ମଧ୍ୟରେ ଅର୍ଦ୍ଧାଧିକ ଅଧିବେଶନକୁ ବିଭିନ୍ନ ଆଳ ଦେଖେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ କରିଦିଆଯାଉଛି। ଏହାଦ୍ୱାରା ଜନସ୍ୱାର୍ଥ ସମ୍ବଳିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ବିତର୍କ ହୋଇପାରିନାହିଁ। ବିଲଗୁଡ଼ିକୁ ବିନା ଆଲୋଚନାରେ ପାରିତ କରାଯାଇଛି। ଅଧିକାଂଶ ଦିନ ଗୃହକୁ ହୋ ହାଲ୍ଲା ଓ ହଟ୍ଟଗୋଳ ମଧ୍ୟରେ ମୁଲତବୀ କରାଯାଇଛି। ଗଣତନ୍ତ୍ର ପାଇଁ ଏହା ଏକ ଅତି ଦୁଃଖଦ ଘଟଣା । ଏଥିପାଇଁ ଉଭୟ ସରକାରୀ ଓ ବିରୋଧୀ ଦଳ ଦାୟୀ ହେଲେ ମଧ୍ୟ ସରକାରୀ ଦଳ ଅଧିକ ଦାୟୀ। କାରଣ ବିଧାନସଭାକୁ ସୁରୁଖୁରୁରେ ଚଳାଇବା କ୍ଷେତ୍ରରେ ସରକାରୀ ଦଳର ଅଧିକ ଦାୟିତ୍ୱ ରହିଛି। ଏହି ଧାରା ଲାଗି ରହିଲେ ସଂସଦୀୟ ଗଣତନ୍ତ୍ର ପ୍ରତି ଲୋକଙ୍କ ଆସ୍ଥା ତୁଟିଯିବ। ଗଣତନ୍ତ୍ରର ଗରିମା କ୍ଷୁଣ୍ଣ ହେବାକୁ ଦିଆନଯାଉ।

-ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆହାର କେନ୍ଦ୍ର ପରିସରରେ ଗହଣା ବେପାରୀଙ୍କଠୁ ଲୁଟ୍

ଚାନ୍ଦବାଲି,(ଡି.ଏନ.ଏ.)-ଭଦ୍ରକ ଜିଲା ଚାନ୍ଦବାଲି ସଦରରେ ଥିବା ଆହାରକେନ୍ଦ୍ର ପରିସରରେ ଜଣେ ଗହଣା ବେପାରୀଙ୍କଠାରୁ ଶୁକ୍ରବାର ଲୁଟ୍ ହୋଇଛି। ସେ ହେଲେ କେନ୍ଦ୍ରାପଡ଼ା ଜିଲା ରାଜକନିକା ଓଳାଭର ଅଞ୍ଚଳର ହୃଷିକେଶ ମହାରଣା। ସେ ଚାନ୍ଦବାଲି ଅଞ୍ଚଳରୁ ବେପାର ସାରି ଆହାର କେନ୍ଦ୍ରଠାରେ ଗାଡ଼ି ରଖି ଖାଉଥିଲେ। ଦୁଇଜଣ ଦୁର୍ବୃତ୍ତ ଆସି ତାଙ୍କ ବ୍ୟାଗ୍ ନେଇ ଏକ ବାଇକ୍‌ରେ ଚମ୍ପଟ ମାରିଥିଲେ। ହୃଷିକେଶ ଚାନ୍ଦବାଲି ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ଲକ୍ଷାଧିକ ଟଙ୍କାର ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଛି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ରବାନୀ



@ଝିଲି



@ଶେଖ୍ ମୁକ୍ରାମ୍

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ବିଦ୍ୟୁତ୍ ଦେୟ ଆଦାୟରେ ମହିଳାଙ୍କୁ ସାମିଲ୍ ନିଷ୍ପତ୍ତି ବଳିଷ୍ଠ ପଦକ୍ଷେପ : ଶକ୍ତି ମନ୍ତ୍ରୀ

**ଟିପିଏନଓଡିଏଲ ପକ୍ଷରୁ ଏସ୍ଏଚ୍‌ଜି ମହିଳାଙ୍କୁ ସମ୍ବର୍ଦ୍ଧନା**

**ବାଲେଶ୍ୱର ଅଫିସ, ୨୩।୧୨**

ବାଲେଶ୍ୱର ବାମପଦାସ୍ଥିତ ନୋସି ବିଜିନେସ୍ ପାର୍କ ପରିସରରେ ଉତ୍ତର ଓଡ଼ିଶାର ବିଦ୍ୟୁତ୍ ବିତରଣ ଦାୟିତ୍ୱ ନେଇଥିବା ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିଏନ୍‌ଓଡ଼ିଏଲ) ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍ଏଚ୍‌ଜି) ମହିଳାଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଛି। ରାଜ୍ୟ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଦ୍ୟୁତ ଦେୟ ଆଦାୟ କାର୍ଯ୍ୟରେ ଏସ୍ଏଚ୍‌ଜି ସଦସ୍ୟାଙ୍କୁ ସାମିଲ ନିଷ୍ପତ୍ତି ରାଜ୍ୟସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ। ମହିଳାମାନଙ୍କୁ ସ୍ୱାବଲମ୍ବୀ ତଥା ରୋଜଗାରକ୍ଷମ କରାଇବାରେ ଏଭଳି ନିଷ୍ପତ୍ତି ବେଶ ସହାୟକ ତଥା ସଫଳ ହୋଇପାରିଛି ବୋଲି ଟିପିଏନ୍‌ଓଡ଼ିଏଲ କାର୍ଯ୍ୟକ୍ରମରୁ ସ୍ପଷ୍ଟ ପ୍ରମାଣିତ। ଏଥିସହିତ ବିଦ୍ୟୁତ୍ ବିତରଣରେ ଦେଖାଦେଉଥିବା ଗ୍ରାହକଙ୍କ ସମସ୍ୟା ଓ ଅସନ୍ତୋଷ ଦୂରୀକରଣ ପାଇଁ ସ୍ଥାନୀୟ ଲୋକପ୍ରତିନିଧିଙ୍କ ନିୟମିତ ଆଲୋଚନା ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଟିପିଏନ୍‌ଓଡ଼ିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାସ୍କର ସରକାର ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏସ୍ଏଚ୍‌ଜି ସଦସ୍ୟାମାନେ ଅନ୍ୟ କର୍ମଚାରୀଙ୍କଠାରୁ ଅପେକ୍ଷାକୃତ ଅଧିକ ସଫଳ ହୋଇପାରିଥିବା ବେଳେ ସେମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଛି ବୋଲି କହିଥିଲେ। ଟିପିଏନ୍‌ଓଡ଼ିଏଲର ସାମାଜିକ ଦାୟିତ୍ୱ ବିଭାଗ (ସିଏସ୍ଆର୍) ମୁଖ୍ୟ ଦିଲୀପ କୁମାର ସାହୁ ଯୋଗଦେଇ କମ୍ପାନୀର ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଭୋଗରାଇ ବିଧାୟକ ଅନନ୍ତ ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନଙ୍କ ସମେତ ଟିପିଏନ୍‌ଓଡ଼ିଏଲର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଉତ୍କୃଷ୍ଟତା ପ୍ରଦର୍ଶନ କରିଥିବା ବିଭିନ୍ନ ଡିଭିଜନର ଏସ୍ଏଚ୍‌ଜି ସଦସ୍ୟାଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଟିପିଏନ୍‌ଓଡ଼ିଏଲ୍‌ର ଚିଫ୍ ଅଫ୍ କମର୍ସ ଦୁଷ୍ୟନ୍ତ କୁମାର ତ୍ୟାଗୀ ଓ ଜନସମ୍ପର୍କ ଅଧିକାରୀ ଚିତ୍ତରଞ୍ଜନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।




ମହିଳାଙ୍କୁ ପୁରସ୍କାର ପ୍ରଦାନ କରାଯାଉଛି।

## ଦୁର୍ଘଟଣାରେ ବ୍ୟବସାୟୀଙ୍କ ମୃତ୍ୟୁ

ଖୁଣ୍ଟା, ୨୩।୧୨(ଡି.ଏନ.ଏ.)- ଖୁଣ୍ଟା ଅଞ୍ଚଳର ଯୁବ ବ୍ୟବସାୟୀ ସୁଶାନ୍ତ କୁମାର ସାହୁଙ୍କ ଏକ ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ତାଙ୍କ ମୃତ୍ୟୁରେ ଖୁଣ୍ଟା ବଜାରର ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ କରାଯିବା ସହ ବ୍ୟବସାୟୀଙ୍କ ପକ୍ଷରୁ ମୃତକଙ୍କ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଛି। ବୁଧବାର ସନ୍ଧ୍ୟାରେ ସେ ଅଟୋ ଯୋଗେ ଭଦ୍ରକରୁ ନିଜ ଘର ଖୁଣ୍ଟାକୁ ଫେରୁଥିବା ବେଳେ ନୀଳଗିରି ଥାନା ନୂଆହାଟସାହିଠାରେ ଅଟୋ ରାସ୍ତାପାର୍ଶ୍ୱକୁ ଓଲଟି ପଡ଼ିଥିଲା। ଫଳରେ ସୁଶାନ୍ତ ଓ ଅଟୋଚାଳକ ଚାପି ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ନୀଳଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ପରେ ସୁଶାନ୍ତଙ୍କୁ କଟକ ସ୍ଥିତ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଶୁକ୍ରବାର ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ଲାଇସେନ୍ସପ୍ରାପ୍ତ ଦୋକାନରେ ନକଲି ମଦ, ୨ ଗିରଫ

**ଖଇରା, ୨୩।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଅଧୀନ ଖଇରା ବଜାରରେ ଥିବା ଲାଇସେନ୍ସପ୍ରାପ୍ତ ମଦ ଦୋକାନରେ ନକଲି ମଦ ବିକ୍ରି ଅଭିଯୋଗରେ କଟକ କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଚଢାଉ କରାଯାଇ ବ୍ୟାପକ ନକଲି ମଦ ଜବତ କରାଯାଇଛି। ଏଥିସହ ଏକ ମାମଲା (ନଂ.୫୨୭/୨୨) ରୁଜୁ କରାଯାଇ ଦୋକାନକୁ ସିଲ୍ କରାଯାଇଛି। ମଦ ବିକ୍ରି କରୁଥିବା ୨ ବିକ୍ରେତା ରାହୁଲ କୁମାର ଗୁପ୍ତା ଓ ଅନୀଲ କୁମାର ସାହାଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ପୂର୍ବାହ୍ନରେ କେନ୍ଦ୍ରାଞ୍ଚଳ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରତାପ କୁମାର ଦାସ, ଇନ୍ସପେକ୍ଟର ସତ୍ୟଜିତ ଖଟୁଆ, ଏସ୍ଆଇ ସୌମ୍ୟରଞ୍ଜନ ଭୋଇ, ଖଇରା ଅବକାରୀ ଥାନା ଅଧିକାରିଣୀ କଳ୍ପନା ଜେନା ଓ କନଷ୍ଟେବଲ ବିଜୟ କୁମାର ମଲ୍ଲିକ ପ୍ରମୁଖ ସାମିଲ ଥିଲେ। ଜବତ ମଦ ଯାଞ୍ଚ ଲାଗି ପରୀକ୍ଷାଗାରକୁ ପଠାଯାଇଛି।






## ଆରଡେଣ୍ଟ୍ ଷ୍ଟିଲ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

କେନ୍ଦୁଝର, ୨୩।୧୨(ଡି.ଏନ୍.ଏ) କେନ୍ଦୁଝର ଜିଲା ବାଂଶପାଳ ବ୍ଲକ୍ ଅନ୍ତର୍ଗତ ଫୁଲଝରସ୍ଥିତ ଆରଡେଣ୍ଟ୍ ଷ୍ଟିଲ ପ୍ରାଇଭେଟ ଲିଃ ପରିସରରେ ଭୁବନେଶ୍ୱର କେୟାର ହସ୍ପିଟାଲ ସହଯୋଗରେ ମେଗା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଆରଡେଣ୍ଟ ଷ୍ଟିଲର ନିର୍ଦ୍ଦେଶକ ଡ. ଶୁଭାଶିଷ ଦାସ ଉଦ୍‌ଘାଟନ କରିଥିବା ବେଳେ ଏଜିଏମ୍ ରଞ୍ଜନ ନାୟକ ଶିବିରକୁ ପରିଚାଳନା କରିଥିଲେ। କାରଖାନରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ବାର୍ଷିକ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କେୟାର ହସ୍ପିଟାଲର କାର୍ଡିଓଲୋଜି ବିଭାଗର ବରିଷ୍ଠ ପ୍ରଫେସର ଡ. ବିକ୍ରମ କେଶରୀ ମହାପାତ୍ର, ଭେଷଜ ବିଭାଗ ଡ. ଅଙ୍କିତ ଶର୍ମା ୫୦୦ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଦିନରେ ସର୍ବନିମ୍ନ ୩ ଲିଟର ପାଣି ପିଇବା ସହ ବିନା ଡ. ପରାମର୍ଶରେ ପେନ୍‌କିଲର ବଟିକା ନଖାଇବା, ନିୟମିତ ବ୍ୟାୟାମ କଲେ ଶରୀର ସୁସ୍ଥ ରହିବ ବୋଲି ପରାମର୍ଶ ଦେଇଥିଲେ। ପ୍ଲାଣ୍ଟ୍ ହେଡ୍ ଇଂ. ସନ୍ତୋଷ ଲେଙ୍କା, ମ୍ୟାନେଜର ଦିଲ୍ଲୀପ ପାଣି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଶିବିର ଡିସେମ୍ବର ୨୩ ରୁ ୨୪ ତାରିଖ ପର୍ଯ୍ୟନ୍ତ ଦୁଇ ଦିନ ଧରି ସକାଳ ୯ ଘଟିକା ଠାରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ଚାଲୁ ରହିବ।


**PARADIP PORT AUTHORITY**
**e-TENDER CALL NOTICE**
**TD/TM /GEN-235(Vol-VI)/22/2494**
**Date:22.12.2022**

Name of the work: **"Allotment of 04 (Four) nos. of Mechanical Iron Ore/Iron Ore Pellet plots at IOHP."**, License Fees: **Rs. 2,86,79,310/-**, Wharfage Fees: **Rs. 16,93,300/-**, Last date & time of submission of bid: **28.12.2022 up to 15:00 hrs**, Date and time of opening (technical bid): **28.12.2022 up to 15:00 Hrs.** Refer our website for details **https://eprocure.gov.in/eprocure/app & http://paradipport.gov.in/.**

Sr. Asst. Traffic Manager
Paradip Port Authority
PPA/PR/216/22-23 dtd.23.12.2022

**NATIONAL BANK FOR AGRICULTURE AND RURAL DEVELOPMENT**
NABARD
Azadi Ka Amrit Mahotsav
**Plot No.: 24, 'G' Block, BKC, Bandra (East), Mumbai - 400 051**
**E-Tender Notice**
**Centrally Sponsored Project for Computerisation of PACS**

NABARD invites bids from IT companies for empanelment of System Integrators under the captioned project. The detailed RFP may be accessed from our website **www.nabard.org**, CPPP (link- **https://eprocure.gov.in/epublish/app** with **Tender ID: 2022_NABAR_687315_1)** and **https://nabard.eproc.in/** (using Tender ID : 20690).
**Last date for submission of bid is:** 03:00 pm. on 09th January 2023.

गाँव बढ़े तो देश बढ़े www.nabard.org Taking Rural India >> Forward

## ଜିଲ୍ଲା ପରିଷଦ, ନୟାଗଡ଼
## ZILLA PARISHAD, NAYAGARH
ଝିଅକୁ ବଞ୍ଚାନ୍ତୁ ଝିଅକୁ ପଢାନ୍ତୁ!

**No.4323 / Date: 22.12.2022**

**NOTICE**

The list of candidates applied for the post of Gram Rojgar Sevak, Zilla Parishad, Nayagarh is hereby published in the Zilla Parishad Office Notice Board and all Block Office Notice Boards of Nayagarh District for inviting objection (if any) from the candidates who have applied for the post of Gram Rojgar Sevak vide Advt. No. 4250, Dated-02.12.2019 and Corrigendum No. 4296, Dt.03.12.2019 for their concerned Gram Panchayats within a period of 8 days from 24.12.2022 to 31.12.2022. The objections should reach the Office of the Chief Development Officer-cum-Executive Officer, Zilla Parishad, Nayagarh by Regd. Post / Speed Post within the due date.

Objections received after due date shall not be taken into consideration.

The same is also available in Nayagarh Dist. Portal (www.nayagarh.nic.in).

**Address**
Chief Development Officer-cum-Executive Officer, Zilla Parishad,
Nayagarh, At/P.O.- Nabaghanapur,
Dist.- Nayagarh, Pin- 752070

**Sd./- C.D.O.-cum-Executive Officer**
**Zilla Parishad, Nayagarh**

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**WANTED**
LADY RECEPTIONIST BEST FOODING+GOOD ACCOMMODATION WITH ATTACHED BATH, At-Cuttack, Nakhara + 10 to 15000 + Bonus
**7809525452**

Gramin Rojgar Kalyan Sansthan is recruiting for various posts. Applications are being invited for Odisha.
visit: **www.grks.org** for details, contact -
**7058007838**

**ODISHA ର ସମସ୍ତ ଜିଲ୍ଲା ଓ ବ୍ଲକ୍ ସ୍ତରୀୟ ନିଯୁକ୍ତି**
- ସମସ୍ତ ଜିଲ୍ଲାର ପ୍ରାର୍ଥୀ ଓ ପ୍ରାର୍ଥୀନୀ ଆବେଦନ କରିପାରିବେ।
- ଯୋଗ୍ୟତା : ୭ମ ରୁ ୧୦ମ, +2, +3 ଏବଂ ITI
- ଦରମା : ₹ 7000/- ରୁ ₹ 28,000/- + ଖାଇବା ସୁବିଧା ଦିଆଯିବ।
- ସମୟ : ୭ ଦିନ ମଧ୍ୟରେ ଯୋଗାଯୋଗ କରନ୍ତୁ।

ଯୋଗାଯୋଗ ମୋବାଇଲ ନମ୍ବର
**9583494854**

See Career Appointment on every Wednesday & Saturday

**WANTED URGENTLY**
**Urgently Needs Sales Person, Distributor & Dealer for Odisha market of every District and Rural Market.**
FMCG Product both Girls, Boys, All type of Masala, OIL, Anion Sanitary Napkin Pad, Salary as per experience fresher can also walk-in with complete CV with photo.
1. **Accountant :** Salary 12,000/- plus.
2. **Sales Officer :** Salary 12,000/- + Incentive + Perks.
3. **Sales Girl :** Salary 7,000 + Incentive + Perk.
4. **Lady Sales Head :** Salary 12,000/- + Incentive + Perk.

**Walk-In-Interview with complete CV and photo on dated 27.12.2022, Time : 11am to 4 pm office address.**
**JEHOOVAH GROUP**
**Plot No-460, Saheed Nagar, Near by SBI ATM, Bhubaneswar.**
**CONTACT : 0674-3565244, 6370701014, 8328934640**

**viraj projects**
**WALK IN INTERVIEW ON 25 DECEMBER 2022**
**Neelanjali Society, Ujwal Villa, Kalyani Nagar- 411006**

We are looking for following personnel's having experience in Steel and Power Sector for our project site at Dhenkanal, Angul District.
**PROJECT MANAGER**: 2 Nos.- Degree/Diploma in Civil engineering with 15 to 20 years experience
**SITE ENGINEER/SR. ENGINEER**: 4 Nos.- B.Tech/Diploma degree in civil with 5 to 10 years of experience
**BILLING/PLANNING ENGINEERING**: 4 Nos. - B. Tech/Diploma degree in civil with 5 to 10 years of experience
**HR/ADMIN**: 2 Nos.- MBA in HR with 3 to 5 years of experience
**SAFETY OFFICER**: 2 Nos. - PDIS/ADIS/ Diploma in Any Safety Course with 4 to 8 years experience
**ACCOUNTANT**: 2 Nos.- B.Com with 3 to 10 years of experience
**QUALITY CONTROL ENGINEER**: 2 Nos.- B.Tech/Diploma in civil with 5 to 10 years of experience
**SURVEYOR**: 3Nos.-ITI with 4 to 6 years of experience
**SITE SUPERVISOR**: 10 Nos.- HSE/SSCE with 10 to 15 years of experience
**MECHANIC/ ELECTRICIAN**: 10 Nos.- Diploma/ITI with 5 to 10 years of experience
Interested candidate may send their CV to
**rml.hr@virajprojects.com or contact to**
**Mr. Nirmal Chandra Swain (HR Person)**
**Mob. No: 9124737239, 7894461365**
Note: Fresher candidate may apply.
**Interview Place : HOTEL MILAND PALACE**
**Plot No-540, Cuttack Road, Bhubaneswar,**
**Ph.: 0674-2570371, 2570373/9439920235**

**ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ Union Bank of India**
ଆନ୍ଧ୍ରା Andhra | Corporation

**କ୍ଷେତ୍ରୀୟ କାର୍ଯ୍ୟାଳୟ: ବାଲେଶ୍ୱର**
୩ୟ ମହଲା, ଆଶିଷ୍ ପ୍ଲାଜା, ଓଟି ରୋଡ୍, ଭାସ୍କରଗଞ୍ଜ, ବାଲେଶ୍ୱର - ୭୫୬୦୦୧

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ)

**[ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ -୨୦୦୨ ଅନ୍ତର୍ଗତ ରୁଲ୍ ୮(୧)]**

ନିମ୍ନ ସ୍ୱାକ୍ଷରକାରୀ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭଦ୍ରକ ଶାଖା-୧**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ (୨ୟ) ଆକ୍ଟ, ୨୦୦୨ (୨୦୦୨ର ଆକ୍ଟ ନଂ.୫୪) ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନବର୍ଣ୍ଣିତ ଋଣ ଆକାଉଣ୍ଟର ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତାମାନେ ଋଣ ପଇଠ କରିବାରେ ବିଫଳ ହେଲେ, ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ କଥିତ ଆକ୍ଟର ଧାରା ୧୩(୪) ସହିତ ରୁଲ୍ ୮ ଅନୁଯାୟୀ ନ୍ୟସ୍ତ ହୋଇଥିବା କ୍ଷମତା ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକୁ ଦଖଲକୁ ନେଇଛନ୍ତି। ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରିଦିଆଯାଉଅଛି ଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସେବାବଦ ସୁଧ ନିମନ୍ତେ **ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ଭଦ୍ରକ ଶାଖା-୧** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଋଣଗ୍ରହୀତା ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭଦ୍ରକ ଶାଖା-୧/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ଦେୟ (ଟଙ୍କାରେ) | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|
| ୧) **କ୍ୟୋତ୍ସ୍ନାରାଣୀ ମିତ୍ର,** ସ୍ୱାମୀ: ୰ ଜିମୁତ କୁମାର ମିତ୍ର, **୨) ପ୍ରଦୀପ କୁମାର ମିତ୍ର,** ପିତା: ୰ ଜିମୁତ କୁମାର ମିତ୍ର, **୩) ସନ୍ଦୀପ କୁମାର ମିତ୍ର,** ପିତା: ୰ ଜିମୁତ କୁମାର ମିତ୍ର, **୪) ହେମଦୀପ କୁମାର ମିତ୍ର,** ପିତା: ୰ ଜିମୁତ କୁମାର ମିତ୍ର, **୫) କୁଳଦୀପ କୁମାର ମିତ୍ର,** ପିତା: ୰ ଜିମୁତ କୁମାର ମିତ୍ର, **୬) ଚିନ୍ମୟୀ ସେନ୍,** ପିତା: ୰ ଜିମୁତ କୁମାର ମିତ୍ର, **୭) ପୂର୍ଣ୍ଣଶ୍ରୀ ଦାସ,** ପିତା: ୰ ଜିମୁତ କୁମାର ମିତ୍ର, **୮) ଇତିଶ୍ରୀ ଦେ,** ପିତା: ୰ ଜିମୁତ କୁମାର ମିତ୍ର, ସମସ୍ତଙ୍କ ବାସସ୍ଥାନ ଠିକଣା- ପୁରୁଷୋତ୍ତମ ବିହାର, ପିଏଚ୍‌ଡି କଲୋନୀ, ଗ୍ରାମ: ସାମରାଏପୁର, ପୋ/ଥାନା/ଜିଲ୍ଲା: ଭଦ୍ରକ | ୩୧.୧୦.୨୦୦୯ ସୁଦ୍ଧା ଟ.୮,୫୧,୨୮୧/- + ସେବାବଦ ସୁଧ | ୦୯.୧୨.୨୦୦୯ / ୨୩.୧୨.୨୦୨୨ | ୧)କ୍ୟୋତ୍ସ୍ନାରାଣୀ ମିତ୍ରଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ସାମରାଏପୁର, ଖାତା ନଂ.: ୨୯୬, ପ୍ଲଟ୍ ନଂ: ୪୬୪, କ୍ଷେତ୍ର: ଏକର୦.୧୭ଡିସିମିଲି, **୨) ୰ଜିମୁତ କୁମାର ମିତ୍ରଙ୍କ** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: ସାମରାଏପୁର, ଖାତା ନଂ.: ୨୯୬, ପ୍ଲଟ୍ ନଂ: ୪୮୪ ଏବଂ ୨୨୮, କ୍ଷେତ୍ର: ଏକର୦.୨୭ଡିସିମିଲି |

**ସ୍ଥାନ: ବାଲେଶ୍ୱର**
**ତାରିଖ: ୨୩.୧୨.୨୦୨୨**

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

## Government of Odisha
## Office of the Panchayat Samiti, Buguda, Ganjam
## Tender Call Notice No.01/2022-23

Bid Notice No.2712 Date: 22.12.2022

The Block Development Officer, Buguda invites sealed tenders on percentage basis for construction of following work as per details mentioned below during 2022-23 from the intending contractors registered with State PWD or equivalent class of CPWD/Railway/MES/ Central Govt./ State Govt. undertaking the following works to be eventually drawn up in the present rate contractor from (P-1) for execution of the civil works on production of definite group from the appropriate authority in the prescribed form. The bidder may submit bids in shape of Registered Post / Speed Post or through special messenger for the said purpose against the following works.

| Sl. No. | Name of the work | Approximate estimate cost in Rs. | EMD in Rs. | Eligibility of contractor | Time of completion | Cost of tender paper (Non refundable) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of Day Care Sub Centre-Cum- Health & Wellness Centre at Manitara | 33,21,709.00 | 33,217.00 | B & C | 9 months | Rs.6000.00 |

**PERIOD OF COMPLETION OF WORK MENTIONED IN TENDER CALL NOTICE**
Date of sale of tender paper: 22.12.2022 to 05.01.2023 (Working days from 10.00 A.M. to 5.30 P.M.)
Last date of submission of tender paper: 05.01.2023 (Upto 5.00 P.M.)
Date of opening of tender: 06.01.2023 at 11.00 A.M.
Please visit our District Administration website: **www.ganjam.nic.in** for more detail of term & condition for tender call notice.

**Sd./- Block Development Officer, Buguda, Ganjam**

## Capital Region Urban Transport
**Plot No. 548/1452,Kalarahanga,Patia,Bhubaneswar – 751031,Odisha,**
**Phone No. 0674 - 3501580,E-Mail Id : crutbbsr@gmail.com**

**Bid Identification No. 2879** **Date. 22/12/2022**

**INVITATIONS FOR BIDS (IFB)**

General Manager (Engg.), CRUT, Bhubaneswar on behalf of Managing Director, CRUT invites percentage rate bids in **Double Cover system** conforming to the Detailed Tender Call Notice (DTCN) from Electrical Contractors having valid H.T. license registered under Government of Odisha, having PAN and valid EPF & ESI registration No., GST Certificate for the item of works as indicated in the table below.

| Sl. No. | Name of work | Estimated Cost (in Rs) | EMD (In Rs.) | Cost of Tender Paper | Period of Completion |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Supply and installation of 2x500KVA, 11/0.4KV Transformer to be installed at the Bus Depot at Pokhariput, Bhubaneswar. | ₹20,70,000.00 | Bid Security declaration | 6000/- + 18% GST | 10 (Ten Days) |
| 2. | Supply and installation of 1x500KVA, 11/0.4KV Transformer to be installed at the O.D Terminal at Chandrasekharpur Bhubaneswar. | ₹10,35,000.00 | Bid Security declaration | 6000/- + 18% GST | 10 (Ten Days) |

1. The Bid documents will be available in the website: **https://tendersodisha.gov.in** from **26.12.2022 at 17.00 Hours.** Any addendum / corrigendum / cancellation of tender can also be seen in the said website.
2. Bids shall be received only **"On line"** on or before **04.01.2023 up to 17.00 Hours.** The bidder must possess compatible Digital Signature Certificate (**DSC**) of Class-II or Class-III.
3. Other details can be seen in the bidding documents.
4. The authority reserves the right to cancel any or all bids without assigning any reason.
5. Any addendum / corrigendum / cancellation shall only be uploaded in the website: **https://tendersodisha.gov.in**

**General Manager (Engg.),CRUT, Bhubaneswar**
**(on behalf of M.D, CRUT, Bhubaneswar)**

**ଗାଁରେ ଲାଗିଲା ୨୫ ଷ୍ଟ୍ରିଟ ଲାଇଟ୍**

ସାରସକଣା,(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ବଡ଼ଚାଟରା ଗ୍ରାମର ପ୍ରୀତିଶ କୁମାର ବାସାଙ୍କ ପୁଅ ସ୍ୱର୍ଗତ ମତ ବାସାଙ୍କ ଜୟନ୍ତୀ ଅବସରରେ ବାସା ପରିବାର ପକ୍ଷରୁ ଗାଁରେ ୨୫ଟି ଷ୍ଟ୍ରିଟ ଲାଇଟ ଲଗାଯାଇଛି। ସ୍ୱର୍ଗତ ପରେଶ ଚନ୍ଦ୍ର ବଶାଙ୍କ ସ୍ତ୍ରୀ ବିନୋଦିନୀ ବାସା ଫିତା କାଟି ଏହାର ଶୁଭାରମ୍ଭ କରିଥିଲେ। ଆନ୍ତର୍ଜାତିକ ସଙ୍ଗଠନ ୱାର୍ଲ୍ଡ ଫେଡେରେଶନ ଅଫ ଇଞ୍ଜିନିୟରିଂ ଅର୍ଗାନାଇଜେସନ(ଡବ୍ଲ୍ୟୁଏଫଇଓ)ର କାର୍ଯ୍ୟକାରୀ ଉପସଭାପତି ଇଂ, ଅଶୋକ କୁମାର ବଶା, ଜାତୀୟ ମନୁମେଣ୍ଟ ପ୍ରାଧିକରଣର ଅଧ୍ୟକ୍ଷ କିଶୋର କୁମାର ବାସା ମଧ୍ୟ ଉପସ୍ଥିତ ଥିଲେ।

## ଜନସେବା କରିବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ଆରଡ଼ି, ୨୩।୧୨(ଡି.ଏନ.ଏ.) ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ପାଳସାହିସ୍ଥିତ ବାବାମଣି ସ୍ନାତକ ମହାବିଦ୍ୟାଳୟର ଦର୍ଶନ ବିଭାଗ ଓ ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁକ୍ତ ୨ ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ସଭାଗୃହରେ ଅଧ୍ୟାପକ ବିଜୟ କୁମାର ଦାଶଙ୍କ ସଭାପତିତ୍ୱ, ଦାଶ ଶିରାବ୍ଦୀ ତନୟା ଓ ପୁଷ୍ପାରାଣୀ ଜେନାଙ୍କ ସଂଯୋଜନାରେ ସଭା ହୋଇଥିଲା। ଅଧ୍ୟାପକ ନିହାର ରଞ୍ଜନ କର ମୁଖ୍ୟଅତିଥି, ଶିକ୍ଷାବିତ୍ ଦୀପ୍ତି ରଞ୍ଜନ ନାୟକ ମୁଖ୍ୟବକ୍ତା, ଅଧ୍ୟାପକ ତ୍ରିଲୋଚନ ଦାସ ଓ ମୃତ୍ୟୁଞ୍ଜୟ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମାଜସେବୀ ହୋଇ ଜନସେବା କରିବା, ମାଛି ନ ହୋଇ ମହୁମାଛି ହେବା, ଘା'ରେ ନ ବସି ଫୁଲରେ ବସିବାକୁ ଅତିଥିମାନେ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଦର୍ଶନ ବିଭାଗ ମୁଖ୍ୟ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ନାୟକ, କେଶବ କର ପଣ୍ଡା, ବ୍ରଜ ମୋହନ ମହାନ୍ତି, କୃଷ୍ଣଚନ୍ଦ୍ର କବି, ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ରାଉତ, ମନ୍ଦାକିନୀ ମହାପାତ୍ର, ପ୍ରଣତି ପଟ୍ଟନାୟକ, ଶିକ୍ଷା କର୍ମଚାରୀ ଅନିରୁଦ୍ଧ ବେହେରା, ଭକ୍ତ ଭୂଷଣ ବାରିକ ପ୍ରମୁଖ ସଭାରେ ଯୋଗ ଦେଇଥିଲେ। ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। ସେହିପରି ଆଖଣ୍ଡଳମଣି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ଅଧ୍ୟକ୍ଷ ଦିଲୀପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଅଧ୍ୟାପକ ନିହାର ରଞ୍ଜନ କର ସଂଯୋଜନା କରିଥିଲେ। ଅଧ୍ୟାପକ ଜେନା ଓ ଶିକ୍ଷାବିତ୍ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ଧୀରେନ ପାତ୍ର, ସତ୍ୟାନନ୍ଦ ରାୟ, ଅମରେନ୍ଦ୍ର ପଣ୍ଡା, ଅନିଲ ରାଉତ, ଅଧ୍ୟାପିକା ପୁଷ୍ପାରେଣୁ ଜେନା, କନକଲତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଗମନାଗମନ ସୁବିଧା ହେଲେ ବିକାଶ ତ୍ୱରାନ୍ୱିତ ହେବ: ମନ୍ତ୍ରୀ

**ପୂର୍ତ୍ତ ବିଭାଗ ରାସ୍ତା ଭିତ୍ତିପ୍ରସ୍ତର**

ଭଣ୍ଡାରିପୋଖରୀ/ଭଦ୍ରକ ଅଫିସ,୨୩।୧୨(ସ୍ୱ.ପ୍ର.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ଛଟାବର-ନିଳୋକ ଓ ଛଟାବର-ବଳିଘାଇ ରାସ୍ତାର ନବୀକରଣ ପାଇଁ ଶୁକ୍ରବାର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି। ଛଟାବର-ବଳିଘାଇ ଚାରିଥାକିଆ ରାସ୍ତାର ୮ କି.ମି. ନିର୍ମାଣ ପାଇଁ ୪୬ କୋଟି ଓ ଛଟାବର-ନିଳୋକ ନିମନ୍ତେ ୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ଖଣି ଓ ଇସ୍ପାତ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ଯୋଗଦେଇ ଦୁଇ ରାସ୍ତାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ତେସିଙ୍ଗା ପଞ୍ଚାୟତ କୁଲଣା ବାସୁଳାଇ ପଡ଼ିଆଠାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଯୋଗଦେଇ ଗମନାଗମନ ସୁବିଧା ହେଲେ ବିକାଶ ତ୍ୱରାନ୍ୱିତ ହେବ ବୋଲି କହିଥିଲେ। ବିଧାୟକଙ୍କ ପ୍ରତିନିଧି ଇଂ. ପ୍ରୟାସକାନ୍ତି ସାମଲଙ୍କ ସଂଯୋଜନା ଓ ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଏବଂ ବିଧାୟକ ପ୍ରଫୁଲ୍ଲ ସାମଲ ବକ୍ତବ୍ୟ ରଖିଥିଲେ। ନିମନ୍ତ୍ରିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମତି ସେଠୀ, ବନ୍ତ ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼ାଇ, ଉପାଧ୍ୟକ୍ଷ ପ୍ରଣୀତକାନ୍ତି ସାମଲ, ସରପଞ୍ଚ ଧନେଶ୍ୱର ଖୁଣ୍ଟିଆ, ଜିଲା ପରିଷଦ ସଭ୍ୟ ଲକ୍ଷ୍ମୀଧର ସାହୁ, ବଦ୍ରି ନାରାୟଣ ରାଉତ, ନାଆମୀ ସେବା ସମବାୟ ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ପ୍ରାକ୍ତନ ସରପଞ୍ଚ ରଘୁନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ ରଥାଙ୍ଗଧର ରାଉତ, ପରମାନନ୍ଦ ବେହେରା, ସହକାରୀ ଯନ୍ତ୍ରୀ ଅମ୍ବିକା ବଲ୍ଲବ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ପ୍ରତିନିଧି ଲଳିତ କୁମାର ରାଉତ ଆଭିମୁଖ୍ୟ ପ୍ରଦାନ କରିଥିବା ବେଳେ ଦିନେଶ ସାହୁ ଧନ୍ୟବାଦ ଦେଇଥିଲେ।

ସେହିପରି ମନ୍ତ୍ରୀ ଭଦ୍ରକ-କୋଠାର-ଆରଡ଼ି ରାସ୍ତାର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏଥିପାଇଁ ୪୦କୋଟି ଟଙ୍କା ବ୍ୟୟ ଅଟକଳ ମଞ୍ଜୁର ହୋଇଛି। ଏମ୍‌ପି ମଣ୍ଡଳ, ବିଧାୟକ ସାମଲ, ସଞ୍ଜୀବ କୁମାର ମଲ୍ଲିକ, ଜିଲା ଯୋଜନା କମିଟି ସଭାପତି ତଥା ବିଧାୟକ ବ୍ୟୋମକେଶ ରାୟ, ଜିଲା ପରିଷଦ ଅଧ୍ୟକ୍ଷ ଜେନା, ଜିଲା ବିଜେଡି ସଭାପତି ଜଗନ୍ନାଥ ସ୍ୱାଇଁ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ପୂର୍ବତନ ତିହିଡ଼ି ବ୍ଲକ ଅଧ୍ୟକ୍ଷା ବିଦ୍ୟୁତ୍‌ଲତା ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଉପସଭାପତି ମଳୟ କୁମାର ଜେନା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ।



ସଭାରେ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ବିଧାୟକ ପ୍ରଫୁଲ୍ଲ ସାମଲ, ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ଅନ୍ୟମାନେ।

# ସମ୍ବର୍ଦ୍ଧିତ ହେଲେ ୨୭ କୃତୀ ପ୍ରତିଭା

**ପାଟଣା ଶିଶୁ ବିଦ୍ୟାମନ୍ଦିର ବାର୍ଷିକ ଉତ୍ସବ**

ପାଟଣା,୨୩।୧୨(ସ୍ୱ.ପ୍ର.)

କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ମୁଖ୍ୟାଳୟ ଷ୍ଟାଡିୟମରେ ଶୁକ୍ରବାର ୨୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଓ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ୨୭ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଆୟୋଜିତ ସଭାରେ ଶିଶୁମନ୍ଦିରର ପରିଚାଳନା ପରିଷଦ ସଭାପତି ଅରବିନ୍ଦ ଦାଶଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ତଥା ଜିଲା ଯୋଜନା କମିଟି ସଭାପତି ଜଗନ୍ନାଥ ନାଏକ, ମୁଖ୍ୟ ବକ୍ତାଭାବେ ଖଗେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଶିକ୍ଷାଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ପରିଚାଳନା ପରିଷଦ ସମ୍ପାଦକଙ୍କ ମୁରଲୀଧର ମହାନ୍ତ, ଉପ ସଭାପତି ମଦନ ମୋହନ ମହାନ୍ତ, ବିଦ୍ୟାଳୟ ପ୍ରଧାନଆଚାର୍ଯ୍ୟ ଗଣେଶ୍ୱର କର ଓ ଶିଶୁ ଭାରତୀ ଅଧ୍ୟକ୍ଷ ମିତ୍ରଭାନୁ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ଆରମ୍ଭରେ ପ୍ରଧାନଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ ଛାତ୍ରୀଛାତ୍ର ଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଅତିଥିଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି କୃତୀ ଛାତ୍ର।

# ଦୁର୍ଘଟଣାରେ ମହିଳାଙ୍କ ମୃତ୍ୟୁ

ମୋରଡ଼ା,୨୩।୧୨(ଡି.ଏନ.ଏ.)-ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାଲିଆଡିହା ପଞ୍ଚାୟତ ଅନ୍ତର୍ଗତ ବାରିପଦା-ଅମର୍ଦା ରାଜ୍ୟ ରାଜପଥର ବାରମାଇଲ୍ ନିକଟରେ ଦୁର୍ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଇଦର ଗ୍ରାମର ବିଷୟମଣି ଧଳ(୫୫)। ଏହି ଦୁର୍ଘଟଣାରେ ଆଣୁଆ ଅଞ୍ଚଳର ଶିବାନ ହାଁସଦା ଏବଂ ସୁନା ହେମ୍ବ୍ରମ ଗୁରୁତର ହୋଇଛନ୍ତି। ଚିକିତ୍ସା ନିମନ୍ତେ ସେମାନଙ୍କୁ ବାରମାଇଲସ୍ଥିତ କିଷାନତାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ବେତନଟୀ ଥାନା ଅଧୀନ ବଡ଼ଜାମବଣି ଫାଣ୍ଡି ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।


**ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ, ସମ୍ବଲପୁର**
(Email- dcosambalpur@gmail.com)
ନୋଟିସ ସଂଖ୍ୟା ୨୫୭ ତା।୨୦।୧୨।୨୦୨୨

**ସଂକ୍ଷିପ୍ତ ଟେଣ୍ଡର ଆହ୍ୱାନକାରୀ ବିଜ୍ଞପ୍ତି**

No.F-408:- ସମ୍ବଲପୁର ଲୋକ ମହୋତ୍ସବ ୨୦୨୩ର Documentation ପାଇଁ ଇଚ୍ଛୁକ ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କଠାରୁ ଜଉମୁଦଦିଆ ଆସନ୍ତା କାର୍ଯ୍ୟାଳୟରେ ଦାଖଲ କରିବା ପାଇଁ ଅନୁରୋଧ କରାଯାଉଛି। ଏଥି ସମ୍ବନ୍ଧରେ ବିସ୍ତୃତ ବିଜ୍ଞାପନ (ସଂଖ୍ୟା ୨୫୭ ତା।୨୦।୧୨।୨୦୨୨) ସମ୍ବଲପୁର ଜିଲ୍ଲା Website: www.sambalpur.nic.in ଅତ୍ର କାର୍ଯ୍ୟାଳୟର ସମ୍ବଲପୁର ମହାନଗର ନିଗମ ମୁଖ୍ୟ ଉନ୍ନୟନ ଅଧିକାରୀ ଏବଂ ଉପଖଣ୍ଡ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଉପଲବ୍ଧ ଅଛି ।

OIPR-15013/11/0005/2223

Government of Odisha No.B-1017:
**"e" procurement Notice**
Bid Identification No. PWDK- 28/2022-23
No.G2/10173, Dt.16.12.2022
e-mail:eepwdkeonjhar@yahoo.com

1. No. of the work :- 04 Nos. Building Work
2. Estimated cost :- From Rs.20.90 Lakh to Rs.71.53 Lakh
3. Period of completion :- 6 (Six) Calendar Months
4. Date and Time of availability of Bid document in the portal :- From 10.00 Hr 27.12.2022 to 17.00 Hr of 10.01.2023
5 Last date / Time for receipt of bids in the portal :- 17.00 Hr.of 10.01.2023
6 Date of opening of Bid from Portal:- :- 11.30 Hr. of 11.01.2023
7 Name and address of the Officer inviting Bid :- Superintending Engineer Keonjhar (R&B) Division Keonjhar.

Further details can be seen from the e-Procurement portal: http://tendersodisha.gov.in.
Sd./- Superintending Engineer Keonjhar (R&B) Division
OIPR-34004/11/0011/2223

**OFFICE OF THE MUNICIPAL COUNCIL: BALANGIR**
Address:-Office of the Municipal Council, Balangir, Opp of Rajendra Park, Balangir, Pin-767001, Ph. No.06652-232790 E- Mail id-bgrmc1972@gmail.com
Letter No.6037/BM/ Date:22.12.2022

**1st Corrigendum**

No.C-2067:The Quotation Call Notice No.5914/BM/Dt.09.12.2022 published in the balangir dist web portal i.e www.balangir.nic.in on Dt.10.12.2022 for "Quotation for supply of 119 Nos. of Branded lady Bicycle to Balangir Municipality" was scheduled to be available in the purchase of tender paper Dtd. 12.12.2022 to 20.12.2022 up to 4.00PM & the quotation shall be open on Dt.22.12.2022 at 11.00 AM, But due to some unavoidable circumstances the schedule date & time to be extended to Dtd.29. 12.2022 at 4.00 PM & the quotation will be open on Dt.30.12.2022 at 11.00AM as per the mentioned venue. All other terms and conditions of quotation remain unchanged.

Sd./- Executive Officer, Balangir Municipality
OIPR-13169/11/0032/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, ANGUL**
E-mail:sencrwangul@yahoo.co.in., Phone:06764-236404
No.2564, Dt.21.12.2022

**e-Procurement Notice for Impvt. to Existing Road Work in Odisha**

No.O-1512:1.Name of the Work : Road Work 2. Total No. of Work : 1 No. 3. Estimated Cost : Rs.202.64 Lakhs. 4. Class of Contractor : 'B' & 'A' Class. 5. Period of Completion : 09 Calendar Months. 6. Other details

| Procurement Officer | Bid Identification No. | Availability of Tender Online for bidding | | Last date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Angul | Road Online- AGL-15/2022-23 | 28.12.2022 at 10.00 A.M. | 11.01.2023 upto 5.00 P.M. | 10.01.2023 upto 1.00 P.M. | 12.01.2023 upto 11.00 A.M. | Intimated latter on |

Further detailed Notice inviting Tenders, Please visit to the website www.tendersorissa.gov.in.
Sd./- D.Padhi
OIPR-25180/11/0021/2223 Chief Construction Engineer, Rural Works Circle, Angul

**OFFICE OF THE EXECUTIVE ENGINEER RURAL WORKS DIVISION, BARGARH**
Email: rd_bgh@yahoo.co.in Gmail: rwd.bgh@gmail.com
No.O-1496: e-Procurement Notice No. ONLINE-BGH-16 OF 2022-23

| | | | |
|---|---|---|---|
| 1 | Name of Work | : | Fire Fighting System (PH and Electrical Works) to M.C.H. building at Sohela in the district of Bargarh during 2022-23 under NHM Grant. |
| 2 | EMD | : | Bid Security Declaration |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender Online for bidding | | Last date & Time of seeking tender clarification | Date & Time of opening of tender in R.W.Division, Bargarh | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division, Bargarh | ONLINE-BGH-16 of 2022-23 | 30.12.2022 at 11.00 A.M. | 12.01.2023 upto 5.00 P.M. | 12.01.2023 upto 4.00 PM | 16.01.2023 at 11.00 A.M. | 19.01.2023 at 11.00 A.M. |

Further details can be seen from the Website www.tendersorissa.gov.in.
OIPR-25062/11/0021/2223 Sd./- Executive Engineer, R.W.Division, Bargarh

**OFFICE OF THE PANCHAYAT SAMITI, CHATRAPUR**
Letter No. 4720 Date: 21.12.2022

**DETAIL TENDER CALL NOTICE 01/BDO - CHATRAPUR OF 2022-23**

No. i-278: The Block Development Officer, Chatrapur invites sealed percentage rate tenders in Single Cover System on behalf of Governor of Odisha from registered and eligible class of civil contractor of the State PWD (R&B)/Water Resources/Rural Works/M.I./CPWD for the following work eventually to be drawn up in the PWDF - 2 forms in conformity with the Detailed Tender Call Notice.

| Sl. No. | Name of the Work | Value of Work | Bid Security @ % (In Rs.) | Cost of Bid Document (In Rs.) | Class of Bidder | Period of Completion |
|---|---|---|---|---|---|---|
| 1 | Construction of Day Care Sub Centre Building at Kalipali | 3362715/- | 33627/- | 6000/- | 'B & C' Class | 9 (Nine) Calendar Months |
| 2 | Construction of Day Care Sub Centre cum Health Wellness Centre at Nandapandapalli | 3332831/- | 33328/- | 6000/- | 'B & C' Class | 9 (Nine) Calendar Months |
| 3 | Construction of Day Care Sub Centre cum Health Wellnes Centre at KTN Pur | 3332831/- | 33328/- | 6000/- | 'B & C' Class | 9 (Nine) Calendar Months |
| 4 | Construction of Day Sub Centre cum Health Wellness Centre at D.Berhampur | 3358871/- | 33589/- | 6000/- | 'B & C' Class | 9 (Nine) Calendar Months |
| 5 | Construction of Day Sub Centre cum Health Wellness Centre at Boulagaon | 3327789/- | 33278/- | 6000/- | 'B & C' Class | 9 (Nine) Calendar Months |
| 6 | Construction of Day Sub Centre cum Health Wellness Centre at Badamadhapur | 3338780/- | 33388/- | 6000/- | 'B & C' Class | 9 (Nine) Calendar Months |
| 7 | Construction of Day Sub Centre cum Health Wellnes Centre at Bhikaripalli | 3337326/- | 33373/- | 6000/- | 'B & C' Class | 9 (Nine) Calendar Months |

**Terms and Conditions:**

1. **Cost of Tender Paper:** The tender specification can be obtained from the Office of the Block Development Officer, Chatrapur on payment towards the cost of tender papers as mentioned above (Non-refundable) in shape of Bank Draft or Demand Draft only (No other modes will be entertained) drawn in favour of Block Development Officer, Chatrapur in any Nationalized Bank having its branch at Chatrapur on any working day from **27.12.2022 to 10.01.2023** for the above work.
2. **Sale of Tender Papers:** The tender documetns will be sold from **27.12.2022 to 10.01.2023** at Block Office, Chatrapur between 10.00 A.M. to 5.00 P.M. on working day.
3. **Date of receipt and mode of submission of Tender Papers:** The tenderers have to submit the sealed tender papers in complete shape through **Register Post/Speed Post** only can be sent to the B.D.O., Chatrapur in his official postal address. The last date of receipt of tender papers is **10.01.2023** upto 5.00 P.M. The undersigned will not be responsible for postal delay if any.
4. **Date of Opening of Tender Paper:** The tender paper shall be opened on 11.01.2023 at 11.00 A.M. in the presence of the tenderers or their authorized representative having written authorization for the purpose and the members of tender committee.
5. **Earnest Money Deposit:** 1% (One Percent) of the bid value in shape of Post Office Term Deposit/ Short Term Deposit/N.S.C./K.V.P./Deposit Receipt of any Nationalized Bank duly pledged in favour of Block Development Officer, Chatrapur. The tender paper without required amount of E.M.D. will not be considered and transfer or adjustment of E.M.D. is also inadmissible.
6. **Document to be attached:** The following documents should be furnished with the tender papers, failing which the tender will be liable to rejection.
(a) E.M.D. pledged in favour of the Block Development Officer, Chatrapur.
(b) Attested copy of valid Contractor Registration Certificate.
(c) Attested copy of PAN Card and Certificate of GSTIN.
(d) Original Money Receipt issued by B.D.O., Chatrapur towards cost of tender papers.
(e) Attested copy of Caste Certificate issued by competent authorities in case of SC/ST contractors desired to avail the preference.
(f) The bidders have to produce an original affidavit in support of the authenticity of documents including EMD etc. attached with the tender papers.
(g) Affidavit as regards the facts of availing award of work without submission of EMD/ISD during the current financial year in case of Engineer Contractors desirous of availing exemption of EMD otherwise their tender paper will be liable for rejection.
(h) Joint venture consortium agreements are not allowed to participate in tender.
7. Short fall of any required documents and EMD the tender paper will be liable for rejection.
8. **Additional Performance Security Deposit:** The affidavit in lieu of APS will be submitted by the successful bidder for the cost of less quoted in percentage of the amount put to tender before the signing of the agreement of the contract (vide works Department Letter No. 13286 dated 07.09.2017) Govt. of Odisha, Works Department.
9. **Forfeiture:** The EMD amount will be forfeited, if the tenderer backs out from the offer acceptance of tender by the competent authority.
10. Submission of more than one tender paper by a bidder for a single work will be liable for rejection of all such tender papers.
11. The Block Development Officer, Chatrapur reserves the right to reject any or all the tenders without assigning any reason thereof.
Other details can be seen in the bidding documents.

OIPR-19102/11/0001/2223 Sd./- Block Development Officer, Chatrapur

**ODISHA POLICE**
**OFFICE OF THE D.G. & I.G. OF POLICE, ODISHA, CUTTACK**
Tel.:0671-2304001,Website:www.odishapolice.gov.in., Email:dirscrb.odpol@nic.in
RFP No.05-I/UCCC-CP-2022-23/ dtd.22.12.2022

No.D-259:Online bids thorugh e-Tender Portal https://tendersodisha.gov.in. are invited from the eligible bidders for Establishment of Integrated and Unified Command & Control Center (I&UC-CC) at twin city of Odisha State during the current financial year 2022-23 as per the particulars mentioned below.

| Sl.No. | Name of Item | Approximate Quantity |
|---|---|---|
| 1 | The Integrated and Unified Command Control Centre (I&UC-CC) system as envisaged, will enhance the effectiveness of operations through ICT interventions, which will enable Police Personnel to effectively utilize technology to monitor and reduce crime, manage traffic, law & order and VIP visit etc. | As per the Schedule of Items attached in the RFP |

| Sl. No. | Particulars | Date & Time | |
|---|---|---|---|
| 1 | Date & Time of release of bid | 22.12.2022 | 10.00 A.M. |
| 2 | Date & Time for submission of queries by E-mail id:- commissioneratepolice@nic.in | 28.12.2022 | 05.00 PM |
| 3 | Date & Time of Pre Bid Meeting | 29.12.2022 11.30 AM @ Venue Office of the Addl. CP of Police Commissionerate Police, Bhubaneswar | |
| 4 | Publication of Corrigendum to RFP (if any) in the website | 05.01.2023 | |
| 5 | Date & Time of online bid submission | Start Date & Time<br>06.01.2023 10.00 AM | End Date & Time<br>20.01.2023, 5.00 PM |
| 6 | Date & Time for online Technical Bid Opening | 20.01.2023 05.30 PM | |
| 7 | Date of presentation of solution of e-tender/Technical Bid evaluation | To be informed to the participated bidders | |
| 8 | Date of Price bid opening | To be informed to the qualified bidders | |

The bid document with all information relating to the bidding process including cost of bid document, Prequalification criteria and terms & conditions are available in the websites: www.odishapolice.gov.in. and https://tendersodisha.gov.in. The authority reserves the right to accept/reject any part thereof or all the bids without assigning any reason thereof.

Sd./- A.I.G. of Police (Provisioning) Odisha, Cuttack (Tender Calling Authority)
OIPR-12018/11/0008/2223

GOVT. OF ODISHA
**OFFICE OF THE PANCHAYAT SAMITI SALIPUR,CUTTACK**
No.i-280:
Phone No.0671-2352226, Email:ori-salipur@nic.in
**'e'-Procurement Notice No.01 (SLB-01)/2022-23**

1. Name of Work : 1.Construction of Day care Sub-Centre cum Health & Wellness Centre at Pikol. 2.Construction of Day care Sub-Centre cum Health & Wellness Centre at Mirzapur.
2. Total No. of Works : 02 (Two) Nos.of Works
3. Tender Cost : Rs.2857553.00 for Each Work.
4. Mode of Payment of EMD (Bid Security) & Bid Cost : Bid Cost EMD (Letter No.8943/ F dated 18.03.2021) as mentioned in DTCN.
5. Period of Completion : 08 (Eight) Calendar Months
6. Other details as follows:
(i) Procurement Officer : Block Development Officer, Salipur, Cuttack.
(ii) Availability of Tender Online for Bidding : 26.12.2022 from 10.00 A.M. to 07.01.2023 upto 3.00 P.M. (Selling). 26.12.2022 from 10.00 A.M. to 07.01.2023 upto 5.00 P.M. (Submission).
(iii) Date, Time & Venue of opening of Bid through Online : Dtd.09.01.2023- 11.30 A.M. in the Office of the Panchayat Samiti, Salipur.
(iv) Date of Transparent Lottery to be Conducted (if required) : On 20.01.2023 at 11.30 A.M. in the Office Chamber of Block Development Officer, Salipur, Cuttack. (Bidders shall furnish their present e-mail id, address and Telephone No. for further correspondence)

Further details can be seen from the Govt. website www.tendersodisha.gov.in.
Sd./- Block Development Officer, Salipur, Cuttack
OIPR-19278/11/0001/2223

**OFFICE OF THE MUNICIPAL COUNCIL, BHAWANIPATNA**
No.5279/BPM, Date:21.12.2022

**Expression of Interest (EOI) to lease out the shop room of Smart Park at Bhawanipatna Municipality.**

No.C-2072:Bhawanipatna Municipality invites Expression of Interest (EOI) in the Prescribed Format (Annexure-I) in sealed cover from the intending Person/ Mission Shakti Group (MSG)/ Agency to lease out the shop rooms of Smart Park at Bhawanipatna on_monthly rental basis. The detail of shop rooms as given below.

| SHOP ROOM | AREA (Sq.Ft.) | UPSET PRICE FIXED IN RUPEES | RESERVATION STATUS |
|---|---|---|---|
| Shop Room No-5 | 200 | 75000 | Open to all individual/MSG/Agency |
| Shop Room No-6 | 200 | 75000 | Open to all individual/MSG/Agency |
| Shop Room No-7 | 200 | 75000 | Open to all individual/MSG/Agency |

Sealed offers are therefore invited from the interested Person/ Mission Shakti Group (MSG)/ Agency who are required to quote the details of the shop room number and rate in the format given in the Annexure I. Application form required for the applicant can be downloaded from the website http:/www.kalahandi.nic.in. The Application Form must be submitted with the cost of Application for an amount of Rs 2000/- (Rupees Two Thousand) only and EMD for an amount of Rs 10,000/- (Rupees Ten Thousand) only through Demand Draft in favour of Executive Officer Bhawanipatna Municipality payable at Bhawanipatna. The EMD is exempted for the Mission Shakti Group irrespective of all Shop Rooms. One Intending person/Mission Shakti Group/Agency can be allotted Maximum One number of shops. If the Applicant is applying for more than one Shop, he/she shall submit separate application form for each shop with application cost and EMD. In case any applicant gets selected in more than one shop he/she shall be allotted the shop where the applicants have quoted the highest price. The monthly rent of the shop is 1500/- (One thousand five hundred) Only per month. The Application should reach to Executive Officer Bhawanipatna Municipality by Registered post/ Speed post only on or before 31/12/2022 at 12.00 Noon, The application received beyond the date and time mentioned above shall not be taken into consideration. The Application form must be accompanied with relevant documents as mentioned in the tender paper. Failure to comply the instruction specified there in or non-submission of any of the documents specified, the bid shall summarily be rejected.

The sealed application will be opened on 31/12/2022 at 4 P.M. in the office of the undersigned in presence of the applicants or their authorized agents and members of the tender committee.

Sd./- Executive Officer, Bhawanipatna Municipality
OIPR-13100/11/0036/2223

GOVERNMENT OF ODISHA
**OFFICE OF THE ADDITIONAL CHIEF ENGINEER, RENGALI HEAD WORKS CIRCLE, SAMAL**
INVITATION FOR BIDS (IFB)
Email ID-seicsamal19@.gmail.com

**INVITATION FOR BIDS (IFB)**
**Bid Identification No. ACE-RHWC- 03 of 2022-23**
**(e-Procurement Notice No. ACE-RHWC-03/2022-23)**

No.A-910:The Additional Chief Engineer, Rengali Head Works Circle. Samal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Irrigation work as detailed below:

1. Name of the work : Irrigation works
2. No of works : 02 (Two) Nos
3. Estimated Cost : Rs.4,64,16,710/- & Rs.4,91,76,087/-
4. Cost of tender paper : Rs 10.000.00
5. Class of contractor : 'A'Class
6. Period of Completion of Work : 11 (Eleven) Calendar months including monsoon season
7. Date and time of availability of bid Document in the website : Dt.26.12.2022 from 10.00 A.M to Dt. 12.01.2023 upto 5.00 P.M.
8. Date of opening of Technical Bid : Dt. 13.01.2023 at 11.30 hours
9. Place of opening of Technical Bid : In the Office of the Additional Chief Engineer, Rengali Head Works Circle.

The bidders have to participate in ONLINE biding only further details can be seen from the e- Procurement Portal: www.tendersodisha.gov.in. Any addendum / corrigendum / cancellation of tender can also be seen in the said website.

Sd./- Additional Chief Engineer Rengali Head Works Circle, Samal
OIPR-32410/11/0002/2223

# ହକି ବିଶ୍ୱକପ୍ ପାଇଁ ଭାରତୀୟ ଦଳ ଘୋଷିତ

## ହରମନ୍‌ପ୍ରୀତ ଅଧିନାୟକ, ଅମିତ ରୋହିଦାସ ଉପଅଧିନାୟକ, ଓଡ଼ିଶାରୁ ୨

ଭୁବନେଶ୍ୱର,୨୩।୧୨(କ୍ରୀଡ଼ା ପ୍ରତିନିଧି)

ଆସନ୍ତା ହକି ବିଶ୍ୱକପ୍ ପାଇଁ ହକି ଇଣ୍ଡିଆ ପକ୍ଷରୁ ଶୁକ୍ରବାର ୧୮ ଜଣିଆ ଦଳ ଘୋଷଣା କରାଯାଇଛି। ଜାନୁୟାରୀ ୧୩ରୁ ୨୯ ଯାଏ ଭୁବନେଶ୍ୱର ଓ ରାଉରକେଲାରେ ହେବାକୁ ଥିବା ଏହି ମେଗା ଟୁର୍ନାମେଣ୍ଟ ପାଇଁ ଡ୍ରାଗ୍‌ଫ୍ଲିକର୍ ହରମନ୍‌ପ୍ରୀତ ସିଂଙ୍କୁ ଅଧିନାୟକ ଘୋଷଣା କରାଯାଇଛି। ଓଡ଼ିଆ ପୁଅ ଅମିତ ରୋହିଦାସଙ୍କୁ ତାଙ୍କ ଡେପୁଟି ଭାବେ ଚୟନ କରାଯାଇଛି। ଏହା ସହିତ ନୀଲମ ସଞ୍ଜୀପ ଖେସ୍ ଅନ୍ୟତମ ଖେଳାଳି ଭାବରେ ୧୮ ଜଣିଆ ଦଳରେ ସ୍ଥାନ ପାଇଛନ୍ତି। ଭାରତ ଗ୍ରୁପ୍ ଡି'ରେ ଇଂଲଣ୍ଡ, ସ୍ପେନ୍ ଓ ୱେଲ୍ସ ସହିତ ସ୍ଥାନ ପାଇଥିବା ବେଳେ ଜାନୁୟାରୀ ୧୩ ତାରିଖରେ ନବନିର୍ମିତ ବିର୍ସା ମୁଣ୍ଡା ହକି ଷ୍ଟାଡିୟମରୁ ନିଜର କ୍ୟାମ୍ପେନ୍ ଆରମ୍ଭ କରିବ। ୩୩ ଜଣ ଖେଳାଳିଙ୍କୁ ନେଇ ବେଙ୍ଗାଲୁରୁ ସ୍ଥିତ ସାଇରେ ଏକ ପ୍ରଶିକ୍ଷଣ କ୍ୟାମ୍ପ ଅନୁଷ୍ଠିତ ହୋଇଥିଲା। ଏହି ଟିମ୍‌ରେ ଉଭୟ ଅଭିଜ୍ଞ ଏବଂ ଯୁବ ଖେଳାଳିଙ୍କ ସନ୍ତୁଳନ ରହିଛି, ଯାହା ଦଳକୁ ପୋଡିୟମ ଫିନିଶରେ ସାହାଯ୍ୟ କରିବ ବୋଲି ହକି ଇଣ୍ଡିଆ ପକ୍ଷରୁ କୁହାଯାଇଛି। କ୍ରିଷନ୍ ବାହାଦୁର ପାଠକ ଓ ପି. ଆର. ଶ୍ରୀଜେସଙ୍କୁ ଗୋଲରକ୍ଷକ ଭାବରେ ଦଳରେ ସାମିଲ କରାଯାଇଛି। ଶ୍ରୀଜେସଙ୍କର ଏହା ୪ର୍ଥ ବିଶ୍ୱକପ୍ ହୋଇଥିବା ବେଳେ ଘରୋଇ ମାଟିରେ ତୃତୀୟ ବିଶ୍ୱକପ୍। ହରମନ୍‌ପ୍ରୀତ ସିଂ, ଅମିତ ରୋହିଦାସ, ସୁରେନ୍ଦର କୁମାର, ବରୁଣ କୁମାର, ଜର୍ମନପ୍ରୀତ ସିଂ ଓ ନୀଲମ୍ ସଞ୍ଜୀପ ଖେସ୍‌ଙ୍କୁ ଡିଫେଣ୍ଡର ଦାୟିତ୍ୱ ପ୍ରଦାନ କରାଯାଇଛି। ଅଷ୍ଟ୍ରେଲିଆ ଗସ୍ତରୁ ବାଦ୍ ପଡିଥିବା ମିଡ୍‌ଫିଲ୍ଡର ବିବେକ ସାଗର ପ୍ରସାଦ ଦଳକୁ ଫେରିଥିବା ବେଳେ ମନପ୍ରୀତ ସିଂ, ହାର୍ଦ୍ଦିକ୍ ସିଂ, ନୀଳକଣ୍ଠ ଶର୍ମା, ଶମସେର ସିଂ ଓ ଆକାଶଦୀପ ସିଂଙ୍କୁ ମଧ୍ୟ ମିଡ୍‌ଫିଲ୍ଡର ଭାବେ ଦଳରେ ରଖାଯାଇଛି। ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ ଓ ସୁଖଜିତ ସିଂଙ୍କୁ ଫରୱାର୍ଡ ଲାଇନଅପ୍‌ରେ ରଖାଯାଇଥିବା ବେଳେ ରାଜକୁମାର ପାଲ ଓ ଯୁଗରାଜ ସିଂଙ୍କୁ ବଦଳ ଖେଳାଳି ଭାବରେ ସାମିଲ କରାଯାଇଛି। ହକି ପାଇଁ ବିଶ୍ୱକପ୍ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଟୁର୍ନାମେଣ୍ଟ। ଏହା ସହିତ ଘରୋଇ ପରିବେଶରେ ଖେଳୁଥିବାରୁ ଏହା ଭାରତ ପାଇଁ ଅତିରିକ୍ତ ଚାପ ମଧ୍ୟ ସୃଷ୍ଟି କରିବ ବୋଲି କହିଛନ୍ତି କୋଚ୍ ଗ୍ରାହାମ୍ ରିଡ୍। ପ୍ରତ୍ୟେକ ଦେଶ ଏହି ଟୁର୍ନାମେଣ୍ଟ ପାଇଁ ନିଜର ଶ୍ରେଷ୍ଠ ଦଳ ଚୟନ କରିଥାନ୍ତି ଏବଂ ଶ୍ରେଷ୍ଠ ସୁବିଧା ପ୍ରଦାନ କରିବାକୁ ପ୍ରୟାସ କରିଥାନ୍ତି। ଏହା ସହିତ ଚୟନ କରାଯାଇଥିବା ଦଳରେ ଅଭିଜ୍ଞ ଏବଂ ଯୁବ ଖେଳାଳିଙ୍କ ସନ୍ତୁଳନ ରକ୍ଷା କରାଯାଇଛି, ଯାହା ଦଳକୁ ଶ୍ରେଷ୍ଠ ଫଳାଫଳ ଦେବାରେ ସହାୟକ ହେବ ବୋଲି ସେ କହିଛନ୍ତି। ବିଗତ ଦୁଇମାସ ଧରି ଦଳର ପ୍ରସ୍ତୁତି ଠିକ୍ ଦିଗରେ ରହିଛି। ପ୍ରୋ ଲିଗ୍ ସହିତ ଦଳ ଅଷ୍ଟ୍ରେଲିଆ ଗସ୍ତରେ ମଧ୍ୟ ଯାଇଥିଲା। ତେବେ ଖୁବ୍ ଶୀଘ୍ର ଓଡ଼ିଶାରେ ପହଞ୍ଚିବା ସହିତ ଚୂଡାନ୍ତ ପର୍ଯ୍ୟାୟର ପ୍ରସ୍ତୁତି ଆରମ୍ଭ କରାଯିବ ବୋଲି ସେ କହିଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ଶେଷ ହେବା ପରେ ଜାନୁୟାରୀ ୨୨ରୁ ନକ୍‌ଆଉଟ ପର୍ଯ୍ୟାୟ ଆରମ୍ଭ ହେବ।


ଭାରତୀୟ ହକି ଦଳ।

**ଭାରତୀୟ ଦଳ**

ଗୋଲକିପର– କ୍ରିଷନ୍ ବାହାଦୁର ପାଠକ ଓ ପି. ଆର. ଶ୍ରୀଜେସ

ଡିଫେଣ୍ଡର – ହରମନ୍‌ପ୍ରୀତ ସିଂ, ଅମିତ ରୋହିଦାସ, ସୁରେନ୍ଦର କୁମାର, ବରୁଣ କୁମାର, ଜର୍ମନପ୍ରୀତ ସିଂ ଓ ନୀଲମ୍ ସଞ୍ଜୀପ ଖେସ୍।

ମିଡ୍‌ଫିଲ୍ଡର–ବିବେକ ସାଗର ପ୍ରସାଦ, ମନପ୍ରୀତ ସିଂ, ହାର୍ଦ୍ଦିକ୍ ସିଂ, ନୀଳକଣ୍ଠ ଶର୍ମା, ଶମସେର ସିଂ ଓ ଆକାଶଦୀପ ସିଂ।

ଫରୱାର୍ଡ – ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଅଭିଷେକ ଓ ସୁଖଜିତ ସିଂ। ବଦଳ ଖେଳାଳି– ରାଜକୁମାର ପାଲ ଓ ଯୁଗରାଜ ସିଂ।

## ଆଇପିଏଲ୍ ନିଲାମ ଖେଳାଳି ତାଲିକା

| ଖେଳାଳି | ମୂଲ୍ୟ | ଫ୍ରାଞ୍ଚାଇଜି |
|---|---|---|
| କେନ୍ ୱିଲିୟମ୍‌ସନ୍ | ୨କୋଟି ଟଙ୍କା | ଗୁଜରାଟ |
| ହ୍ୟାରୀ ବ୍ରୁକ୍ | ୧୩.୨୫ କୋଟି | ସନ୍‌ରାଇଜର୍ସ |
| ମୟଙ୍କ ଅଗ୍ରୱାଲ | ୮.୨୫ କୋଟି | ସନ୍‌ରାଇଜର୍ସ |
| ଅଜିଙ୍କ୍ୟ ରାହାନେ | ୫୦ ଲକ୍ଷ | ସୁପରକିଙ୍ଗ୍ସ |
| ସାମ୍ କୁରାନ | ୧୮.୫୦ କୋଟି | ସୁପରକିଙ୍ଗ୍ସ |
| ଓଡିନ୍ ସ୍ମିଥ୍ | ୫୦ ଲକ୍ଷ | ଗୁଜରାଟ |
| ସିକନ୍ଦର ରାଜା | ୫୦ଲକ୍ଷ | ପଞ୍ଜାବ କିଙ୍ଗ୍ସ |
| କାମେରୁନ୍ ଗ୍ରୀନ୍ | ୧୭.୫ କୋଟି | ମୁମ୍ବାଇ ଇଣ୍ଡିଆନ୍ସ |
| ବେନ୍ ଷ୍ଟୋକ୍ସ | ୧୬.୨୫ କୋଟି | ସୁପରକିଙ୍ଗ୍ସ |
| ନିକୋଲାସ ପୁରନ୍ | ୧୬ କୋଟି | ସୁପର ଜାଏଣ୍ଟ୍ସ |
| ହେନ୍‌ରିଚ୍ କ୍ଲାସେନ୍ | ୫.୨୫ କୋଟି | ସନରାଇଜର୍ସ |
| ଫିଲ ସଲ୍ଟ | ୨ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ରିସି ଟପ୍‌ଲେ | ୧.୯ କୋଟି | ଆରସିବି |
| ଜୟଦେବ ଉନାଡକଟ୍ | ୫୦ ଲକ୍ଷ | ସୁପର ଜାଏଣ୍ଟ୍ସ |
| ଝାଏ ରିଚାର୍ଡସନ୍ | ୧.୫ କୋଟି | ମୁମ୍ବାଇ |
| ଇଶାନ୍ତ ଶର୍ମା | ୫୦ ଲକ୍ଷ | ଦିଲ୍ଲୀ କ୍ୟାପିଟାଲ୍ସ |
| ଆଦିଲ ରଶିଦ୍ | ୨ କୋଟି | ସନରାଇଜର୍ସ |
| ମୟଙ୍ଗ ମରକଣ୍ଡେ | ୫୦ ଲକ୍ଷ | ସନରାଇଜର୍ସ |
| ଶେକ୍ ରଶିଦ୍ | ୨୦ ଲକ୍ଷ | ସୁପରକିଙ୍ଗ୍ସ |
| ଭିଭ୍ରାନ୍ତ ଶର୍ମା | ୨.୬ କୋଟି | ସନରାଇଜର୍ସ |
| ସମର୍ଥ ବ୍ୟାସ | ୨୦ ଲକ୍ଷ | ସନରାଇଜର୍ସ |
| ସନଭୀର ସିଂ | ୨୦ ଲକ୍ଷ | ସନରାଇଜର୍ସ |
| ନିଶାନ୍ତ ସିନ୍ଧୁ | ୬୦ ଲକ୍ଷ | ସୁପରକିଙ୍ଗ୍ସ |
| ଏନ୍ ଜଗଦୀଶାନ | ୯୦ ଲକ୍ଷ | କେକେଆର |
| କେ ଏସ୍ ଭରତ | ୧.୨ କୋଟି | ଗୁଜରାଟ |
| ଉପେନ୍ଦ୍ର ଯାଦବ | ୨୫ ଲକ୍ଷ | ସନରାଇଜର୍ସ |
| ମୁକେଶ କୁମାର | ୫.୫ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ଶିଭମ ମାଭି | ୫.୫ କୋଟି | ଗୁଜରାଟ |
| ମନୀଷ ପାଣ୍ଡେ | ୨.୪ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ୱିଲ ଜ୍ୟାକ୍ସ | ୩.୨ କୋଟି | ଆରସିବି |
| ଜୋସୁଆ ଲିଟିଲ | ୪.୪ କୋଟି | ଗୁଜରାଟ |
| ମୟଙ୍କ ଡାଗର | ୧.୮ କୋଟି | ସନରାଇଜର୍ସ |
| ରିଲି ରୋଷୋ | ୪.୬ କୋଟି | ଦିଲ୍ଲୀ କ୍ୟାପିଟାଲ୍ସ |
| ଜୋ ରୁଟ୍ | ୧ କୋଟି | ରାଜସ୍ଥାନ |
| ଶାକିବ୍ ଅଲ ହସନ | ୧.୫ କୋଟି | କେକେଆର |

# ବାଂଲାଦେଶ ୮୦ ରନରେ ପଛୁଆ

ମୀରପୁର,୨୩।୧୨(ପି.ଟି.)

ଭାରତ ବିପକ୍ଷ ଅନ୍ତିମ ଟେଷ୍ଟରେ ବାଂଲାଦେଶ ୮୦ ରନରେ ପଛୁଆ ରହିଛି। ଦ୍ୱିତୀୟ ଦିନର ଷ୍ଟମ୍ପ ଅପସାରଣ ସୁଦ୍ଧା ଘରୋଇ ବାଂଲାଦେଶ ବିନା ଉଇକେଟରେ ୭ ରନ୍ ସଂଗ୍ରହ କରିଛି। ଦ୍ୱିତୀୟ ଦିନରେ ରିଷଭ୍ ପନ୍ତ(୯୩) ଓ ଶ୍ରେୟସ ଆୟାର(୮୭)ଙ୍କ ଲଢୁଆ ଅର୍ଦ୍ଧଶତକ ବଳରେ ଭାରତ ୩୧୪ ରନରେ ଅଲଆଉଟ ହୋଇଥିଲା। ବାଂଲାଦେଶ ପକ୍ଷରୁ ଶାକିବ ଅଲ ହସନ ଓ ତାଇଜୁଲ ଇସଲାମ ୪ଟି ଲେଖାଏ ଉଇକେଟ ନେଇଥିଲେ। ପ୍ରଥମ ଦିନର ଅସମାପ୍ତ ସ୍କୋର ୧୯/୦ରୁ ଖେଳ ଆରମ୍ଭ କରି ଭାରତ ୨୭ ରନରେ ରାହୁଲଙ୍କ ଉଇକେଟ ହରାଇଥିଲା। ଶୁବମନ ଗିଲ୍ ୨୦,ଚେତେଶ୍ୱର ପୂଜାରା ୨୪ ଓ ବିରାଟ କୋହଲି ୨୪ ବଡ ସ୍କୋର କରିବାରେ ବିଫଳ ହୋଇଥିବା ବେଳେ ପନ୍ତ ଓ ଆୟର କିନ୍ତୁ ଦୃଢ ବ୍ୟାଟିଂ କରିଥିଲେ। ଭାରତ ୯୪ ରନରେ ୪ ଉଇକେଟ ହରାଇଥିବା ବେଳେ ଉଭୟ ୧୫୯ ରନ୍ ଯୋଡି ଦଳକୁ ସଙ୍କଟରୁ ଉଦ୍ଧାର କରିଥିଲେ। ବିଶେଷ କରି ସ୍ପିନିଂ ଟ୍ରାକ୍‌ରେ ପନ୍ତ ପ୍ରତିପକ୍ଷ ବୋଲରଙ୍କୁ କାଉଣ୍ଟର ଆଟାକ୍ କରିଥିଲେ। ପନ୍ତ ୧୦୫ ବଲ୍ ଖେଳି ୭ ଚୌକା ଓ ୫ ଛକା ସହିତ ଦ୍ରୁତ ୯୩ ରନ୍ କରିଥିଲେ। ଆୟର ୧୦୫ ବଲ୍ ଖେଳିଥିବା ବେଳେ ୧୦ ଚୌକା ଓ ୨ ଛକା ସହିତ ୮୭ ରନ କରିଥିଲେ। ନିମ୍ନ ମଧ୍ୟକ୍ରମରେ ରବିଚନ୍ଦ୍ରନ ଅଶ୍ୱିନ(୧୨), ଜୟଦେବ ଉନାଡକଟ(୧୪) ଓ ଉମେଶ ଯାଦବ(୧୪) ରନର ଅବଦାନ ଦେବାରୁ ଭାରତୀୟ ଦଳର ସ୍କୋର ୩୦୦ ରନ୍ ପାର କରିଥିଲା। ଭାରତ ୩୧୪ ରନରେ ଅଲଆଉଟ ହୋଇଥିବା ବେଳେ ଦଳ ମହତ୍ତ୍ୱପୂର୍ଣ୍ଣ ୮୭ ରନର ଅଗ୍ରଣୀ ହାସଲ କରିଥିଲା। ବାଂଲାଦେଶ ପକ୍ଷରୁ ଶାକିବ ଅଲ ହସନ ୭୯ ରନରେ ୪ ଓ ତାଇଜୁଲ ଇସଲାମ ୭୪ ରନରେ ୪ ଉଇକେଟ ନେବାରୁ ଭାରତ ଅନ୍ତିମ ୫ ଉଇକେଟ ମାତ୍ର ୬୭ ରନରେ ହରାଇଥିଲା। ମେହିଦୀ ହସନ ମିରାଜ ଓ ଟାସ୍କିନ ଅହମଦ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବାଂଲାଦେଶ ଇନିଂସର ମାତ୍ର ୭ ଓଭର ଖେଳ ସମାପ୍ତ ହୋଇଥିବା ବେଳେ ଦଳ ବିନା କ୍ଷତିରେ ୭ ରନ୍ ସଂଗ୍ରହ କରିଛି।

**ସଂକ୍ଷିପ୍ତ ସ୍କୋର**

ବାଂଲାଦେଶ ପ୍ରଥମ ଇନିଂସ ୨୨୭/୧୦। ଭାରତ ପ୍ରଥମ ଇନିଂସ ୮୬.୩ ଓଭରରେ ୩୧୪/୧୦ (ରିଷଭ ପନ୍ତ–୯୩, ଶ୍ରେୟାସ ଆୟର–୮୭, ବିରାଟ କୋହଲି–୨୪, ତାଇଜୁଲ ଇସଲାମ–୪/୭୪, ଶାକିବ୍‌ଅଲ ହସନ–୪/୭୯, ଟାସ୍କିନ୍ ଅହମଦ–୧/୫୮)। ବାଂଲାଦେଶ ଦ୍ୱିତୀୟ ଇନିଂସ–୭/୦।

# ଓଡ଼ିଶାର ଇନିଂସ ପରାଜୟ

ଡେରାଡୁନ୍,୨୩।୧୨

ଡେରାଡୁନର ଅଭିମନ୍ୟୁ କ୍ରିକେଟକ ଷ୍ଟାଡିୟମରେ ଅନୁଷ୍ଠିତ ରଣଜୀ ଟ୍ରଫିରେ ଉତ୍ତରାଖଣ୍ଡ ବିପକ୍ଷ ମୁକାବିଲାରେ ହାରିଯାଇଛି ଓଡ଼ିଶା। ଅଧିନାୟକ ଜିୱନଜୋତ ସିଂଙ୍କ ଦ୍ୱିଶତକ ଓ ଅଭୟ ନେଗୀଙ୍କ ୫ ଉଇକେଟ ସଫଳତା କାରଣରୁ ଉତ୍ତରାଖଣ୍ଡ ଇନିଂସ ଓ ୯୯ ରନରେ ଓଡ଼ିଶାକୁ ହରାଇଥିଲା। ତୃତୀୟ ଦିନର ଅସମାପ୍ତ ସ୍କୋର ୯୭/୪ରୁ ଖେଳ ଆରମ୍ଭ କରିଥିବା ଓଡ଼ିଶା ଦଳ ଆଉ ମାତ୍ର ୬୮ ରନ୍ ଯୋଡି ୬ ଉଇକେଟ ହରାଇଥିଲା। ଅଭୟ ନେଗୀ ଅନ୍ତିମ ଦିନରେ ୫ ଉଇକେଟ ଅକ୍ତିଆର କରି ବିପର୍ଯ୍ୟୟ ଘଟାଇଥିଲେ।

ତୃତୀୟ ଦିନର ଅସମାପ୍ତ ସ୍କୋରରେ ମାତ୍ର ୪ ରନ୍ ଯୋଡିବା ପରେ କାର୍ତ୍ତିକ ବିଶ୍ୱାଳ ୬ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଅଭିଷେକ ରାଉତ (୧୩) ଓ ଅନୁରାଗ ଷଡଙ୍ଗୀ (୯୩)ଙ୍କ ମଧ୍ୟରେ ୩୯ ରନର ଭାଗୀଦାରି ହୋଇଥିଲା। ଏହି ଯୋଡି ଭାଙ୍ଗିବା ପରେ ଓଡ଼ିଶାର ନିମ୍ନକ୍ରମ ଭୁଶୁଡି ପଡିଥିଲା। ଓପନର ଅନୁରାଗ ଷଡଙ୍ଗୀ ଉତ୍ତରାଖଣ୍ଡ ବୋଲରଙ୍କ ଦୃଢ ମୁକାବିଲା କରିବା ସହିତ ଲଢୁଆ ୯୩ ରନର ଇନିଂସ ଖେଳିଥିଲେ। ୧୫୮ ବଲ ଖେଳି ସେ ୧୭ ଚୌକା ମାରିଥିଲେ। ଅନୁରାଗ, ଶୁଭ୍ରାଂଶୁ ଓ ଅଭିଷେକଙ୍କ ବ୍ୟତୀତ ଓଡ଼ିଶାର କୌଣସି ବ୍ୟାଟର ଦୁଇ ଅଙ୍କ ଛୁଇଁପାରି ନ ଥିଲେ।

**ରଣଜୀ ଟ୍ରଫି**

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ–୨୧୩/୧୦ ଉତ୍ତରାଖଣ୍ଡ ପ୍ରଥମ ଇନିଂସ–୪୭୭/୧୦। ଓଡ଼ିଶା ଦ୍ୱିତୀୟ ଇନିଂସ–୫୭.୫ ଓଭରରେ ୧୬୫/୧୦ (ଅନୁରାଗ ଷଡଙ୍ଗୀ–୯୩, ଅଭିଷେକ ରାଉତ–୧୩, ଶୁଭ୍ରାଂଶୁ ସେନାପତି–୧୩, ଅଭୟ ନେଗୀ–୫/୩୩, ମୟଙ୍କ ମିଶ୍ର–୨/୨୯, ଆକାଶ ମାଧ୍ୱାଲ–୨/୪୦)।

# କୁରାନ୍ ସବୁଠୁ ଦାମୀ

କୋଚି,୨୩।୧୨(ପି.ଟି.)

ଆଇପିଏଲ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳିର ମାନ୍ୟତା ପାଇଛନ୍ତି ଇଂଲଣ୍ଡର ସାମ୍ କୁରାନ୍। ୧୮.୫ କୋଟି ଟଙ୍କାରେ ଇଂଲଣ୍ଡର ଏହି ଯୁବ ଅଲରାଉଣ୍ଡରଙ୍କୁ କିଣିଛି ପଞ୍ଜାବ କିଙ୍ଗ୍ସ। ପୂର୍ବରୁ ଦକ୍ଷିଣ ଆଫ୍ରିକାର କ୍ରିସ୍ ମୋରିସ୍ ୧୬.୨୫ କୋଟିର ପ୍ରାଇସ୍ ଟ୍ୟାଗ୍ ସହିତ ଆପିଏଲର ମହଙ୍ଗା ଖେଳାଳି ରହିଥିବା ବେଳେ ତାଙ୍କ ରେକର୍ଡ ଭାଙ୍ଗିଛନ୍ତି କୁରାନ୍। ଚଳିତ ସିଜିନ୍‌ରେ କେବଳ କୁରାନ୍ ନୁହନ୍ତି ଅନ୍ୟ ବିଦେଶୀ ଖେଳାଳିଙ୍କ ଉପରେ ମଧ୍ୟ ଅର୍ଥ ବର୍ଷା ହୋଇଛି। କାମେରନ୍ ଗ୍ରୀନ୍ ୧୭.୫ କୋଟି ଟଙ୍କାରେ ମୁମ୍ବାଇ ଇଣ୍ଡିଆନ୍ସକୁ ଯାଇଥିବା ବେଳେ ୧୬.୨୫ କୋଟି ଟଙ୍କାରେ ବେନ୍ ଷ୍ଟୋକ୍ସଙ୍କୁ କିଣିଛି ଚେନ୍ନାଇ ସୁପର କିଙ୍ଗ୍ସ। କୁରାନଙ୍କୁ କିଣିବା ପାଇଁ ଚେନ୍ନାଇ ଓ ପଞ୍ଜାବ ମଧ୍ୟରେ କଡା ଟକ୍କର ହୋଇଥିଲା। ଉଇକେଟ କିପର ନିକୋଲାସ ପୁରନ୍‌ଙ୍କୁ ୧୬ କୋଟି ଟଙ୍କାରେ କିଣିଛି ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ। ଅନ୍ୟତମ ଇଂଲଣ୍ଡ ଖେଳାଳି ହ୍ୟାରୀ ବ୍ରୁକ୍‌ଙ୍କୁ ସନରାଇଜର୍ସ ଫ୍ରାଞ୍ଚାଇଜି ୧୩.୨୫ କୋଟି ଟଙ୍କାରେ କିଣିଛି। ଭାରତୀୟ ଖେଳାଳିଙ୍କ ମଧ୍ୟରେ ପଞ୍ଜାବ କିଙ୍ଗ୍ସର ପୂର୍ବତନ ଅଧିନାୟକ ମୟଙ୍କ ଅଗ୍ରୱାଲ ସବୁଠୁ ଦାମୀ ଖେଳାଳି ରହିଛନ୍ତି। ମୟଙ୍କଅଗ୍ରୱାଲଙ୍କୁ ୮.୨୫ କୋଟି ଟଙ୍କାରେ କିଣିଛି ସନ୍‌ରାଇଜର୍ସ ହାଇଦ୍ରାବାଦ। ସେହିପରି ଅନକ୍ୟାପ୍‌ଡ ଅଲରାଉଣ୍ଡର ଭିଭ୍ରାନ୍ତ ଶର୍ମାଙ୍କୁ ସନରାଇଜର୍ସ ୨.୬ କୋଟି ଟଙ୍କାରେ କ୍ରୟ କରିଛି।


ସାମ୍ କୁରାନ୍

# କ୍ରୀଡ଼ାର ଅର୍ଥ ସ୍ୱଚ୍ଛତା, ସଚ୍ଚୋଟତା ଓ ସମ୍ମାନ: ପଙ୍କଜ

## ସ୍ୱସ୍ତି ସିଂ ପାଇଲେ ଏକଲବ୍ୟ ପୁରସ୍କାର

ଭୁବନେଶ୍ୱର, ୨୩।୧୨ (କ୍ରୀଡ଼ା ପ୍ରତିନିଧି)

ଭାରତର ପ୍ରମୁଖ ଫେରୋ ଆଲଏଜ ଉତ୍ପାଦନକାରୀ କମ୍ପାନୀ ଇମ୍ଫାଦ୍ୱାରା ପରିଚାଳିତ ଇଣ୍ଡିଆନ ମେଟାଲ୍ସ ପବ୍ଲିକ ଚାରିଟେବଲ ଟ୍ରଷ୍ଟ (ଇମ୍ପାକ୍ଟ) ଆନୁକୂଲ୍ୟରେ ଏକଲବ୍ୟ ପୁରସ୍କାର ପ୍ରଦାନ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ପ୍ରତିଭା ସମ୍ପନ୍ନ ଅନ୍ତର୍ଜାତୀୟ ଅଭିଜ୍ଞ ସମ୍ପନ୍ନ ସାଇକ୍ଲିଷ୍ଟ ସ୍ୱସ୍ତି ସିଂ ଏହି ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ୨୫ରୁ ଊର୍ଦ୍ଧ୍ୱ ସ୍ନୁକର ଓ ବିଲିୟାର୍ଡ୍ସ ଟାଇଟଲ ବିଜେତା ଭାରତର 'ଗୋଲ୍ଡେନ ବୟ' ପଦ୍ମଭୂଷଣ ପଙ୍କଜ ଆଡଭାନୀ ମୁଖ୍ୟ ଅତିଥିଭାବେ ଏବଂ ଏସିଆନ ଗେମ୍ସ ସିଲଭର ମେଡାଲିଷ୍ଟ ପ୍ରଣତି ମିଶ୍ର ସମ୍ମାନିତ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସ୍ୱସ୍ତିଙ୍କୁ ଟ୍ରଫି, ମାନପତ୍ର ସହ ୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଇମ୍ପାକ୍ଟ ଟ୍ରଷ୍ଟି ତଥା ଏକଲବ୍ୟ ପୁରସ୍କାର କମିଟି ଅଧ୍ୟକ୍ଷ ବୈଜୟନ୍ତ ପଣ୍ଡା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଏହି ସମାରୋହରେ ଅନ୍ତର୍ଜାତୀୟ ମହିଳା ଫୁଟବଲର ପ୍ୟାରୀ ଖାଖା ଓ ହକି ତାରକା ଶୀଳାନନ୍ଦ ଲାକ୍ରାଙ୍କୁ ମାନପତ୍ର ସହ ୫୦,୦୦୦ ଟଙ୍କା ଲେଖାଏ ଦିଆଯାଇ ସମ୍ମାନିତ କରାଯାଇଥିଲା। ସ୍ୱସ୍ତି ଓ ପ୍ୟାରୀ ଉପସ୍ଥିତ ରହି ପୁରସ୍କାର ଗ୍ରହଣ କରିଥିବାବେଳେ ସମ୍ପ୍ରତି ବେଙ୍ଗାଲୁରୁରେ ଭାରତୀୟ ହକି ଦଳର କ୍ୟାମ୍ପରେ ଥିବାରୁ ଶୀଳାନନ୍ଦ ଅନୁପସ୍ଥିତ ରହିଥିଲେ। ତାଙ୍କ ଭାଇ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। କ୍ରୀଡ଼ା କ୍ଷେତ୍ରରେ ଆଗକୁ ବଢୁଥିବାରୁ ଓଡ଼ିଶାକୁ ପଙ୍କଜ ପ୍ରଶଂସା କରିଥିଲେ। "ଓଡ଼ିଶାରେ କ୍ରୀଡ଼ା ଏକ ଉତ୍ସବରେ ପରିଣତ ହୋଇଛି। କ୍ରୀଡ଼ା ଅର୍ଥ ସ୍ୱଚ୍ଛତା, ସଚ୍ଚୋଟତା ଓ ସମ୍ମାନ। ମୋ ମତରେ କ୍ରୀଡ଼ାର ନୀତି କହିଲେ ଏହାକୁ ହିଁ ବୁଝାଏ। ପ୍ରଥମଥରପାଇଁ ମୁଁ ଓଡ଼ିଶା ଆସି ବହୁତ ଖୁସି ଅନୁଭବ କରୁଛି। ଓଡ଼ିଶା ସରକାର କ୍ରୀଡ଼ାପାଇଁ ବହୁତ କିଛି କରୁଛନ୍ତି। ତେଣୁ ଆଗାମୀ ଦିନରେ ଏଠାରୁ ନିଶ୍ଚିତ ଅଧିକରୁ ଅଧିକ କ୍ରୀଡ଼ାବିତ୍ ବାହାରିବେ" ବୋଲି 'ପ୍ରିନ୍ସ ଅଫ ଇଣ୍ଡିଆ'ଭାବେ ପରିଚିତ ପଙ୍କଜ ପ୍ରକାଶ କରିଥିଲେ। ପ୍ରତି ଖେଳାଳିଙ୍କ ଜୀବନରେ ଇମ୍ପାକ୍ଟର ବହୁତ ଗୁରୁତ୍ୱ ରହିଛି ବୋଲି ମୁଁ ଅନୁଭବ କରେ। ଏହା ହିଁ ସେମାନଙ୍କୁ ଆଗକୁ ବଢ଼ିବାରେ ସହାୟକ ହୋଇଥାଏ ବୋଲି କହିଥିଲେ ପଙ୍କଜ। ପ୍ରଣତି ନିଜ ଖେଳ ସମୟକୁ ମନେ ପକାଇବା ସହ ବର୍ତ୍ତମାନ ଏହା ମଧ୍ୟରେ ଆକାଶ ପାତାଳ ପ୍ରଭେଦ ଆସିଥିବା ପ୍ରକାଶ କରିଥିଲେ। ସ୍ୱସ୍ତି କହିଥିଲେ ଯେ, ରାଜ୍ୟ ସରକାରଙ୍କ ସମର୍ଥନ ଯୋଗୁ ମୁଁ ଆଗକୁ ବଢ଼ିବା ସମ୍ଭବ ହୋଇପାରିଛି। ଆଗାମୀ ଦିନରେ ମୁଁ ରାଜ୍ୟ ଏବଂ ଦେଶପାଇଁ ଅଧିକରୁ ଅଧିକ ଗୌରବ ଆଣିବାକୁ ଚେଷ୍ଟା କରିବି। ଏକଲବ୍ୟ ପୁରସ୍କାର କମିଟି ଆବାହକ କିଶୋର ମହାନ୍ତି ଅତିଥିମାନଙ୍କୁ ସ୍ୱାଗତ କରିଥିବାବେଳେ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଶୋଭନା ମିଶ୍ର। ଏହି କାର୍ଯ୍ୟକ୍ରମରେ ଏକଲବ୍ୟ ଜୁରି ସଦସ୍ୟ ଏବଂ ଅନେକ କ୍ରୀଡ଼ାବିତ୍ ଓ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ।



ଅତିଥି, କର୍ମକର୍ତ୍ତା ଓ ଜୁରୀ ସଦସ୍ୟଙ୍କ ସହ ଏକଲବ୍ୟ ପୁରସ୍କାର ବିଜୟିନୀ ସ୍ୱସ୍ତି ସିଂ ଓ ସମ୍ମାନିତ ପ୍ୟାରୀ ଖାଖା।

# ଶେଫ୍‌ଙ୍କ ଅନଧିକାର ପ୍ରବେଶ: ଫିଫାର ସମୀକ୍ଷା


ବିଶ୍ୱକପ୍ ପ୍ରୋଟୋକଲ ଉଲ୍ଲଂଘନ କରି ଶେଫ୍ ଜଣକ ଲିଓନେଲ ମେସିଙ୍କ ସହ ସେଲ୍‌ଫି ନେଉଛନ୍ତି।

## ବିଶ୍ୱକପ୍ ପ୍ରୋଟୋକଲ ଉଲ୍ଲଂଘନ

ଜୁରିଚ୍, ୨୩।୧୨(ଏପି)

କାତାର ବିଶ୍ୱକପ୍ ବେଳେ ଜଣେ ଶେଫ୍ (ରୋଷେୟା)ଙ୍କ 'ଅନଧିକାର ପ୍ରବେଶ'କୁ ନେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ଫିଫା (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ଫୁଟ୍‌ବଲ ଆସୋସିଏଶନ୍ସ)। ଶେଫ୍ ଜଣକ ସଲ୍‌ଟ ବେ' ନାମରେ ପରିଚିତ। ଜଣେ ସେଲିବ୍ରିଟି ଭଳି ସେ ସମସ୍ତ ସୁବିଧା ସୁଯୋଗ ପାଉଥିଲେ। ପଡ଼ିଆରେ ସେ ସ୍ୱର୍ଣ୍ଣ ଟ୍ରଫିକୁ ଧରିଥିଲେ। ତାଙ୍କୁ ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋଙ୍କ ସହ ବହୁ ସମୟ ଦେଖିବାକୁ ମିଳୁଥିଲା। ଆର୍ଜେଣ୍ଟିନା ଖେଳାଳିଙ୍କ ସହ ମିଶୁଥିଲେ। ରବିବାର ଫ୍ରାନ୍ସ ବିପକ୍ଷ ଫାଇନାଲରେ ବିଜୟ ପରେ ସେ ଖେଳାଳିମାନଙ୍କ ସହିତ ଫଟୋ ଉଠାଇଥିଲେ। ଫିଫା କହିଛି ବିଶ୍ୱକପ୍ ଟ୍ରଫି ଦୁର୍ମୂଲ୍ୟ ଆଇକନ୍, ଯାହାକୁ ଖୁବ୍ ସୀମିତ ଲୋକ ସ୍ପର୍ଶ କରିପାରିବେ। ସେମାନଙ୍କ ମଧ୍ୟରେ ପୂର୍ବତନ ଫିଫା ବିଶ୍ୱକପ୍ ବିଜେତା ଏବଂ ରାଷ୍ଟ୍ରମୁଖ୍ୟ ଅନ୍ୟତମ। ଏକ ସମୀକ୍ଷା ପରେ ଡିସେମ୍ବର ୧୮ରେ ଲୁସେଲ ଷ୍ଟାଡିୟମରେ ଉଦ୍‌ଯାପନୀ ଉତ୍ସବ ଚାଲିଥିବା ବେଳେ ଏହି ଶେଫ ଜଣକ କିପରି ପଡ଼ିଆ ଭିତରେ ପ୍ରବେଶ କରିପାରିଲେ ତାହା ସନ୍ଧାନ ନିଆଯାଉଛି। ଏନେଇ ଆଭ୍ୟନ୍ତରୀଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଫିଫା କହିଛି। ଶେଫ୍ ଜଣଙ୍କର ଦୋହାରେ ଏକ ରେସ୍ତୋରାଁ ରହିଛି। ଏହାର ସୁଯୋଗରେ ସେ ବିଶ୍ୱକପ୍ ବେଳେ ଫିଫାର ଅତିଥି ଓ ଭିଆଇପିମାନଙ୍କ ସଂସ୍ପର୍ଶରେ ଆସି ପାରିଥିଲେ। ସେମାନଙ୍କ ସହ ଉଠାଇଥିବା ଫଟୋ ଏବଂ ଭିଡିଓ କ୍ଲିପ୍‌ଗୁଡ଼ିକୁ ସେ ସୋସିଆଲ ମିଡିଆରେ ପୋଷ୍ଟ କରୁଥିଲେ। ଫାଇନାଲ ମ୍ୟାଚ ୩–୩ରେ ରୋମାଞ୍ଚକ ଡ୍ର' ପରେ ଆର୍ଜେଣ୍ଟିନା ପେନାଲ୍ଟି ଶୁଟଆଉଟରେ ବିଜୟ ଲାଭ କରିବା ପରେ ଶେଫ୍ ଜଣକ ପଡ଼ିଆରେ ଲିଓନେଲ ମେସିଙ୍କ ହାତକୁ ଟାଣି ଧରି ଭିଡିଓ ଶୁଟ୍‌କରି ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଆର୍ଜେଣ୍ଟିନା ଫୁଟ୍‌ବଲ ତାରକା ଏଥିରେ ପ୍ରଥମେ ବିରକ୍ତି ପ୍ରକାଶ କରିଥିଲେ କିନ୍ତୁ ପରେ ତାଙ୍କ ସହିତ ଫଟୋ ଉତ୍ତୋଳନ କରିଥିଲେ। ଏହି ଫିଲ୍ମ କ୍ଲିପ୍‌କୁ ଶେଫ୍ ଜଣକ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/21-23. ବାଲେଶ୍ୱର, ଶନିବାର, ଡିସେମ୍ବର ୨୪/୨୦୨୨ Balasore, Saturday, December 24/ 2022

## ସଂକ୍ଷେପରେ

### ଯାଆଁଳା ଶିଶୁ ଉଦ୍ଧାର ଦାରିଦ୍ର୍ୟ ତାଡ଼ନାରେ ମା' ବିକି ଦେବା ଘଟଣା

ମୋରଡା,୨୩।୧୨(ଡି.ଏନ.ଏ.)- ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଭାଲିଆଡିହା ପଞ୍ଚାୟତର ଡାକୋଇ ଅମଣନାମା ଗ୍ରାମର ଜଣେ ମହିଳା ଦାରିଦ୍ର୍ୟ ତାଡନାରେ ତାଙ୍କ ଯାଆଁଳା ସନ୍ତାନଙ୍କୁ ଅସ୍ତିଆ ଓ କାଠପାଳ ଅଞ୍ଚଳର ୨ ବ୍ୟକ୍ତିଙ୍କୁ ବିକ୍ରି କରି ଦେଇଥିଲେ। ଘଟଣା ପ୍ରଚାରିତ ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ମମତାମୟୀ ବିଶ୍ୱାଳଙ୍କ ସୂଚନା ଅନୁଯାୟୀ, ଯାଆଁଳା ଶିଶୁଙ୍କୁ ଚାଇଲ୍ଡ ଲାଇନ ଦ୍ୱାରା ଉଦ୍ଧାର କରାଯିବା ପରେ ଶିଶୁ ମଙ୍ଗଳ ସମିତିରେ ଉପସ୍ଥାପନା କରାଯାଇଛି। ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରାଯାଇ ଏକ ଶିଶୁ ଯତ୍ନ ଅନୁଷ୍ଠାନରେ ଉଭୟଙ୍କୁ ରଖାଯାଇଛି। ପରବର୍ତ୍ତୀ ସମୟରେ ୨ ଶିଶୁଙ୍କୁ ଥଇଥାନ କରାଯିବ ବୋଲି ସେ କହିଛନ୍ତି।

### ପୂର୍ବତନ ପୋଲିସ ଏସ୍‌ଆଇ ଅଟକ

ଜଳେଶ୍ୱର, ୨୩।୧୨(ଡି.ଏନ.ଏ.)-ଜଳେଶ୍ୱର ଥାନାରେ ୨ବର୍ଷ ପୂର୍ବେ ଏସ୍‌ଆଇ ଭାବେ କାର୍ଯ୍ୟରତ ନଗରଦୀପ ସେଠୀଙ୍କୁ ଜଳେଶ୍ୱର ପୋଲିସ ଅଟକ ରଖିଛନ୍ତି। ମୟୂରଭଞ୍ଜ ଜିଲାର ବାଦାମ ପାହାଡ ଥାନାରେ କାର୍ଯ୍ୟରତ ସେଠୀ କିଛିଦିନ ଧରି ଅସୁସ୍ଥ ଥିବା ଦର୍ଶାଇ ଛୁଟିରେ ଅଛନ୍ତି। ଏ ସମ୍ପର୍କରେ ତାଙ୍କ ସ୍ତ୍ରୀ ଜଳେଶ୍ୱର ଥାନାରେ କେତେକ ସଙ୍ଗୀନ ଅଭିଯୋଗ କରିବା ପରେ ପୋଲିସ ଗୁରୁବାର ରାତିରେ ବଡବଜାର ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଘରୁ ତାଙ୍କୁ ଉଦ୍ଧାର କରି ଅଟକ ରଖିଛି। ଏ ସଂପର୍କରେ ଜଳେଶ୍ୱର ଅଂଚଳରେ ଏହା ଆଲୋଚ୍ୟର ବିଷୟ ହୋଇଛି। ଏ ସମ୍ପର୍କରେ ଜଳେଶ୍ୱର ଆଇଆଇସିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ ମତାମତ ମିଳିପାରି ନ ଥିଲା।

### ୨ ଗୋରୁ ବୋଝେଇ ଟ୍ରକ୍ ଜବତ ୬୬ ଗୋରୁ ଉଦ୍ଧାର

ସାରସକଣା,୨୩।୧୨(ଡି.ଏନ.ଏ.) ପଶ୍ଚିମବଙ୍ଗ ଚାଲାଣ ବେଳେ ମୟୂରଭଞ୍ଜ ଜିଲା ଝାରପୋଖରିଆ ଥାନା ପୋଲିସ ୨ ଗୋରୁ ବୋଝେଇ ଟ୍ରକ୍ ଜବତ କରିବା ସହ ୭ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ଉଲୁବେରିଆ ଥାନା ଅଞ୍ଚଳର ଶେଖ ରାଜା, ଶେଖ ଆଜିଜୁଲ, ଶେଖ ନୂଆଲ, ଶେଖ ଦୁଲ୍ଲା, ଫତେପୁର ଗ୍ରାମର ଶେଖ ସାହାଦଦ, ଚଣ୍ଡୀପୁର ଗ୍ରାମର ଶେଖ ସାଇଫୁଲ, ହାତାଲିଗଞ୍ଜର ଶେଖ ସିରାଜୁଲ। ଗୋରୁ ଚାଲାଣ ସମ୍ପର୍କରେ ସୂଚନା ପାଇ ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାଏକ ସଦଳବଳ ବମ୍ବେଛକ ଓଭରବ୍ରିଜ ନିକଟରେ ଜଗି ରହିଥିଲେ। ସେଠାରେ ଏକ ୧୬ଚକିଆ ଟ୍ରକ୍‌କୁ ଅଟକାଇ ଯାଞ୍ଚ ବେଳେ ଗୋରୁ ଚାଲାଣ ହେଉଥିବା ଜାଣିବାକୁ ପାଇଥିଲେ। ଉକ୍ତ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଥିଲେ। ସେହିପରି ବାଲିଆସାହିସ୍ଥିତ ପେଟ୍ରୋଲପମ୍ପ ନିକଟରେ ଅନ୍ୟ ଏକ ୧୬ ଚକିଆ ଟ୍ରକ୍‌କୁ ଜବତ କରିଥିଲେ। ଏନେଇ ଥାନାରେ ଏକ ମାମଲା(ନଂ.୨୯୬/୨୨) ରୁଜୁ ହୋଇଛି। ଜବତ ଗାଡ଼ି ଦୁଇଟିରୁ ମୋଟ ୬୬ ଗୋରୁଙ୍କୁ ଉଦ୍ଧାର କରାଯାଇ ଚାକୁଲିଆ ସ୍ଥିତ ଧାନ ଫାଉଣ୍ଡେସନ ଗୋଶାଳାରେ ଛଡ଼ା ଯାଇଥିବା ପୋଲିସ ସୂଚନା ଦେଇଛି। ଶନିବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ।

# ତଦନ୍ତ କଲେ ସିସିଏଫ୍

- ବାଘ ଚମଡ଼ା ଜବତ, ହାତୀ ମୃତ୍ୟୁ ଘଟଣା
- ହତ୍ୟା ଅଭିଯୋଗ ଆଣିଲେ ମୃତ ବନ କର୍ମଚାରୀଙ୍କ ସ୍ତ୍ରୀ

ବାରିପଦା ଅଫିସ,୨୩।୧୨

ମୟୂରଭଞ୍ଜ ଜିଲା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରୁ ଶିକାର ହୋଇଥିବା ମହାବଳ ବାଘ ଚମଡ଼ା ଜବତ ଘଟଣାରେ ପ୍ରମୁଖ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ କାର୍ଯ୍ୟାଳୟର ସିସିଏଫ୍ ଶୁକ୍ରବାର ତଦନ୍ତ ପାଇଁ ମୟୂରଭଞ୍ଜ ଆସିଛନ୍ତି। ଏକ ପ୍ରତିନିଧି ଦଳ ସହ ବିଭିନ୍ନ ଦିଗକୁ ନେଇ ସେ ତଦନ୍ତ ଆରମ୍ଭ କରିଥିବା ବେଳେ ଶିକାରୀ ଓ ଶିକାରରେ ଜଡିତ ଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ଜାଲ ବିଛାଇଛନ୍ତି। ସେହିପରି ଶିମିଳିପାଳରେ ହାତୀ ଶିକାର ଓ ପ୍ରମାଣ ଲୁଚାଇବା ସକାଶେ ମୃତଦେହ ପୋଡ଼ିବା ଘଟଣାର ପ୍ରତ୍ୟକ୍ଷଦର୍ଶୀ ଅସ୍ଥାୟୀ କର୍ମଚାରୀ ତୁରାମ ପୂର୍ତ୍ତିଙ୍କ ଆତ୍ମହତ୍ୟା ଘଟଣା ଭିନ୍ନ ମୋଡ଼ ନେଇଛି। ମୃତକଙ୍କ ସ୍ତ୍ରୀ ଚିଲମ ପୂର୍ତ୍ତି ତାଙ୍କ ସ୍ୱାମୀଙ୍କୁ ନିଲମ୍ବିତ ଅଧିକାରୀମାନେ ବିଷ ପିଇବାକୁ ବାଧ କରିଥିବା ନେଇ ଯଶୀପୁର ଥାନାରେ ଅଭିଯୋଗ କରିଛନ୍ତି। ଏ ସଂକ୍ରାନ୍ତରେ ପୋଲିସ ଏକ ହତ୍ୟା ମାମଲା (ନଂ. ୩୨୦/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ଶିକାରରେ ଅଧିକାରୀମାନେ ଜଡିତ ରହିବା ଓ ପ୍ରମାଣ ନଷ୍ଟ କରିବା ଆଦି ଘଟଣାକୁ ନେଇ ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ଏହାକୁ ନେଇ ବନବିଭାଗର କର୍ମଚାରୀଙ୍କୁ ଲୋକେ ଭିନ୍ନ ଦୃଷ୍ଟିରେ ଦେଖୁଥିବା ବେଳେ ଏହାର ତଦନ୍ତ ପ୍ରକ୍ରିୟା ଶୀତଳଭଣ୍ଡାରକୁ ଯିବାକୁ ବସିଛି। ଉକ୍ତ ଘଟଣା ସମ୍ପର୍କରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକଙ୍କୁ ଅବଗତ କରିଥିବା ଅସ୍ଥାୟୀ କର୍ମଚାରୀ ତୁରାମ ପୂର୍ତ୍ତିଙ୍କୁ ନିଲମ୍ବିତ ଅଧିକାରୀମାନେ ଗାଳିଗୁଲଜ କରି ଜେଲରେ ଭର୍ତ୍ତି କରିବା ଓ ବିଷ ପିଇବାକୁ ଧମକ ଚମକ ଦେଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ତେବେ ବିଭାଗୀୟ ତଦନ୍ତରେ ଅସନ୍ତୋଷ ବ୍ୟକ୍ତ କରି ସିବିଆଇ ତଦନ୍ତ କରିବାକୁ ଜିଲାର ଅଗ୍ରଣୀ ଅଣ ରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆସନ୍ତା ୨୯ତାରିଖରେ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଆଞ୍ଚଳିକ କ୍ଷେତ୍ର ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଘେରାଉ ସହ ଉପଖଣ୍ଡସ୍ତରରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି। ସେହିପରି ମହାବଳ ବାଘ ଶିକାର କରି ଚମଡ଼ା ବିକ୍ରି କରୁଥିବା ୩ ଅଭିଯୁକ୍ତଙ୍କ ମଧ୍ୟରୁ ୨ଜଣଙ୍କୁ ଏସଟିଏଫ୍ ଗିରଫ କରିଛି। ୯ଦିନ ପରେ ମଧ ଫେରାର ଥିବା ଅନ୍ୟ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବନବିଭାଗ ଓ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି। ରକ୍ଷକ ହୋଇ ଭକ୍ଷକ ସାଜିଥିବା କର୍ମଚାରୀଙ୍କୁ ଚାକିରିରୁ ବହିଷ୍କାର କରି ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରିବାକୁ ପ୍ରାଣୀପ୍ରେମୀମାନେ ମତପ୍ରକାଶ କରିଛନ୍ତି।


ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ସାକ୍ଷାତ୍ କରିଛନ୍ତି ବାଲେଶ୍ୱର ଏମ୍‌ପି ପ୍ରତାପ ଷଡଙ୍ଗୀ। ଓଡ଼ିଶାବାସୀଙ୍କ କଲ୍ୟାଣ ନିମନ୍ତେ ମତାମତ ଦେଇଥିବା ଏମ୍‌ପି ଷଡଙ୍ଗୀ ଟୁଇଟ୍ ଯୋଗେ ଜଣାଇଛନ୍ତି।

## ଡକାୟତି ଘଟଣାରେ ୩ ଗିରଫ

କେନ୍ଦୁଝର,୨୩।୧୨(ସ୍ୱ.ପ୍ର.)

କେନ୍ଦୁଝର ସଦର ଥାନା ପୋଲିସ ଡକାୟତି ଘଟଣାରେ ଟ୍ରକ ମାଲିକ ସମେତ ୩ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ ସଦର ବ୍ଲକ୍ ବରଦାପାଳ ଗ୍ରାମର ସିଦ୍ଧାନ୍ତ ବେହେରା (୨୦), ମୁନା ବେହେରା (୨୨), ବାଂଶପାଳ ବ୍ଲକ୍ କୁମୁଣ୍ଡି ଗ୍ରାମର ସୁଧାଂଶୁ ଖିଲାର(୨୫)। ସମସ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଜଣେ ନାବାଳକ ଥିବାରୁ ତାଙ୍କୁ ଜୁଭେଲାଇନ ହୋମ୍‌କୁ ବିଚାର ପାଇଁ ପଠାଯାଇଥିବା ପୋଲିସ କହିଛି। ପୋଲିସ ସୂଚନା ମୁତାବକ, ସଦର ଥାନା ଅଞ୍ଚଳରେ ଅଗଷ୍ଟ ୨୦୨୨ରେ ମାରଣାସ୍ତ୍ର ଦେଖାଇ ଏକ ଟ୍ରକରୁ ଅଭିଯୁକ୍ତମାନେ ୧୦ ଟାୟାର ନେଇଯାଇଥିଲେ। ଉତ୍ତରପ୍ରଦେଶର ତାଜାମୁଲ ହୁସେନ ନାମକ ଟ୍ରକ୍ ମାଲିକଙ୍କ ଏତଲା କ୍ରମେ ପୋଲିସ ନଂ.୩୯୫/୨୨ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ବେଳେ ଜଣେ ନାବାଳକଙ୍କ ସମେତ ତିନି ଜଣଙ୍କ ସମ୍ପୃକ୍ତି ଥିବା ଜାଣିବାକୁ ପାଇଥିଲା। ଟାୟାର ଗୁଡ଼ିକୁ ଅଭିଯୁକ୍ତମାନେ ନିଜ ନିଜର ଟ୍ରକ୍‌ରେ ଲଗାଇଥିବା ପୋଲିସ ଜାଣିବା ପରେ ଚଢ଼ାଉ କରିଥିଲା। ଚଢ଼ାଉ କରି ଅଭିଯୁକ୍ତଙ୍କୁ ଧରିବା ସହ ଚୋରି ଟାୟାର ଲାଗିଥିବା ୨ ଟ୍ରକ୍ ଓ ଗୋଟିଏ ବୋଲେରୋକୁ ପୋଲିସ ଜବତ କରିଥିଲା। ଘଟଣାର ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ସୁନିଲ କର କହିଛନ୍ତି।

# ଦୋଷୀଙ୍କୁ ୭ ବର୍ଷ ଜେଲ୍

## ବଳାତ୍କାର ପରେ ନାବାଳିକା ଗର୍ଭବତୀ ହେବା ମାମଲା

ବାଲେଶ୍ୱର ଅଫିସ,୨୩।୧୨

ନାବାଳିକାଙ୍କୁ ବଳାତ୍କାର କରି ୭ ମାସ ଗର୍ଭବତୀ କରିବା ମାମଲାର ବିଚାର କରି ଶୁକ୍ରବାର ବାଲେଶ୍ୱର ଅତିରିକ୍ତ ଜିଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଜଜ୍ (ପୋକ୍‌ସୋ) ରଞ୍ଜନ କୁମାର ସୂତାର ଅଭିଯୁକ୍ତ ତାଙ୍କ ବଡ଼ବାପା ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୭ବର୍ଷ ଜେଲଦଣ୍ଡ ସହ ୧୦ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଆଉ ୨ବର୍ଷ ଜେଲ୍ ଭୋଗିବାକୁ ରାୟରେ କୁହାଯାଇଛି।

ଉକ୍ତ ନାବାଳିକାଙ୍କ ମା'ବାପା କୌଣସି କାର୍ଯ୍ୟରେ ବାଲେଶ୍ୱର ସହର ପତୁଆଁପଦାସ୍ଥିତ ମାମୁ ଘରକୁ ଆସିଥିଲେ। ଘରେ ସାନଝିଅ (ନାବାଳିକା) ରହିଥିଲେ। ସନ୍ଧ୍ୟା ସମୟରେ ସେ ଟିଭି ଦେଖୁଥିବା ବେଳେ ତାଙ୍କ ବଡ଼ବାପା ପୁଅ ଭାଇ ଘର ଭିତରକୁ ଆସି କବାଟ ବନ୍ଦ କରି ଟିଭି ସାଉଣ୍ଡ ବଢ଼ାଇ ଦେଇଥିଲେ। ପରେ ନାବାଳିକା ଭଉଣୀଙ୍କୁ ବଳାତ୍କାର କରିଥିଲେ। କିଛି ସମୟ ପରେ ନାବାଳିକା ଘରୁ ବାହାରି ଏ ବିଷୟରେ ତାଙ୍କ ଅନ୍ୟଜଣେ ଦାଦାଙ୍କୁ ଜଣାଇଥିଲେ ମଧ୍ୟ ସେ ଏହି ଘଟଣା କାହାରିକୁ କହିଲେ ଜୀବନରୁ ମାରିଦେଇ ନଦୀକୁ ଫିଙ୍ଗିଦେବାକୁ ଧମକ ଦେଇଥିଲେ। ଭୟରେ ନାବାଳିକା ଜଣକ କାହାରିକୁ କିଛି ନ କହି ଚୁପ୍‌ଚାପ୍ ରହିଯାଇଥିଲେ। ଦୀର୍ଘ ୭/୮ମାସ ପରେ ନାବାଳିକାଜଣକ ଗର୍ଭବତୀ ଥିବା ଜାଣିପାରି ସମସ୍ତ ଘଟଣା ଅବଗତ ହେଲେ। ଏନେଇ ବସ୍ତା ଥାନାରେ ଗତ ୨୦୧୭ ଜୁଲାଇ ୭ ତାରିଖରେ ଲିଖିତ ଅଭିଯୋଗ କରାଯାଇଥିଲା। ଥାନା ପକ୍ଷରୁ ମାମଲା (ନଂ. ୨୨୨/୨୦୧୭) ରୁଜୁ କରାଯାଇ କୋର୍ଟରେ ବିଚାରାଧୀନ ଥିଲା। ୧୩ଜଣଙ୍କ ସାକ୍ଷ୍ୟ ଓ ୧୭ ଦସ୍ତାବିଜ୍‌କୁ ଭିତ୍ତି କରି ବିଚାରପତି ସୂତାର ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପ୍ରଣବ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।

## ପଞ୍ଜାବ କରାଟେ ଚାମ୍ପିୟନଶିପ୍‌କୁ ଉପାସନା ମନୋନୀତ


ଉପାସନା ଅତିଥିମାନଙ୍କଠାରୁ ମାନପତ୍ର ଗ୍ରହଣ କରୁଛନ୍ତି।

ଯୋଡ଼ା,୨୩।୧୨(ଡି.ଏନ.ଏ.)

ପଞ୍ଜାବ ରାଜ୍ୟରେ ହେବାକୁ ଥିବା ଜାତୀୟସ୍ତରୀୟ କରାଟେ ଚାମ୍ପିୟନଶିପରେ ଭାଗ ନେବା ପାଇଁ କେନ୍ଦୁଝର ଓଏମ୍‌ସି ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀ ଉପାସନା ପୋଦାର ମନୋନୀତ ହୋଇଛନ୍ତି। ଚଳିତମାସ କରାଟେ ଗ୍ରେଡେସନ ପାଇଁ ଓଏମ୍‌ସି ମଲଟି କମ୍ପ୍ଲେକ୍ସଠାରେ ଏକ ପ୍ରଶିକ୍ଷଣ ଶିବିରର ଆୟୋଜନ କରାଯାଇଥିଲା। ଏଥିରେ ସମୁଦାୟ ୩୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଉପାସନାଙ୍କ ସମେତ ଚିରସ୍ମିତା ପରିଡ଼ା, ନୈତିକ ମୁଣ୍ଡା, ମେହେକ ମୁଣ୍ଡା ଓ ଅନୁପ୍ରିୟା ସାହୁଙ୍କୁ ମାଷ୍ଟର ଅନୀଲ ସିଂହ, ମାଷ୍ଟର ସନ୍ଦୀପ ଗୁପ୍ତା ଚୟନ କରିଥିଲେ। ସେମାନଙ୍କ ମଧ୍ୟରୁ ଉତ୍ତମ ପ୍ରଦର୍ଶନ କରିଥିବା ଉପାସନା ପଞ୍ଜାବରେ ହେବାକୁ ଥିବା ଜାତୀୟସ୍ତର କ୍ରୀଡ଼ାକୁ ମନୋନୀତ ହୋଇଥିଲେ। ଡିଏଭି ସ୍କୁଲ ଅଧ୍ୟକ୍ଷ ସୌମେନ୍ଦ୍ର ନାୟକ ଏବଂ ଖଣି ପରିଚାଳକ ବିବେକାନନ୍ଦ ମଲ୍ଲିକ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

# ୪ବର୍ଷର ଶିଶୁ ଉପରେ ମାଡ଼ିଗଲା ବସ୍

## ଗାଡ଼ି ଭଙ୍ଗାରୁଜା କଲେ ଉତ୍ତ୍ୟକ୍ତ ଲୋକେ

ଭଦ୍ରକ ଅଫିସ, ୨୩।୧୨

ଭଦ୍ରକ-ଚାନ୍ଦବାଲି ରାସ୍ତାର ବାଇପାସ୍ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶୁକ୍ରବାର ସନ୍ଧ୍ୟାରେ ଏକ ବସ୍ ମାଡ଼ିଯିବାରୁ ୪ବର୍ଷର ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ଉତ୍ତ୍ୟକ୍ତ ଲୋକେ ଦୁର୍ଘଟଣା ଘଟାଇଥିବା ବସ୍‌କୁ ଭଙ୍ଗାରୁଜା କରିବା ସହ ମୃତଦେହ ରଖି ହୋହଲ୍ଲା କରିଥିଲେ। ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ ଓ ଟାଉନ ଥାନାଧିକାରୀ ଉମାଶଙ୍କର ନାୟକ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରି ମୃତଦେହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ ବସ୍‌କୁ ଜବତ କରି ଥାନାକୁ ନେବା ସହ ଚାଳକଙ୍କୁ ଅଟକ ରଖାଯାଇଛି।

ମୃତ ଶିଶୁକନ୍ୟା ହେଲେ ତିହିଡ଼ି ଅଲ୍ଲୀନଗର ଗ୍ରାମର ବସିର ଖାଁଙ୍କ ଝିଅ ରଜିୟା ଖାତୁନ। ରଜିୟାଙ୍କ ଜେଜେମା' ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଜେଜେମା'ଙ୍କୁ ଦେଖିବା ପାଇଁ ସେ ତାଙ୍କ ବାପାଙ୍କ ସହ ବାଇକ୍‌ରେ ଭଦ୍ରକ ଆସୁଥିଲେ। ଉକ୍ତ ସ୍ଥାନରେ ପଛରୁ ଆସୁଥିବା ବସ୍ ବାଇକ୍‌କୁ ଧକ୍କା ଦେବାରୁ ସେ ତଳେ ପଡ଼ିଯାଇଥିଲେ। ବସ୍ ଚକା ତାଙ୍କ ମୁଣ୍ଡ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା।

# ଜ୍ୟାକେଟରୁ ଚିହ୍ନଟ ହେଲେ ଅଭିଯୁକ୍ତ

- ସୁନା ଦୋକାନରୁ ଚୋରି ଘଟଣାର ପର୍ଦ୍ଦାଫାଶ
- ୨ ଗିରଫ, ଅଳଙ୍କାର ଜବତ

ବାସୁଦେବପୁର, ୨୩।୧୨(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ଥାନା ଅଧୀନ ମୁଖ୍ୟ ସହରସ୍ଥିତ କଲେଜ ରୋଡ୍‌ରୁ ଗତ ୧୬ ତାରିଖ ରାତିରେ ଚନ୍ଦନ ଜୁଏଲେରୀ ଓ ୱାର୍କସପ୍‌ରୁ ଚୋରି ହୋଇଥିଲା। ସପ୍ତାହ ପରେ ବାସୁଦେବପୁର ପୋଲିସ ଚୋରି ଘଟଣାର ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ପୋଲିସ ୨ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଚୋରି କରିଥିବା ବିଦେଇପୁର ଗ୍ରାମର ସତ୍ୟଜିତ ମଲିକ ଓ ଚୋରି ସାମଗ୍ରୀ ରଖିଥିବା ସାନକୃଷ୍ଣପୁର ପଞ୍ଚାୟତର କୋଡ଼ିଏଚେନ ଗ୍ରାମର ନନ୍ଦୁ ଜେନା। ସେମାନଙ୍କଠାରୁ ଦେଢ଼ କିଲୋରୁ ଉର୍ଦ୍ଧ୍ୱ ରୁପା ଅଳଙ୍କାର ଓ ଦୁଇଟି ସୁନାଚେନ, ୧୨ ସୁନା ଲକେଟ ଓ ସୁନା ଚିତା ଜବତ କରାଯାଇଥିବା ଶୁକ୍ରବାର ଅପରାହ୍ନରେ ବାସୁଦେବପୁର ଥାନାରେ ଏକ ଖବରଦାତା ସମ୍ମିଳନୀରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ କହିଛନ୍ତି। ଆଇଆଇସି ସାବିତ୍ରୀ ପଣ୍ଡା ଚୋରି ଓ ଚୋରି ସାମଗ୍ରୀ ଉଦ୍ଧାର ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଅଛନ୍ତି। ସୁନା ଦୋକାନ ମାଲିକ ବାପୁନୁ ଖଟୁଆଙ୍କ ଅଭିଯୋଗକ୍ରମେ ବାସୁଦେବପୁର ଥାନାରେ ମାମଲା (ନଂ. ୫୮୮/୨୨) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, କିଛିମାସ ତଳେ ଏକ ଚୋରି ଘଟଣାରେ ସତ୍ୟଜିତ ଗିରଫ ହୋଇ ଜେଲରେ ଥିବାବେଳେ ସେଠାରେ ନନ୍ଦୁଙ୍କ ସହ ସାକ୍ଷାତ ହୋଇଥିଲା। ନନ୍ଦୁ ନିଜ ପତ୍ନୀ ମୃତ୍ୟୁ ମାମଲାରେ ଜେଲରେ ଥିଲେ। କିଛିଦିନ ପୂର୍ବେ ଉଭୟ ଜେଲରୁ ମୁକୁଳିଥିଲେ। ଗତ ୧୬ ତାରିଖ ରାତିରେ ସତ୍ୟଜିତ ଓ ତାଙ୍କର ଜଣେ ସହଯୋଗୀ ଉକ୍ତ ଗହଣା ଦୋକାନରୁ ଚୋରି କରି ନନ୍ଦୁଙ୍କ ପାଖରେ ଲୁଚାଇ ରଖିଥିଲେ। ଚୋରିର ଦିନକ ପୂର୍ବରୁ ସତ୍ୟଜିତ ଏକ ଜ୍ୟାକେଟ ପିନ୍ଧି ସୁନା ଦୋକାନକୁ ଯାଇଥିଲେ। ପରଦିନ ଚୋରି ହୋଇଥିଲା। ସିସିଟିଭି ଫୁଟେଜ ଆଧାରରେ ସତ୍ୟଜିତ ପିନ୍ଧିଥିବା ଜ୍ୟାକେଟର ୩ଟି ନାଲିଗାରକୁ ପୋଲିସ ଚିହ୍ନଟ କରି ତାଙ୍କ ଘରେ ଚଢ଼ାଉ ପୂର୍ବକ ଧରିଥିଲା।




# ଲୁହାପଥର ପରିବହନକୁ ନେଇ ବିବାଦ

## ଜମି ମାଲିକ-ପରିବହନ ସଂସ୍ଥା ମୁହାଁମୁହିଁ

କେନ୍ଦୁଝର,୨୩।୧୨(ସ୍ୱ.ପ୍ର.)

କେନ୍ଦୁଝରଗଡ଼ ରେଳ ଷ୍ଟେଶନ ନିକଟରେ ବେଆଇନ ଭାବରେ ଗଚ୍ଛିତଥିବା ଲୁହାପଥର ଗୁଣ୍ଡର ପରିବହନକୁ ନେଇ ବିବାଦ ଦେଖାଯାଇଛି। ଓଡ଼ିଶା ଖଣି ନିଗମ(ଓଏମ୍‌ସି)ପକ୍ଷରୁ ହୋଇଥିବା ନିଲାମ ପରେ ଏକ ସଂସ୍ଥା ଶୁକ୍ରବାର ପରିବହନ ଆରମ୍ଭ କରିଥିଲା। ଉକ୍ତ ଲୁହାଗୁଣ୍ଡ ବହୁ ବର୍ଷ ଧରି ପଡ଼ି ରହିଥିବାରୁ ଜମିର ଉର୍ବରତା ନଷ୍ଟ ହୋଇଯାଇଛି। ଏନେଇ ଭଡ଼ା ଦାବିରେ ଜମି ମାଲିକ ପରିବହନ ବନ୍ଦ କରିବାକୁ ଉଦ୍ୟମ କରିବାରୁ ବିବାଦ ଦେଖାଦେଇଥିଲା। ଏହାକୁ ନେଇ ହାତାହାତି ପରିସ୍ଥିତି ଉପୁଜିବାରୁ ପୋଲିସ ଉପସ୍ଥିତିରେ ପରିବହନ କରାଯାଇଥିଲା।

ପ୍ରକାଶ ଯେ, ୨୦୦୪ ରେ ଉକ୍ତ ସ୍ଥାନରେ ଲୁହାପଥର ସାଇଡିଂ କରାଯାଇ ଲୁହାପଥର ପରିବହନ ହେଉଥିଲା। ଏହାକୁ ୨୦୦୮ରେ ବନ୍ଦ କରିଦିଆଯାଇଥିଲା। ଉକ୍ତ ସ୍ଥାନରେ ୧୨୭୪ ମେଟ୍ରିକ ଟନ୍‌ର ଲୁହାପଥର ଗୁଣ୍ଡ ମାସିକ ଭଡ଼ାରେ ରଖିବା ପାଇଁ ଜମି ମାଲିକଙ୍କ ସହିତ ବ୍ୟବସାୟୀ କଥା ହୋଇଥିଲେ। ଉକ୍ତ ବ୍ୟବସାୟୀ ଭାଜପାର ନେତା ହୋଇଥିବାରୁ ବିଶ୍ୱାସ କରି ଲୋକେ ମାସିକ ଭଡ଼ାରେ ସେହି ଜାଗା ଛାଡ଼ିଥିଲେ ବୋଲି ଜଣେ ଜମି ମାଲିକ ଚଗଲୁ ନାଏକ କହିଛନ୍ତି। ପାଖାପାଖି ୮ ଲୋକଙ୍କ ୫ ଏକର ଜମିରେ ଏହି ଲୁହାପଥର ଗୁଣ୍ଡ ଜମା ହୋଇଥିଲା। ପରବର୍ତ୍ତୀ ସମୟରେ ଲୁହାପଥର ଗୁଣ୍ଡକୁ ଖଣି ବିଭାଗ ଜବତ କରିଥିଲା। ଏହାର ଦାବିଦାର କେହି ନ ଆସିବାରୁ ନିୟମାନୁଯାୟୀ ଓଡ଼ିଶା ଖଣି ନିଗମ ନିଲାମ କରିଥିଲେ ବୋଲି ଖଣି ଉପନିର୍ଦ୍ଦେଶକ ସଲିଲ ବେହେରା କହିଛନ୍ତି। ନିଲାମ ଧରିଥିବା ସଂସ୍ଥା ଲୁହାପଥର ନେବାକୁ ଉଦ୍ୟମ କରିବା ବେଳେ ଜମି ମାଲିକମାନେ ଭଡ଼ା ଦାବି କରିଥିଲେ। ଫଳରେ ବିବାଦ ଉପୁଜିଥିଲା। ପରେ ପୋଲିସ ମୁତୟନ କରାଯାଇ ପରିବହନ ଚାଲିଥିବା ବେଳେ ନ୍ୟାୟ ପାଇଁ ଜମି ମାଲିକମାନେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏନେଇ ଟାଉନ ଥାନା ଅଧିକାରିଣୀ ପ୍ରମୋଦିନୀ ସାହୁ କହିଛନ୍ତି, ଉଭୟ ପକ୍ଷଙ୍କୁ ଡକାଯାଇଛି। ଆଲୋଚନା ଓ କାଗଜପତ୍ର ଯାଞ୍ଚ ପରେ ପଦକ୍ଷେପ ନିଆଯିବ।


ଜମି ମାଲିକ ଟ୍ରକ୍ ଅଟକାଇଛନ୍ତି ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ